ପ୍ରାଚୀ ଗ୍ରନ୍ଥମାଳା — ଏକବିଂଶ

ଚଉତିଶା-ସମ୍ପୁଟ

୪

ପ୍ରାଚୀ

ପ୍ରାଚୀ ସମିତି

Digitized by srujanika@gmail.com

ଚଉତିଶା-ମଧୁଚକ୍ର

(ଚତୁର୍ଥ ଖଣ୍ଡ)

ପ୍ରାଚୀ ସମିତି ପକ୍ଷରୁ

ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବି. ଏ. ଙ୍କ

ଦ୍ୱାରା ସଙ୍କଳିତ

ଓ

ଚଉତିଶା ଚନ୍ଦ୍ରିକା ଟୀକା ସହ

ସମ୍ପାଦିତ

ପ୍ରକାଶକ :—

ପ୍ରାଚୀ ସମିତି, କଟକ

ମୂଲ୍ୟ ଅ୦ଅଣା

Digitized by srujanika@gmail.com

ପ୍ରଥମ ମୁଦ୍ରଣ
ଏକ ସହସ୍ର

Copy right strictly reserved by the Samiti

ଏକମାତ୍ର ପ୍ରାପ୍ତିସ୍ଥାନ :—
ପ୍ରାଚୀ ବୁକ୍‌ଷ୍ଟଲ୍
ଗଣେଶଘାଟ ପୋ: ଅ: ଗୃହକାଟୋକ,
କଟକ

Digitized by srujanika@gmail.com

ସୂଚୀ

ବିଷୟ ପୃଷ୍ଠାଙ୍କ

୩୪ଶ କୋଷ — ମନାଙ୍କନା ଚଉତିଶା (ବିଷ୍ଣୁଦାସ) ୧-୧୬

୩୫ଶ କୋଷ — ବର୍ଷାଭାବନା ଚଉତିଶା (ବିଷ୍ଣୁଦାସ) ୧୭-୨୯

୩୬ଶ କୋଷ — କେଳିକଳ୍ପଦ୍ରୁମ ଚଉତିଶା (ଧନଞ୍ଜୟ ଭଞ୍ଜ) ୩୦-୩୯

୩୭ଶ କୋଷ — ପ୍ରେମଚନ୍ଦ୍ରାମୃତ ଚଉତିଶା (ସାଧୁଚରଣ ଦାସ) ୪୦-୪୬

୩୮ଶ କୋଷ — ଦୂତୀ ଚଉତିଶା (ବଳରାମ ଦାସ) ୪୭-୫୦

୩୯ଶ କୋଷ — ଅଭଲ୍ଲା ଚଉତିଶା (ଦାଶରଥି ଦାସ) ୫୧-୬୪

୪୦ଶ କୋଷ — ବା ଚଉତିଶା (ଲୋକନାଥ) ୬୫-୭୧

୪୧ଶ କୋଷ — ବା ଚଉତିଶା (ବିପ୍ର କପିଳ) ୭୨-୭୮

୪୨ଶ କୋଷ — କଳସା ଚଉତିଶା (ବଚ୍ଛ ଦାସ) ୭୯-୮୫

୪୩ଶ କୋଷ — ରସକୁଲ୍ୟା ଚଉତିଶା (ଦାମୋଦର) ୮୬-୯୬

୪୪ଶ କୋଷ — ସାନକନଡ଼ା ଚଉତିଶା (ଦନାଇ ଦାସ) ୯୭-୧୦୬

୪୫ଶ କୋଷ — କଳିଗମନ ଚଉତିଶା (ନୃସିଂହ ରାୟ) ୧୦୭-୧୧୩

Digitized by srujanika@gmail.com

ପ୍ରାଚୀ ସମିତିର ପ୍ରକାଶିତ

ଉତ୍କଳର

ଭକ୍ତବର **ଦୀନକୃଷ୍ଣ ଦାଶ**ଙ୍କର

ନୂତନ କାବ୍ୟ

ଜଗମୋହନ ଛାନ୍ଦ

କବି ପୁରୀରେ ଥିଲାବେଳେ ଜଗନ୍ନାଥଙ୍କର ସମସ୍ତ ଯାତ୍ରା ଦର୍ଶନ କରି ନିଜର ଅନୁଭୂତିକୁ ସୁନ୍ଦର, କମନୀୟ ଭାଷାରେ ବର୍ଣ୍ଣନା କରିଅଛନ୍ତି । ପାଠକଲେ ଏକାବେଳକେ ଭକ୍ତିରେ ଓ ସୁନ୍ଦର ସାହିତ୍ୟିକ ବର୍ଣ୍ଣନା ଚାତୁରୀରେ ବିହ୍ୱଳ ହେବାକୁ ହୁଏ ।

ମୂଲ୍ୟ ଆଠଅଣା ମାତ୍ର

ବାଙ୍କୀ ନିବାସୀ

ଶ୍ରୀ ପଦ୍ମନାଭ ହରିଚନ୍ଦନଙ୍କର

ଶଶୀରେଖା

ନୂତନ କାବ୍ୟ

ପ୍ରକାଶିତ ହେଲା ! ପ୍ରକାଶିତ ହେଲା ! !

ସାହିତ୍ୟରସିକେ ! ପ୍ରାଚୀର ଉତ୍କଳ-ସାହିତ୍ୟକୁ ନୂତନ ଦାନ ଗ୍ରହଣ କର — ସାହିତ୍ୟସେବା ପୂର୍ଣ୍ଣ କର । ଶଶୀରେଖା ବାଳାର ପ୍ରଣୟ ଚରିତ ଲାବଣ୍ୟବତୀ ପରି କାବ୍ୟକଳାରେ ଚିତ୍ରିତ । ଶବ୍ଦ ସମାବେଶ କମନୀୟ, ରଚନା-ଚାତୁରୀ ଅଦ୍ଭୁତ । ପାଠକଲେ ରସିକ ମାନେ ମାତିବେ ।

Digitized by srujanika@gmail.com

ଚଉତିଶା ମଧୁଚକ୍ର

ମନ୍ଦାକିନୀ ଚଉତିଶା

ଉତ୍କଳର 'ଧୃତ'—ଚଉତିଶାମାନଙ୍କ ମଧ୍ୟରେ ମନ୍ଦାକିନୀ ଚଉତିଶା ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିବ । ଏହା ଏ ପର୍ଯ୍ୟନ୍ତ ଲୋକ ଲୋଚନ ଗୋଚରକୁ ଆସି ନଥିଲା । ବିଷ୍ଣୁଦାସଙ୍କ ପ୍ରତିଭାର ବିଶିଷ୍ଟ ମୁଦ୍ରା ଏହା ଉପରେ ସ୍ପଷ୍ଟ ଅଙ୍କିତ ଅଛି । ପୁରାତନ କବିତାର ଚରମୋତ୍କର୍ଷ ଆମ୍ଭେମାନେ ଯେଉଁ ଉକ୍ତିର ବୃତ୍ତିରେ, ବିଷ୍ଣୁଦାସଙ୍କ କବିତା ଏହି ଚରମୋତ୍କର୍ଷର ଯେ ଅନ୍ତର୍ଭୁକ୍ତ କହିବା ବାହୁଲ୍ୟ ।

ରାଗ—କାମୋଦୀ

କୃପାଲୋଲଲୋଚନା   କଳକଣ୍ଠବଚନା
କନକ-ପ୍ରତିମ-ବରନା
କୁନ୍ଦସୁନ୍ଦରଦନ୍ତୀ   କମନୀୟ ମୂରତି
କନକକମଳବଦନା ରେ
ମନ୍ଦାକିନୀ !
କଣ୍ଠକ ମୋଦୋପାଇଁ ଯିବୁ
କୋମଳେ ପ୍ରେମନ୍ତ କହିବୁ
କରୀନ୍ଦ୍ରୀଡ଼ାଗମନା !   କୃପା କରିବୁ ଯେବେ
ରସିକ ଯୁବା ଜୀଆଇବୁ ରେ
ମନ୍ଦାକିନୀ ! । ୧ ।

Digitized by srujanika@gmail.com

ଖଞ୍ଜନନୟନା ସେ   କୋମଳା ସୁଦୟାଳୁ
ହେବ ମୋହୋ ଉପଗତ
ଖଣ୍ଡେନ୍ଦୁଶେଖରହିଁ   କରିବେ ସେ ଦୟାଳୁ
ମଙ୍ଗଳ ହୋଇବ ଜୀବତ ରେ
ମନ୍ଦାକିନ !
ଖର ଅପାଙ୍ଗ ଚନ୍ଦ୍ରମୁଖୀ
ଖେଳନ୍ତା ନେତ୍ରାନ୍ତେ ଅନାଇଁ
ଖଣ୍ଡା ମଦନ ହାଥେ   ଶାଣ ଧରି ମୁଁ ଦେଲି
ଆପଣା ଶିର ଛେଦ ପାଇଁ ରେ
ମନ୍ଦାକିନ ! ।୨।

ଗାଢ଼ହୃଦୟା ଯେଣୁ   ମୋହୋର ଅନୁନୟ
ଶୁଣିଲେ ବଢ଼ିବ ମଦନ
ଦୃଢ଼ ହୃଦୟ ହେଲେ   ଭିତରେ ସୁସରସ
କୁମୁଦନାୟିକା ଯେସନ ରେ
ମନ୍ଦାକିନ !
ଗର୍ବ ମନରେ ନ କରିବୁ
ଗୁପତ ସମୟ ଠାବରୁ
ଗନ୍ଧର୍ବସତ୍ତ୍ୱା ମନ   ଯେମନ୍ତେ ମୋହୋଠାରେ
ବଳଇ ହେମନ୍ତ କରିବୁ ରେ
ମନ୍ଦାକିନ ! ।୩।

ଘନଜଘନା ନିତମ୍ବେ   ଦେଖିବ ମୋ ବେଦନା
ଯେନାନ୍ତ ବନ୍ଧିବୁ ଯେମନ୍ତ

Digitized by srujanika@gmail.com

ଘଟଣ ତୋ ବଦନ ଦରଶନ ବାଞ୍ଛନେ
ମଦନ ହୋଇଲା କୃତାନ୍ତ ରେ
ମନ୍ଦାକିନୀ !
ଘେନିବ ଜୀବନ ତାହାର
ଘନସ୍ତନି ! ଭୁ ପ୍ରତିକାର
ଘେନିବୁ ଯେବେ ଯେ ବି— ନାମ ଶ୍ରବଣ ପଥେ
ଜୀବନ ହୋଇବ ତୋହୋର ରେ
ମନ୍ଦାକିନୀ ! ।୪।

ଙଳନ ଇନ୍ଦୀବର ନୀଳକଣ୍ଠ ଚକୋର
ମଦର ମୀନ କାମଶର
ନୟନ ତୁଳନାକୁ କହିଁ ଗୁଣେ ଯେ ସମ
ଚଞ୍ଚଳାୟତଲୋଚନାର ରେ
ମନ୍ଦାକିନୀ !
ନାଗରୀଗଣ ମୋତେ ଚାହିଁ
ମୋହ ମନ୍ତ୍ରରେ ଭୁଲାଇ
ନ ଚାହିଁଲା ପରାୟେ କଲ ସେ ଚାହିଁ ଗଲା
ନୟନରୁ ତା ଯାଉ ନାହିଁ ରେ
ମନ୍ଦାକିନୀ ! ।୫।

ଚତୁର ପଣ ତାର ଲଘିବାକୁ ଗୋଚର
ନୋହଇ ସମସ୍ତ ପ୍ରକାରେ
ଚଳିବା ବିନା ଯଥା ସଦା ଗୁପତ ହୋଇ
ଅଚଳ ଥାଇ ବିଚଳନରେ ରେ
ମନ୍ଦାକିନୀ !

Digitized by srujanika@gmail.com

ଚମତ୍କାର ଏହି ତାର
ଚଞ୍ଚଳାସ୍ୱତନସ୍ୱନାର
ଗୃହିଁବା ମାତ୍ରେ ଅନା— ସ୍ପୃସରେ କହିଯାଇ
ଅସୀତ୍କ ର ସୀତ୍କାର ରେ
ମନାଞ୍ଜନ ! । ୬ ।

ଛୁଅନ୍ତାଲୁ ସିନ୍ଧିଁ,ଣୀ ଛଇଲରେ ଗୃହାଣୀ
ଶୁଣିଲେ ବନସ୍ପୃ ମୋଦୋର
ଛାଡ଼ ସମସ୍ତ କ୍ଳେଷ ମନୋଗତ ବିଳାସ
ଉତ୍ସାହ ବଢ଼ିବ ତାହାର ରେ
ମନାଞ୍ଜନ !
ଛୀନୋଦଣ୍ଡ ମନ ନ ପାଇ
ଛାଡ଼ ପଡ଼ିବ ଭୂମ୍ୟେ ନାହିଁ
ଛୁଉମଣ୍ଡନା ଯେବେ ପନେ ଆନ ଯେନବ
ଏମନ୍ତ କହିବୁ ବୁଝାଇ ରେ
ମନାଞ୍ଜନ ! । ୭ ।

ଯଥା ସିନ୍ଦୂର ରଙ୍ଗ ମସ୍ତକରେ ମଣ୍ଡନ
ଚନ୍ଦନ ସର୍ବାଙ୍ଗ ମଣ୍ଡନ
ଜାଣିଲେ ଦେଁ ଏମନ୍ତ ସମସ୍ତ ଲୋକଙ୍କର
ଚନ୍ଦନଠାରେ ବନ୍ଧୁ ମାନ ରେ
ମନାଞ୍ଜନ !
ଯେବେ କରବ ବାଳା କୋପ
ଜାଣିମୁ ସେ ନେହକଳାପ

Digitized by srujanika@gmail.com

ଯେମନ୍ତେ ନାନା କାଷ୍ଠ— ଧୂମ ଧୂମରେ ଲେଖା
ଯଥା ଅଗୁରୁ ଧୂମ ଧୂପ ରେ
ମହାବନ ! । ୮ ।

ଝଲଦଶନୀ ପ୍ରିୟା ସହଚରୀମାନଙ୍କୁ
ଗୃହେଁ କହିବ ଅନକ୍ଷରେ
ଝଳ ବିସ୍ମିତ ଭାବ ଗର୍ବ ବିକ୍ରମ ଲବ
ଛୁଇଁଥିବ ସେ ବଚନ ରେ
ମହାବନ !
ଝଗଡ଼େ କରିବୁ ତୁ ଠାବ
ଝଟକିହାସୀ ଗୂଢ଼ଭାବ
ଝପନୟନା ନୋହି ପ୍ରସନ୍ନ ଅପ୍ରସନ୍ନ
ନୟନ ଭାବ ପୂରାଇବ ରେ
ମହାବନ । ୯ ।

ନୃପ ବଲ୍ଲଭା ବୋଲି ଭରସା ହୋଇ ନାହିଁ
ନୃପରକ୍ଷକରେ ମଣ୍ଡନା
ନଳିନ ନାଳୀ କଣ୍ଠ— କରେ ବେଷ୍ଟିତ ହେଲେ
ମଧୁପ ଉଦଗତମନା ରେ
ମହାବନ !
ନିସର୍ଗ-ଚଞ୍ଚଳ-ନେତ୍ରାକୁ
ନିର୍ମଳକେତକୀଗାତ୍ରାକୁ
ନ କରିବୁ ଅଶଙ୍କା ଏହି କଥା ବିସ୍ତର
ସୁରତପ୍ରସ୍ତରପାତ୍ରାକୁ ରେ
ମହାବନ ! । ୧୦ ।

Digitized by srujanika@gmail.com

ଟଙ୍କା ଏ ଯେବେ ଭାଗ   ନୋହିବ ସ୍ୱୀକାର
ଏ କଥା କର ତ ପାଠକ୍
ଟଙ୍କଧରବଳର—   ଅଗ୍ନି ମଧ୍ୟରେ ଅଛୁ
କେମନ୍ତ ପ୍ରକାରେ ତାରବୁ ରେ
ମହାଜନ !
ଟେକି ଅଛୁ ନୟନ ମନ
ଟାକି ରହିଅଛୁ ଜୀବନ
ଟଳବ ଟାଣ ହୋଇ   ରହିବ ପାଇଲେ ତ
ସରସ ନୀରସ ବଚନ ରେ
ମହାଜନ ! । ୧୧ ।

ଠିଆ ଯେ ହୋଇ ଥାଇ   ସଖୀ ଅବୃତ ହୋଇ
ଅଳକ ଗଗନେ ସୁକେଶୀ
ଠିକ ନକ୍ଷତ୍ର ଗଣ   ବେଷ୍ଟିତ ହୋଇ କରି
ଯଥା ଶରଦ ପୂର୍ଣ୍ଣି ଶଶୀ ରେ
ମହାଜନ !
ଠିକ ଭ୍ରମର କାହା କରେ
ଠଣ ଅଳନ୍ତି କାହା ଠାରେ
ଠାଠିକ କର ଅବ—   ଧାନ ଅବକାଶକୁ
ପାନ କେ ଖନ୍ଥୁଥାଇ ଧୀରେ ରେ
ମହାଜନ ! । ୧୨ ।

ଡମ୍ବରୁମଧ୍ୟମାର   ନବୀଣ କଣବାର
ଲୋଖେଦେବି ଦଉ ନାହିଁ ମନେ

Digitized by srujanika@gmail.com

ଡୋଲା ପ୍ରଥମାର ମୁଁ   ହେମନ୍ତ କଥା ଶୁଣି
ଥଷାଁପି ଭକ୍ଷିନ୍ତ ଜୀବନେ ରେ
ମନ୍ଦାକିନି !
ଡର ଜୀବନକୁ ନ ଯାଇ
ଡେର ମନ ଗୃହକୁ ଥାଇ
ଡାଳିମ୍ବବୀଜଦନ୍ତୀ   ଅବଶ୍ୟ ବରଷଇ
ବୋଲି ମେଘକୁ ଖୁଣ୍ଟି ଥାଇ ରେ
ମନ୍ଦାକିନି ! । ୧୩ ।
ଢାଳିବ ନାହିଁ ମନ   ମୋହୋର ହୃଦୟରୁ
ମନକୁ ଏମନ୍ତ ଅପୁଛୁ
ଢାଳିଲେହେଁ ସେ ସୁଶୀଳା   ସୁଠାମା ପ୍ରେମକଲା
ପ୍ରଣୟିଅରଦ୍ରା ମୃଗାକ୍ଷୀ ରେ
ମନ୍ଦାକିନି !
ଢାଳିବ ଯାହାରେ ନୟନ
ଢଳିବ ସକଳ ଗିଆନ
ଢମ ମୁଁ କହୁ ନାହିଁ   ସେହି ପାଦ ସେବାକୁ
ରଖା କରନ୍ତୁ ମୁଁ ଜୀବନ ରେ
ମନ୍ଦାକିନି ! । ୧୪ ।
ଅଣୁମଧ୍ୟମା ଅଣି   ଆଣି ପାରିବାକୁ ତ
ଅବନୀମଣ୍ଡଳରେ ନାହିଁ
ଅନାୟାସ ଲୋଚନେ,   ଅନଙ୍ଗ ଅକୂପାର
ଘାରଇ ଭୁଠାଇ ବଢ଼ାଇ ରେ
ମନ୍ଦାକିନି !

Digitized by srujanika@gmail.com

ଅସାବଧାନ ନ କରବୁ
ଅବଶ୍ୟ ଯେଥୁ ଉଦ୍ଧରବୁ
ଅନାୟାସ ନୋହଇ ଅମ୍ଳାନଯୌବନାର
ତୁହି ସେ ଯେଥିକୁ ପାଇବୁ ରେ
ମନାଭଜନ ! । ୧୫ ।

ତନୁ ଦାନ ଦେବାକୁ ତରଳାୟତନେତ୍ରା
ମନରେ ମନ୍ଥନ କରବ
ତନୁଦାନେ ଜୀବନ ରକ୍ଷା କରବା ଫଳ
ହେମଗିରିଦାନେ ନୋହିବ ରେ
ମନାଭଜନ !
ଭୃଙ୍ଗସ୍ତନ କନକଗିରି
ତାହି ତ ଦେଖିଛୁ ସୁନ୍ଦରି
ତନୁଦାନ ଦେବାର ପ୍ରଛଦାନ ଦେବାର
କେ ଅବା ପାରବ କବାଉ ରେ
ମନାଭଜନ ! । ୧୬ ।

ଥୋଇଛ ଅଛୁ ଯତ୍ନ କରୁ ଅନେକ ରତ୍ନ
ଶୃଙ୍ଗାରଶାଣରେ ସଜାଡି
ଥୋକାଏ ଆଲିଙ୍ଗନ ଥୋକାଏ ଚୁମ୍ବନ
ଅଧର ପାନାଦ କବାଡ଼ି ରେ
ମନାଭଜନ !
ସ୍ତନେ ନଖ ଦଶନ ପଦ
ସ୍ତବର ନାନା ବନ୍ଧ ବାଦ

Digitized by srujanika@gmail.com

ସ୍ଥୂଳ ଦାନକୁ ଯେବେ ମନରେ ବାଞ୍ଛିବ
ଦେବତା ସକଳ ସମ୍ପଦ ରେ
ମନାବନ ! । ୧୭ ।

ଦମ୍ଭଦାସ୍ୱ କଟାକ୍ଷ କର୍ଣ୍ଣରେ ଅଧିକ୍ଷେପ
ଅନବରତେ କରୁଅଛୁ
ଦରିଦ୍ର ପର୍ଥନା କର ନ ପାଇଁ ଗଲେ
କି ଯଶ ପାଇବ ମୃଗାକ୍ଷୀ ରେ
ମନାବନ !
ଦୁଃଖନାଶିନୀ ଯେ ପ୍ରକାର
ଦଣ୍ଡେ ମାଧ କର ବିଚାର
ଦୟାରେ ପୂର୍ଣ୍ଣମନା ଦୁସହ ଦୁଃଖ ଶୁଣି
କରବୁ ଏଥ ଉପଶମ ରେ
ମନାବନ ! । ୧୮ ।

ଧୀର ଗମନା ରମ୍ୟ ସର୍ବାଙ୍ଗ ସୁଲକ୍ଷଣୀ
ସୁରଙ୍ଗ ସାରଙ୍ଗ ପଡକା
ଧାତା ଅଛୁ ସଜାଡ଼ି ବଡ଼ ଝଗଡ଼ ପଢ଼ି
ଲୋକରେ ମୋହନଲତିକା ରେ
ମନାବନ !
ଧରଣୀମଣ୍ଡଳମଣ୍ଡନା
ଧନ୍ୟ ତା ଗୃହ ବରତନା
ଧୀର ବାକ୍ୟନେ ମୋତେ ତୋଷ କରତା ନାହିଁ
ସେବକା ଶ୍ରୀ ଜଗନ୍ନାଥ ତନା ରେ
ମନାବନ ! । ୧୯ ।

Digitized by srujanika@gmail.com

ନ ଦେଖି ଥାଇଁ ଯେବେ   ସ୍ୱଜନ ଗୁଣବନ୍ତ—
ମାନଙ୍କ ସ୍ତୁତିମାନ ଶୁଣି
ନ ହୁଅ ଉତ୍କଣ୍ଠିତା   ଆରତ ଅନୁକ୍ଷଣେ
ଷଣ୍ଢର ହେଉଥାଇ ହାଣି ରେ
ମନ୍ଦାକିନି !
ନୟନେ ନ ଦେଖିଲୁ ପୁଣି
ନୂତନ ପ୍ରେୟସୀ ସିନ୍ଧାଣୀ
କେଉଁ ପ୍ରଶ୍ନର ତାର   ଆସେ ମୋ ନୟନର
ନିବାସ କଲା ରୂପ ଜାଣି ରେ
ମନ୍ଦାକିନି ! । ୨୦ ।

ପ୍ରଣୟିନୀ ପ୍ରଣୟ   ପ୍ରଣତ ଭାବ ବଶେ
ପାଶେ କି ହୋଇବି ପ୍ରବେଶ
ପଲଙ୍କ ତଳେ ଥାଇ   ପାଣି ବେନି ଯୋଡ଼ିବି
ହୋଇ ମୁଁ ହରଷ ବରଷ ରେ
ମନ୍ଦାକିନି !
ପଦ୍ମ ନୟନା ମୁଖ ଦେଖି
ପଲକ ନ ପଡ଼ିବ ଆଖି
ପବନେ ପଦ ପ୍ରାୟେ   ତନୁ କମ୍ପ ହୋଇବ
ଧୈର୍ଯ୍ୟ ନ ପାରିବି ରଖି ରେ
ମନ୍ଦାକିନୀ । ୨୧ ।

ପାଟଳର କୋରକ   ପ୍ରାଏ ଅଧର ଦନ୍ତ
ହରଷ ପ୍ରାଦୁର୍ଭାବ ହୋଇ

Digitized by srujanika@gmail.com

ଫିଟିଲା ଲଜ୍ଜାନେତ୍ରେ ପଟ୍ଟଳ ଅନ୍ଧକାର
ପ୍ରିୟା ମୋ ମୃଗଙ୍କୁ ଅନାଇଁ ରେ
ମନାଭଜନ !
ଦୃଷ୍ଟି ଦୋଷ ତପ ହେବ
ଫ୍ରୁଣା ମୋର ନ ସରବ
ପାଇ ବେଳଙ୍କୁ ମୋର ଅନନନ୍ଦ ନ ଗୃହିଁ
ବଦନ ଚଲଙ୍କୁ ଦରବ ରେ
ମନାଭଜନ ! । ୨୨ ।

ବିଶେଷେ କହୁଅଛୁ ଦେହାଲେ ମୋତେ ନେଇ
ଚରଣ ତଳେ ପକାଇବ
ବରବନ୍ଧତା ବ୍ୟାପ ଚରଣ ବନରୁଦ୍ଧ
ମୋନ୍ତ ବନ୍ଧଙ୍କ ଅର୍ପିଦେବୁ ରେ
ମନାଭଜନ !
ବାଗ୍ମିନ ପାଉଛୁ ବିଷାଦ
ବକ୍ଷସ୍ଥ ଦେବତ୍ବ କ ପଦ
ବଲୀନ ଶ୍ରୀଚରଣ ଝୁଣ୍ଟିଲା ମାନେ ମୋର
ପ୍ରାପତ ସକଳ ସମ୍ପଦ ରେ
ମନାଭଜନ ! । ୨୩ ।

ଭାବନା'ଯେ କାଳରେ ପାଠୀର ଦ୍ରବ ପୀନ—
ସ୍ତନ୍ ବସନାଞ୍ଚଳ ଦର
ଭବେ ଅଶ୍ଳେଷ କର ପାଶରେ ବସାଇବ
ବହୁତ ଅନୁଗ୍ରହ କର ରେ
ମନାଭଜନ !

Digitized by srujanika@gmail.com

ଭୟେ ନ ବଢ଼ାଇବ କର
ଭୁଲବର ଭୂଲବୁ ତାର
ଭରସା ନୋହିବାର ଜାଣି ରମଣୀମଣି
କକ୍ଷରେ ଭୁଜ ଦେବ ମୋର ରେ
ମନାଭଜନ ! । ୧୪ ।

ମଧୁର ହସି ପୁଣ ମୁଖକୁ ଅନାଇବ
କ ଭର ହୋଇବାର ଜାଣି
ମୋହର ଏ ଉତ୍ସବ କହିଁ ଦିନ ହୋଇବ
ହୋଇବ ପ୍ରସନ୍ନ ହିହାଁଣୀ ରେ
ମନାଭଜନ !
ମନେ ତୁ ସନ୍ଦେହ ନ କର
ମୋତେ ସୁଦୟା ଅଛୁ ତାର
ମନାଇ କହିବୁ ରେ କନ୍ଦର୍ପ ଶରେକ୍ଷଣୀ
ସମ୍ବନ୍ଧ ନ ଛଡ଼ାଇ ଜାର ରେ
ମନାଭଜନ ! । ୧୫ ।

ଯେତେ ମୁଁ କହିଅଛୁ ଯୁବା,ବଧୂସୀଙ୍କ ଏ
କୋଟେ ନୂତନ ପରଂପରା
ଯୋଗାଡ଼ ନ ଯୋଗାଡ଼ ଏହିରୂପରେ ଅଛୁ
କହିବ ପଞ୍ଚପାଞ୍ଚି ଥାଇ ରେ
ମନାଭଜନ !
ଯୋଡ଼ିବା ଯେତେବେ ହାତକୁ କର
ଯେବେ ଚରଣେ ଦେବା ଶିର

Digitized by srujanika@gmail.com

ଜାଣିବା ବେଳକୁ ଏ   ଅଧିକ ତ ନୁହଇ
ଚରମ ମଣ୍ଡନ ଶିରର ରେ
ମନ୍ଦାକିନୀ ! । ୨୬ ।

ରଙ୍ଗବେ ଅଙ୍ଗ ମଙ୍ଗ   ରସବତୀ ଯୁବତୀ !
ତୁ ରସବୃଷ୍ଟି ଜଳଧର
ଉହୁଛୁ ଆଶ କରି   ମୋର ପ୍ରାଣଗୃତଙ୍କ
ଦେହକୁ କରି ହତାଦର ରେ
ମନ୍ଦାକିନୀ !
ରମଣୀରତ୍ନ ମନ୍ଦହାସୀ
ରତ୍ନ ତୋହୋର ଯଶରାଶି
ରସବତୀର ସ୍ନେହେ   ରହିଲା ପୁଂସ ପ୍ରାଣ
ଯମପୁରୁଁ ଲେଉଟି ଆସି ରେ
ମନ୍ଦାକିନୀ ! । ୨୭ ।

ଲାବଣ୍ୟ ଉଚ୍ଚ କୁଚ   ଶ୍ରୋଣି ପୃଥୁଳ ସଙ୍ଗ
ଜଘନ ବିପୁଳ ବିଶାଳ
ଲାଗିଥିବା ନ ଥିବା   ସଂଶୟ କଟିତଟ
ବସନ ଉଡ଼ାରେ ଉଜ୍ଜଳ ରେ
ମନ୍ଦାକିନୀ !
ଲାଗିଛୁ ଲୋଭ ଦେଖିବାକୁ
ଲଳନା ନଗ୍ନ ବେଶକୁ
ଲବଣୀ ପ୍ରତିମାକୁ   ପାଇବା ଝୁରୁଛୁ
କର ବଢ଼ାଇଛୁ ଚନ୍ଦ୍ରକୁ ରେ
ମନ୍ଦାକିନୀ ! । ୨୮ ।

Digitized by srujanika@gmail.com

ବଶ୍ୱର ଏବେ ଚନ୍ଦ୍ର   ଦେବପଥସଞ୍ଚର
କରଇ କୁମୁଦ ପ୍ରକାଶ
ବଢୁଛୁ ବେଳୁଁ ବେଳୁଁ   ଏହୁ ଯେନ ଉତ୍ସାହ
ବାଲା ବୁଝଇ ସିନା ଶ୍ଳେଷ ରେ
ମନ୍ଦାକିନି !
ବୋଲିବ ନନ୍ଦା ଅଛୁ ହିନା
ବଶ୍ୱରଲେ ଗୁଣୀ କଳ୍ପନା
ବସନ୍ତର ବାତ   ମଳୟାଚଳୁ ଆସି
କୋକିଳ ବାଣୀ ଶରଚନା ରେ
ମନ୍ଦାକିନି ! । ୨୯ ।

ସୁଧା ଗରଳ ପୂର୍ବେ   ସମ୍ବନ୍ଧ ହୋଇଥିଲା
ସୁଷମା ନୟନାନ୍ତ ପାଇଁ
ସମ ଲୋଡ଼ିବା କାଳେ   କେ କାହାକୁ ଅଧିକ
ଯାଚା କି କଣା କେବେ ଥାଇ ରେ
ମନ୍ଦାକିନି !
ସତେ ହେ ହୋଇବ ଏମନ୍ତ
ସ୍ନେହ କରିବ ସେ ନେହାନ୍ତ
ସାଗରଗର୍ଭେ ଶିବ   ସେବା କରିବ ଫଳ
ସେ କାଳେ ହେବ ପରିଣତ ରେ
ମନ୍ଦାକିନି ! । ୩୦ ।

ସନ୍ନିଧେ ବସିଥିଲେ   ଚୁମ୍ବନ ଆଲିଙ୍ଗନ
ଅଧରପାନ ହସ୍ତପଦ

Digitized by srujanika@gmail.com

ସରୁ ନଖର ଷତ   ଏମାନ ଲଗାଇଲେ
କହୁହିଁ ନୋହଇ ବିଷାଦ ରେ
ମନ୍ଦାକିନୀ !
ସ୍ନେହ ପାଖରେ ଥିବା ଯେତେ
ସବୁ କଥା କହଇ ତେତେ
ଷ୍ୟାମା ପାଶେ ନ ଥିବ   ସ୍ୱପ୍ନେ ସବୁ ପାଇବ
ସେ ଅବା ସୁଖ ଦେବ କେତେ ରେ
ମନ୍ଦାକିନୀ ! । ୩୧ ।

ସେ ସୁଖମାନ ସବୁ   ଦୁଃଖକୁ ବଢ଼ନ୍ତୁ ସିନା
ସେନେହ ଥାଇ ପାଶେ ଥିବ
ସୁଜାଣଶିରୋମଣି   ସମସ୍ତ ଶାସ୍ତ୍ରର ଭ
ବେ ଏଥି ସଙ୍ଗତେ ହୋଇବ ରେ
ମନ୍ଦାକିନୀ !
ସୁନଖି ସରସିଜମୁଖୀ
ଶୁଣିମ ସରଳିକ ହୋଇ
ସଖୀ ମୂର୍ତ୍ତି ଦୟା କରୁ—   ସରସ ବାଣୀ କହୁ
ତୋତେହିଁ ଦେବ ପଠାଇ
ମନ୍ଦାକିନୀ ! । ୩୨ ।

ହରଷେ କର୍ଣ୍ଣ ଦେଇ   ବଇରାଗ ନ ପାଇ
ହରିଣନୟନୀ ଶୁଣିଲା
ହରଷେ ତାଙ୍କୁ ଚାହିଁ   ସମ୍ଭାଳୁ ସମ୍ଭାଳୁହିଁ
ଗଣ୍ଡ ଉରଜ ପୁଲକିଲା ରେ

Digitized by srujanika@gmail.com

ମନାହନ !
ହ୍ରଣ୍ଡିରହ୍ମାପୀଢ ଅନାଇଁ
ହାହାହା ମନରେ କରଇ
ହରଷ ମହାକମ୍ପ   ଶ୍ଲଥ ସମସ୍ତ ଅଙ୍ଗ
ପୁଲକାବଳୀ ବଳଥାଇ ରେ
ମନାହନ ! । ୩୩ ।

କ୍ଷଣେ ପର୍ଯ୍ୟନ୍ତେ ବାଳା   ମହା ଢବଦ ହୋଇ
ମୃଗଜଳଧିରେ ମଜ୍ଜିଲା
କ୍ଷପାକର ଢ ଘନ   ଉଦରେ ଲୁଚିଥିଲା
ଧୈର୍ଯ୍ୟ ଚେମନ୍ତ ହୋଇଲା ରେ
ମନାହନ !
କ୍ଷୀଣୋଦଶ୍ୱର ଏ ସନ୍ଧତ
କ୍ଷଣେ ହରବ ସଦାଚର
କ୍ଷୀର-ହିନ୍ଦୁଜା-ପତ   ପଦ୍ମଚରଣ ଚନ୍ଦ୍ର
ଭକ୍ତଦାସ ରଚିତ ଗୀତ ରେ
ମନାହନ ! । ୩୪ ।

Digitized by srujanika@gmail.com

ବର୍ଷାଭାବନା ଚଉତିଶା

ଉତ୍କଳ କବିବର ଗ୍ରନ୍ଥାବଳୀରଚୟିତା ବାଣୀସ୍ତବରାଜ ଜଗନ୍ନାଥ ହରିଚନ୍ଦନ ବସ୍ତୁ ଥାପକ୍ ନିଜର ଗୁରୁ କବି ପ୍ରତିଭାର ଉପଯୁକ୍ତ ପୂଜା କରିଥିଲେ । ବର୍ଷାଭାବନା ଚଉତିଶା ରସପ୍ରଗଲ୍ଭ ଶିଷ୍ୟର ବନ୍ଦଣୀୟ ଦାନ । ବସ୍ତୁତଃ ଏପରି ସୁନ୍ଦର ଲୀଳାବତୀ କାବ୍ୟର ଉତ୍କର୍ଷ ଯେ ସମ୍ଭବନ୍ତା ନାହିଁ କହିବା ନିଷ୍ପ୍ରୟୋଜନ ।

(ରାଗ—ବଙ୍ଗଳାଶ୍ରୀ)

କଉଁ ପୁରୁଷ କାର୍ଯ୍ୟ ଗଉରବରେ
କରି ସ୍ୱଦେଶେ ନିବାସ
କ୍ରମେ ଜ୍ୟେଷ୍ଠ ଦିନ ଅବଶେଷ ଅନ୍ତେ
ପ୍ରବେଶ ଆଷାଢ଼ ମାସ ।
କାଳିକା କୁଶଳ— କଳା ହୋଇ ଆସି
ଆକାଶେ ଉଦେ ହୋଇଲା
କୋମଳ ଭାବେ ଗୁରୁ ଗମ୍ଭୀର ହୋଇ
ଘନଘୋଷହିଁ ଶୁଭିଲା । ୧ ।

ଖଣକେ ଖମଣ୍ଡଳ ଯାକ ପୂରିଲା
ଅନ୍ଧାର ଦିଶିଲା ଦିଶ
ଖମଣ୍ଡଳେ ଅଭ୍ର ନିବିଡ଼ ହୋଇ ସେ
ଗିଳିଲେ ଗିରି ଶିଖର
ଘଣଘଣକେ ମହା ଘୋର ଗର୍ଜନ
କ୍ରମେ କ୍ରମେ ବଢ଼ାଇଲେ
ଘଣକାନ୍ତିମାନେ ମେଘ ଅଲଙ୍ଗନେ
ଆକାଶଯାକ ପୂରିଲେ । ୨ ।

Digitized by srujanika@gmail.com

ଗମ୍ଭୀର ଗୁରୁ ଗର୍ଜନ ଶୁଣି ସେ
ଆକାଶ ଗୃହଁ ପୁରୁଷ
ଗନ୍ଧର୍ବପତ୍ନୀ ଲାଇଉକ ଗୋସ୍ୱାଳ
ଶୁଣି ତେଜଇ ନିଶ୍ୱାସ ।
ଗଜ ଗମନା ! ଅରେ ପୃଥୁଜଘନା !
ଏତେ ବୋଲି ମୋହ ଗଲା
ଗଙ୍ଗାଧର ତପୁ ଏହୁ ସମୟରେ
ପୁଣି ସଜାଡ଼ି ବସିଲା । ୩ ।

ଘଡ଼ି ଦୁଇ ଅନ୍ତେ ବିଧାତାବଶରେ
ଜ୍ଞାନ ହୋଇଲା ପ୍ରବେଶ
ଘନଘଟା ଗୃହଁ ଘନସ୍ତନ ! ବୋଲି
ପୁଣି ତେଜିଲା ନିଶ୍ୱାସ
ଦେଖନ୍ତି ଯେବେ ସୁଧାଂଶୁମୁଖୀ ଗୁଣ
ପ୍ରାଣ ଏହିକ୍ଷଣି ଯିବ
ଘନଜଘନାକୁ ଏ ମୋର ବିନୟ
ବଚନ କେହୁ କହିବ । ୪ ।

ନୀଳକଣ୍ଠ ଚନ୍ଦ୍ରା କର ନାଗରୀଙ୍କ
ଲେଖଇ ପ୍ରେମ ପତ୍ରିକା
ନୀଳେନ୍ଦୀବର ମୀନ ମୃଗଲୋଚନା
ମୋ ମନଭୁଲପାଇଲା
ନାହିଁ ମୁଁ ତୋ ପାଶେ କେମନ୍ତ କର ରେ
ନେଉଥିବୁ ଦିନମାନ

Digitized by srujanika@gmail.com

ନିଶ୍ୱାସେ ତୋ ବିନ୍ ଏ ପ୍ରାଣ ରହନ୍ତୁ
ଏହୁ ମୋର ଗ୍ଲାନିମାନ । ୫ ।

ଚନ୍ଦ୍ରବଦନ ! ଅରେ ଶ୍ୟାମରଙ୍କେଣି
ଚଞ୍ଚଳାପ୍ଳୁତଲୋଚନା
ଚରଣ ପଲ୍ଲବର ପାଇଁ ଚତୁର
ସହୁଛୁ କାମ ବେଦନା
ଶୁଣୁ ବଚନେ ଏମନ୍ତ କହୁଥାଉ
କାହୁଁ ଅଣିମି ତଥାଇ
ଚତୁରମଣି ଶୁଣୁ କର କହଇ
ତେମନ୍ତ ବଚନ ନାହିଁ । ୬ ।

କ୍ଷୀଣୋଦରି ପ୍ରିୟା ଚଞ୍ଚଳ-ନୟନ-
କୋଣେ ଯେ ମୋତେ ଅନାଉ
କ୍ଷଣକ ଭିତରେ ପ୍ରାଣକୁ ଅନେକ
ଅମୃତ ପାନ କରାଉ
ଛାଡ଼ ସେ କୁତ୍ସିତ ମଧୁର ଅଟାଙ୍ଗ
ପ୍ରାଣ କେମନ୍ତ ଧରିବା
ଛାର ଜୀବନକୁ ମୋହେ ଦେହେ ଧାତା
କିପାଁ ରଖିଅଛୁ ଅବା । ୭ ।

ଜାଣିହୁଁ ଜାଣୁ— ମଣି ଜଳଜାଂଘି
ଯାମିନୀଶେଷରେ ଦନେ
ଯତନେ ଅଣି ଯେ ଚାରୁଅଣି ଦନ୍ତ
ଦେଲୁ ଯେ ମୋର ବଦନେ

Digitized by srujanika@gmail.com

ଜାଣି ନ ପାରେ ଯେ ଆଲିଙ୍ଗନ କରେ
ପତ୍ରରଲୁ ଗୃନ୍ମୟୀଁ !
ଯାହା କହୁଅଛୁ ମନରୁ ମୋହୋର
କ୍ଷଣେ ଛାଡ଼ି ଯାଉ ନାହିଁ । ୮ ।

ଝୀନ ବସନେ ଯେ ଫୁଟି କରି ଦଶେ
ମହାଘନ ଉଚ୍ଚ ସ୍ତନ
ଝରୁ ଯେ ଥାଇ ମଧୁର ହାସ ସୁଧା
ଦେଖିବ ପୁଣି ନୟନ
ଝଷଙ୍କବାସୀ ଶ୍ରୀ ମୁଖକୁ ଚାହିଁବା
ଯାଏ ଥାଉ ପ୍ରାଣ ରହି
ଝଷକେତନ ବିଧାତାଙ୍କୁ ପ୍ରଣମି
ଏହି ବର ମୁଁ ମାଗଇ । ୯ ।

ନାହିଁ ମୋହୋର ମନେ ଆନ ବିଚାର
ଉଇଁମ ଯେ ନବଘନ
ନୀରଜନୟନୀ ଯୋଗେ ଅନାଇଲେ
କଣ୍ଠେ ଧରବୁ ଜୀବନ
ନୟନେ ନୀର— ଧାର ଚାହିଁ ରହୁଥି
ଆଲିଙ୍ଗନ ଛନ୍ଦେ କରି
ନୀପ ପୁଷ୍ପ ପ୍ରାୟେ ଶରୀର କରୁ ରେ
ମୋ ନୟନ ମନୋହର ! । ୧୦ ।

ଚଳିଲା ଏବେ ସେ କଥା କହୁଁ ଅନ୍ତେ
ଚଳିବାକୁ ଅଛି ପ୍ରାଣ

Digitized by srujanika@gmail.com

ତୀକ୍ଷ୍ଣ କଟାକ୍ଷରେ   ଯେ ସ୍ନେହ ମାନ
ହୋଇଲା ଏହୁ କାରଣ ।
ଚକା ଏ ଯେ ମୋର   ଅନ୍ତର ନ ପନ୍ଥ
କି କରୁଥିବୁ ସୁକେଶି !
ଅନେକ ପୁଣ୍ୟ ଥିଲେ   ତୋର ପାଦତଳେ
ବସି ପୁଡ଼ାଇବ ଜାଣି । ୧୧ ।

ଠଠଣା କର ମୋହୋ   ମନ ଚରତ
କେବା କହୁଛୁ ଏ କଥା
ଠାକୁରାଣୀ ହୋଇ   ତରୁଙ୍କ ଧର ଯେ
ଛଡ଼ାଉ ମନର ବ୍ୟଥା ।
ନିକେ କହୁଛୁ ମୋହୋ   ମନ ବ୍ୟଥାକୁ
ତୋହ ଭ୍ରମନ କାରଣ
ଠଣକପକା ସ୍ଥିର   ଚୁମ୍ବନ ଦାନେ
କଟିଛୁ ମୋର ଜୀବନ । ୧୨ ।

ଡାଳିମ୍ବବୀଜଦଶନୀ   ବରବୋଦ୍ଧା
ବିମ୍ବାଧରୀ ସୁକୁନ୍ତଳା
ତାଙ୍କ ଏମନ୍ତ   କହୁଅଛୁ ତୁ ମୋର
କଣ୍ଠର ମୁକ୍ତାମାଳା ।
ଡମ୍ବରୁ-କର   କଟିବେ କହୁଁ ଦନ
ଦେଖିବ ଯାଇ ବଦନ
ଢର ଛଡ଼ିବ   ମନହିଜ-ତାପକୁ
ଟଳିବ ହେବ ନୟନ । ୧୩ ।

Digitized by srujanika@gmail.com

ଚୁମ୍ବିବ ପୁଣି ସେ ଅଧରୁ ଅନଙ୍ଗ—
ଅର୍ଦ୍ଧ-ବିକଶିତର ସୁଧା
ଛାଡ଼ିଲେହେଁ ଏବେ ବେଦନା ନାଶିବ
ପାଇବୁ ମୋତେ ସର୍ବଥା
ଛାଡ଼ ଗୃହାଣି ପୁଣି ପୁଣି ଗୃହିବ
ଆନନ୍ଦ ସାଗରେ ବୁଡ଼ି
ଚଞ୍ଚଳ ପ୍ରାଣକୁ ପୁଣି ବୁହାଇବ
ସମସ୍ତ ସଂଶୟ ଛାଡ଼ି । ୧୪ ।

ଅଟେ କଣ ସେ ଦିନେହେଁ ନ ଶୁଣଇ
ହୃଦୟ ଉପର ଘନା
ଏଣୀ ନୟନା ଦଣ୍ଡକ ଷଣ ଅନ୍ତେ
ଜେନୁ ସେ ମୋହୋ ବେଦନା ।
ଏଣେ ଏତେ ଏତେ ବେଦନା ମୋହୋର
କେ ଦେଖୁଅଛୁ ଶୁଣୁଛୁ
ଅନ୍ୟେ ମଧା ଏହା ଲେଖିଦେଇ କହ
ପ୍ରାଣ ବୁହାଅ ମୁଖାରୁ । ୧୫ ।

ତୋର ସେ ବିପୁଳ ସ୍ତନଗିରି ଶିରେ
ପୁଣି ମୋ କର ଲାଗିବ
ଚଞ୍ଚଳନୟନା ଏମନ୍ତ ଉତ୍ସବ
ବିଧାତା କେବେ କରିବ ।
ତୁ ପଣି ମୋତେ ପ୍ରଭୁ ଷଙ୍ଗୀ କର
ଦେଖି ଅସନ୍ତୁ ଉଠିବୁ

Digitized by srujanika@gmail.com

ତାରକର ରଙ୍ଗ ତୋୟଜ ଚରଣେ
ମନ ପାଶେଟ୍ଟ ଅସିବୁ । ୧୬ ।

ଥାଅ ଥାଅ ବୋଲି ତର ତର ହୋଇ
ଅଲିଙ୍ଗନ ମୁଁ କରିବି
ସ୍ଥିର କରି ନେଇ ପୃଥୁ ବେନି ଶ୍ରୋଣି
ଏ ଜାନୁରେ ବସାଇବି ।
ଥିଲ ବିପୁଳ— ପୟୋଧର ମୋ ଓଷ୍ଠ
ଅଙ୍କୁଳ ଯେମନ ଧରିବୁ
ସ୍ଥବିର ଭାବେ ସ୍ଥିର କରି ଚୁମ୍ବନ
ମଧୁର ହସି ତ ଦେବୁ । ୧୭ ।

ଦମ୍ଭନାଶିନି ମୋ ନୟନେ ନୟନ
ଦେଇ ସ୍ନେହେ ଗୁହ୍ଣିବୁ
ଦୁଖ ନାଶିନୀ କାମେ ହୋଇ ଅଗ୍ୟାନ
ତନୁ ତ ଚମକାଇବୁ
ଦୁସହ ଏ ମୋର ବିଚ୍ଛେଦ ବେଦନା
ସାଗରୁ ତ ଉଦ୍ଧରିବୁ
ଦରହାସିନୀ ସେ ଜାଢ଼-କଳ-ନଖେ
ହୃଦୟରେ ଗାର ଦେବୁ । ୧୮ ।

ଧର ମୁଁ ଅଛୁ ସ୍ନେହ ଅଶେ ଜୀବନ
ପାଇବ ସେ ସୁଖମାନ
ଧୀର ଗମନୀ ମୁଁ ଧଇଲେ ତ ଦେବ
ଯେବେ ରକ୍ଷିବ ମଦନ ।

Digitized by srujanika@gmail.com

ଧରଣୀମଣ୍ଡଳୀ ଧବଳ-କିରଣ
ବଦନେ ହସି ଚାହିଁବୁ
ଯାଚ୍ଞା ଏମନ୍ତ କରୁଣ, ସ୍ନେହଗର୍ଭ
ବଚନ ହସି କହିବୁ । ୧୯ ।

ନବୀନା ମୋହ ଛଳ ପାଇଁ ବେଦନା
ମାନ କେତେ ସହିଥିବୁ
ନ ସହି କେତେ ବେଳେ ମୋହ ହୋଇବୁ
ଅବଶ୍ୟ ତଳେ ଶୋଇବୁ
ନବ ଚନ୍ଦ୍ରମା ପ୍ରାୟେକ କ୍ଷୀଣ ହୋଇ
ଥିବୁ ରେ ହେମଗଉର !
ନିଶ୍ୱାସ ତେଜ ବୋଲିବୁ ଟିକେ ତନୁ
ଜଳିବା ସହି ନ ପାରି । ୨୦ ।

ପ୍ରାଣପ୍ରିୟାର ଏ ଦୁଃଖ ସୁମରିବା-
ଠାରୁ ଭଲ ପ୍ରାଣ ଯିବା
ପାପୀ ଲୋକର କାମନା ସିଦ୍ଧ ନୋହେ
ଏହାହିଁ ଝିଁପାଁ ପାଇବା
ପୁଣ୍ଡରୀକ ପତ୍ରାୟତ ଲୋଚନା ! ରେ
ପୋଡ଼ି ଯେ ଅଛୁ ଏ ଦେହ ,
ପ୍ରଭାକର ଏହି କଥା ହୋଇଅଛି
କ୍ଷଣେ କ୍ଷଣେ ହୋଏ ମୋହ । ୨୧ ।

ପୂର୍ଣ୍ଣାବଶନ୍— ବଦନୀ ଶୁଣୁ ଜୀବ
ଫେଡ଼ିଥିଲା ଏହି କଥ

Digitized by srujanika@gmail.com

ଯାନ୍ତି ଯା ବୋଲି ହୃଦରେ ମାଡବାର
ଫଳ ହୋଇଲା ଏହାର୍
ଯିବ ଜୀବ ପ୍ରାଣ ଥାଉ ଏ ଦୁଃଖ
ମନେ ତ ଏ ଦୁଃଖ ନାହିଁ
ଯେତେ କହୁଛି ଏ ପ୍ରାଣ ଯିବୁ ଯିବ
ତୋର ଚନ୍ଦ୍ରମୁଖ ଚାହିଁ । ୨୨ ।

ବିଧୁବଦନୀକି ବସାଇ କୋଳରେ
ପାନ ଭାଙ୍ଗି ଦେବା କଥା ।
ବେଳେ ବେଳେ ଆସି ମନରେ ପଡଇ
ଘୋଟଇ ମନର ବ୍ୟଥା ।
ବ୍ୟଥାହିଁ ଗୁଣି କେତେବେଳେ କରଇ
ଏଣୁ ଏ ବଡ ପ୍ରମାଦ
ବସନ୍ତ କୋକିଳ— ବଚନା ସନ୍ଦେଶେ
ଛଡ଼ାଉଛି ଏ ବିଷାଦ । ୨୩ ।

ଭବବନ୍ଧର ଭୂତ କାମ ମନ୍ଦରେ
ଯେ କର ଲାଗିବା ମାତେ
ଭାଙ୍ଗଇ ମନରୁ ସକଳ ବେଦନା
ଚେତନା ନ ଥାଇ ଗାତେ
ଭାବନା ତାହା ଜାଣି କରଜ ମୁନ
ଦେହେ ଦେଇ ଗ୍ୟାନ ଦେଉ
ଫେଡିଲା ପୁଣି ତେଡ଼େ କ୍ରୀଡା ଅଛି ତା
ପାଇବି ଜୀବନ ଥାଉ । ୨୪ ।

Digitized by srujanika@gmail.com

ମଦରକେତ୍ରୀକ ଅଗେ ଉଭା କର
ଗୃହିଁବାକୁ ବଡ଼ ମନ
ମନକଣ୍ଠାକ୍ଷୀ ଛାଡ଼ା ସହ୍ୟ ନ ପାର
ମେଣି କରୁ ଆଲିଙ୍ଗନ ।
ମହାଦୁଖ ନାଶ ହୋଏ ଲୋଚନର
ଶୀତଳ ହୋଅଇ ଛନ୍ଦ
ମନେ ହଗୁର ତ ଏମନ୍ତ କାହିଁକି
କରୁରେ ପ୍ରିୟା ସ୍ଵଚ୍ଛନ୍ଦ । ୨୫ ।

ଯାମିନୀ ଯାକ ଉଜାଗରେ ଥାଇ ଯେ
ନଶିଶେଷେ ରଙ୍ଗ [illegible]ଷି
ଯିବଜ ଜୀବନ ଜନମ ବେଦନା
ଚନ୍ଦ୍ରମୁଖ ଛାହା ଦେଖି
ଯେବେ ଯିବ ଜନ— ମାଧର ବେଦନା
ନଗଲେ ଯଉ ଏ ଜୀବ
ଜଲଜାକ୍ଷୀ ଙ୍କ ଚନ୍ଦ୍ରା— ରେ ଜୀବ ଗଲା
ଏ ଯଣ ତ ରହିଥିବ । ୨୬ ।

ରହିଥିବ କଥା ଗୃହେଁ ଯିବ ବ୍ୟଥା
ଏହାଙ୍କୁ ବ ଲଭ ଅଛୁ
ରସବନ୍ତୀଙ୍କ ଗୃହିଁବା ବଡ଼ ଲଭ
ଏ କଥା ହୋଇଛୁ ବାଛୁ
ଶ୍ୟାମାରଜନ ଅଙ୍ଗେ ବାସ ନ ଥିବ
ଏହାଙ୍କେ ଦେଖି ପାରବ

Digitized by srujanika@gmail.com

ଭଜନ ତିଳ କୋଟିଏ   ଦାନ ଦେଲେ
ମରିବା ନ ନଶ୍ୱରବ । ୨୭ ।

ଲବଣୀ ପ୍ରତିମା   ଲଳିତ ତନୁ ତୋ
ଲଭିବ ପୁଣି ଦେହରେ
ଲକ୍ଷେ ଲକ୍ଷେ ଯୁଗ   ତପ ଫଳ ଅସି
ହୋଇବ କି ଏକାଠାରେ
ଲଭାଏ ଏ ସୁଖ   କାହିଁକି ନ ଥିବ
ମୋହୋ ମନକୁ ଅପୃଚ୍ଛ
ଲାବଣ୍ୟ ଲପଣୀ   ସେନେହ ବାହାରେ
ସ୍ୱର୍ଗରେ କି ଲଭ୍ୟ ଅଛି । ୨୮ ।

ବଚନେ ଲୋଡ଼ୁଏ   କହିବାକୁ ନାହିଁ
ଅସତ ତୋହୋ ପ୍ରସଙ୍ଗ
ବନ୍ଧୁର କାଳ ବଡ଼   ପାପ କରି ମୁଁ
ଛଡ଼ା ଦେଲି ତୋହୋ ସଙ୍ଗ
ଚନ୍ଦ୍ରବଦନା ! ରେ   ଅପଣା ଇଛାଏ
ଉରଜୁ ଟେକୁ ବସନ
ବଡ଼ ଶରଧାରେ   ଅଭିଘାତ କରୁ
କେଶିକି ଗନ୍ଧ ଯେମାନ । ୨୯ ।

ସାଉ ସ୍ୱରଭ   ସୁପାଭ ଅନ୍ତ୍ରେ ବସି
ଖାଡ଼ୀ ପଣନ୍ତ୍ରେ ଯେ ଦୃଷ୍ଟ
ସେ ଶୀତଳକୁ   ସମାନ କାହିଁ ଅଛି
ସ୍ନେହ ଶତେ ଗୁଣେ ସ୍ପୃଷ୍ଟ

Digitized by srujanika@gmail.com

ସେ ସେନେହ ପାଇ   ଶୁଖିଗଲା ଦେହ
  ପୋଡୁଛି କାମ ହୁତାଶେ
ସହସ୍ରେ ବାର   ଦିବସକେ ପୋଡିଲେ
  ପ୍ରାଣ ଥିବ ତୋର ଆଶେ । ୩୦ ।

ଶତବାର-ସଲବଣ   ଦାହ-ହେମ
  ଗଉସ୍ୱ ଲେଖ ଗଢ଼ିବୁ
ସୁସ୍ଥ ହୋଇ ପ୍ରାଣ   ଯେମନ୍ତେ ରହିବ
  ତେମନ୍ତ ଉଦନ୍ତ ଦେବୁ ।
ଷାଠିଏ ଦଣ୍ଡ   ଦିବସ ଯାକ ପ୍ରିୟେ
  ସେ ବାରତା ପଢ଼ୁଥିବ
ସୁମନଶର ଶରେ   ଗଲା ପ୍ରାଣକୁ
  ପ୍ରବୋଧ କରି ରଖିବ । ୩୧ ।

ଶିଶୁ ସାରଙ୍ଗ ଅଫୁଟ   ଲୋଚନା ରେ
  ଅପୂର୍ବ ଦାସ ମୁଁ ତୋର
ସୁଜାଣ ପ୍ରଭୁ   ଦାସ ଦୋଷ ନ ଧରେ
  ଏଣୁ ଭରସା ଅପାର ।
ସାନ ଦିନୁ ଯାଉଁ   ସେବକ ସେବାରେ
  ଆସିଅଛୁ ସେବା କରି
ସରୋଜଲୋଚନା   ଅବଶ୍ୟ ତାହାଖି
  ବିନୟ ବଚନ କରି । ୩୨ ।

ହରଷ ହୋଇ   ଲେଖରେ ସବୁ ଲେଖି
  ହୃତ କରୋଦରେ ଦେଲି

Digitized by srujanika@gmail.com

ହଂସଗାମୀ ଗତ ବାଇଡା ଅଦେଖି
ଖଣ୍ଡ ହୃଦକୁଂ ଉଠିଲା
ହାଥ ପାଉ ଯେନ ଶିବେ ଲଗାଇଲା
ଅଘର ଶ୍ରେଣୀକ ଗୃହେଁ
ହରଷ ଶୋକ ଦିଶାମିଶି ଲୋଚକ
ପଦ୍ମ ନୟନୁ ବହଇ । ୩୩ ।

ଯେତେମ ଶୁଣି ଏହୁ ସମସ୍ତେ ନାୟକ
ଶୁଭେ ହୋଇଲା ପ୍ରବେଶ
କ୍ଷୀଣୋଦରୀ ଗୃହେଁ ଆନନ୍ଦ ସାଗରେ
ବୁଡ଼ି ଦୁଃଖ କଲା ନାଶ ।
ଛିଡ଼ ଶଯ୍ୟାରେ ବରବେଶ ହୋଇଲେ
ବସ୍ତ୍ର ଦାସ ରସ କହେ
କ୍ଷଣକ ଭାବ ଶତେକ ଯୁଗ କହିଲେ
ସମାପ୍ତ ନୋହେ କେବେହେ । ୩୪ ।

Digitized by srujanika@gmail.com

କେଳିକଳ୍ପଦ୍ରୁମ ଚଉତିଶା

କବିକୁଳେଶ୍ୱର ଉପେନ୍ଦ୍ରଭଞ୍ଜଙ୍କ କୃତିରେ କାବ୍ୟକଳାର ଯେଉଁ ଚରମୋତ୍କର୍ଷ ଦେଖିବାକୁ ମିଳେ ତାହାର ମୂଳ ଯେ ଉତ୍ତରାଧିକାର ସୂତ୍ରରେ ସେ ତାଙ୍କ ପିତୃ ପିତାମହାଦିଙ୍କ ଠାରୁ ପାଇ ଏହା ନିଃସନ୍ଦେହ । ପିତାମହ ଧନଞ୍ଜୟଙ୍କ ରଘୁନାଥ ବିଳାସ ନୈଷେଧ ବିଳାସର ଅଦର୍ଶ । କେଳିକଳ୍ପଦ୍ରୁମ ଚଉତିଶାର ରଚୟିତା ଓ ରଭୂଷ ଔପେନ୍ଦ୍ର କବିତାରେ ବନ୍ଧୁସ୍ଥଳରେ ଅଥବା ଝଙ୍କାର ସୌନ୍ଦର୍ଯ୍ୟାନ୍ୱିତ ହୋଇ ପ୍ରକାଶ ପାଇନାହିଁକି ? ସୌନ୍ଦର୍ଯ୍ୟବୋଧ କେବଳ ଉପେନ୍ଦ୍ରଙ୍କର ନିଜ ଅର୍ଜନ ନୁହ ଯାହା ତାହା ଭଞ୍ଜବଂଶର ପୂର୍ବପୁରୁଷାନୁକ୍ରମିକ କୋଠ ସମ୍ପତ୍ତି ।

ରାଗ—ଅଷାଢ଼ଶୁକ୍ଳ

କଞ୍ଜଲୋଚନ ଦୂତିକା ଆଗର ।
କୋଧବର ହୋଇ ବୋଲେ ଉତ୍ତର ।
କଳାକରମୁଖୀ ଆଗରେ କହ ।
କି କାର୍ଯ୍ୟେ ମୋର ଶ୍ରୁତିଲା ସେନେହ ।
କେଳିକଳ୍ପଦ୍ରୁମ !
କନ୍ଦର୍ପ କଳାରେ ସେହୁ ଉତ୍ତମ । ୧ ।

ଖଡ୍ଗାଙ୍ଗଧର ଅତି ତୀକ୍ଷ୍ଣ ଶର ।
ଖିନ୍ନ କରନ୍ତି ଯେ ମୋର ଶରୀର ।
ଖଗରାନନୀ ମୋରେ ଦୟା କରୁ ।
ଖଳ ମୀନକେତୁମୁଖୁଁ ଉଦ୍ଧରୁ ।
ଝଟୁଥିବ ପାଣି ।
ଖୀନଉଦରୀ କି କହ ସନ୍ଦେଶ । ୨ ।

ଗଜଗମନୀ ସେ ବିପୁଳସ୍ତନୀ ।
ଗତ ସ୍ନେହ କି ନ ଚଳେ କାମିନୀ ।

Digitized by srujanika@gmail.com

ଗାଢ଼େ ଭ୍ରମନ ଗଣ୍ଡ ବୋଲୁଛୁ ଯାହା ।
ଗୋଷ୍ଠୀ ସମ୍ମୁଖୀ ପାସୋରିଲ୍ଲ ବାଧା ।
ଗୁଣ ଥାଉ ମୂର୍ଦ୍ଧଁ ।
ଚଳାଇ ଦାଉ ମୋର ପ୍ରାଣସଙ୍ଗ୍ରୀ । ୩ ।

ଘଟ୍ଟଣମୁଖୀର ଜଘନ ଦୁଇ ।
ଘେନ ମନ୍ତ୍ର କଷ ଢାଦ୍ୱା ଜପଇ ।
ଘଟଣା ଦେବାକୁ ଆନ ନ ଦଶି !
ଘେନ କହୁଛୁ ସେନ୍ତୁ ଶୁନ୍ତ୍ର କେଶୀ ।
ଘନହାର ରସ ।
ଘନସ୍ତନୀର ବକ୍ଷେନେ ବରସ । ୪ ।

ନବ ଜଳଧର ଆଗେ ଚାତକ ।
ନ କରେ ଆନ ବାଞ୍ଛା ସ୍ନେହ ଲୋକ ।
ନବ କାମିନୀ ବନ୍ଧୁ ମୋର ମନ ।
ନ କରେ ଆନ ରସରେ ଅଧ୍ୟାନ ।
ନିଷ୍ଠୁର ନ କର ।
ନତନୁ ଭଙ୍ଗରୁ ବାରେ ଉଦ୍ଧର । ୫ ।

ଚଉଷଠିମଣି ଚନ୍ଦ୍ରମାଆନନୀ ।
ଚମ୍ପକଗାତ୍ରୀ ମୋ ହୃଦମଣ୍ଡନୀ ।
ଚିହ୍ନିଁ କଟାକ୍ଷେ ଯାହା କହୁଅଛୁ ।
ଚଞ୍ଚଳ ଚିତ୍ତ ମୋ ବନ୍ଦୀ କରୁଛୁ ।
ଚାରୁ ପଦ୍ମଲାକ୍ଷୀ ।
ଚଉଷଠି ବିନୁ କେ କରିବ ରକ୍ଷା । ୬ ।

Digitized by srujanika@gmail.com

ଛଳ ପଦ୍ମିନୀ ବଦନେ ମନ୍ଦ ହସି ।
ଛନ୍ଦିଲା ମୋର କଣ୍ଠେ ବାହୁ ଫାଶୀ ।
ଛରଦିନ୍ଦୁଯୁଥା ରୂପେ ସମାନ ।
ଛେଉ ଛଡ଼ାଇ କହିବ ଏମାନ ।
ଛାଡ଼ଛି ସେ ସ୍ନେହ ।
ଛନ୍ନ.ଲୀମଣି ଅଗେ ଏହା କହ । ୭ ।

ଯୁବାଯୁବତୀଗଣ ଶିରୋମଣି ।
ଜଳଜନେତ୍ରୀ ଯୋଗୀନ୍ଦ୍ରମୋହିନୀ ।
ଯାଇ ଜଣାଅ ତାହାର ସମୀପ ।
ଜାଳା କଲା ଅଙ୍ଗେ କୁସୁମଚାପ ।
ଜାଣ୍ମନ୍ତି ଜାଣ ।
ଜଗମୋହିନୀ ଏହା ପରମାଣ । ୮ ।

ଝଳଆନନୀ ବେନି ପୀନ ସ୍ତନ ।
ଝୀନ ବାସ ପୃଷ୍ଠ ଦଶେ ଶୋଭନ ।
ଝାଉଁବାଜ କଟି ମଧ୍ୟରେ କାନ୍ତ ।
ଝଟକଚଞ୍ଚଳା ପ୍ରାୟେ ଦିଶନ୍ତ ।
ଝଗଡ଼ା କରଇ ।
ଝଟକଦନ୍ତୀ ମୋତେ କରୁ ଦାହ । ୯ ।

ନବ ନାୟିକା ନୟନୁ ନ ଯାଇ
ନିରେଖ ଏଡ଼େ କଲା ପ୍ରାଣସଖୀ ।

Digitized by srujanika@gmail.com

ନେହ ପ୍ରତମା ଅଟଇ ମୋହର ।
ନିମିଷେ ମନୁ ନୋହଇ ବାହାର ।
ନାଗଙ୍କରତନ ।
ନବକେତକୀ ସେ ଶିର ଭୂଷଣ । ୧୦ ।

ଟମାଲ କର ସେ ଯାହା ବୋଇଲ ।
ଟୀକାକେ ଏବେ ତାହା ପାସୋରିଲ ।
ଟେକ ଲୁଚେ ଛାର ଦେଲ ମୁଁ କର ।
ଟାକୋରିଲ ପ୍ରେମ ଶରୀରେ ଭାର ।
ଟାଣ କଟାକ୍ଷୀଙ୍କ ।
ଟେକ ପଣ୍ଟିର ଏ ଅଟଇ ଟିଙ୍କ । ୧୧ ।

ଠକ କଥା ମୋ ଆଗରେ କହୁଛୁ ।
ଠକ ପ୍ରାପ୍ତେକ କରୁଛୁ ମୁଠାରୁ ।
ଠାକୁରାଣୀ ପଣ ଜାଣିମା ତାର ।
ଠିକେ କହୁ କିସ ଦୋଷ ମୋହର ।
ଠଣମୁଖୀ ଆଗେ ।
ଠିକେ ମଣାଇ କହ ସଖୀ ବେଗେ । ୧୨ ।

ଡାଳମ୍ବୀଜଦଶନା କୋପକୁ ।
ଡରିଁ ଅଛୁ ବାରେ ରଖୁ ଦାସକୁ ।
ଡୋଳେ ଗୃହିଁଣ ଯାହା କହୁଅଛୁ ।
ଡଙ୍କର କାମ ଆଗରେ ଦେଉଛୁ ।
ଡୋଳା ପିଉଲୀକ ।
ଡାକ କହୁରୁ ଏହା କରନ୍ତିକି । ୧୩ ।

Digitized by srujanika@gmail.com

ଢମାଳ କର ଯେ ଯାହା ବୋଇଲି ।
ଢାଳ ଶୃଂହାଣୀରେ ମନ ମୋହିଲି ।
ଢଳ ପଡ଼ିଲି ମୀନକେତୁ ଶରେ ।
ଢାଳ ଚୁମ୍ବନ ଦେଲି ମୋ ଗଣ୍ଡରେ ।
ଢାଳେ ପାଶୋରିଲି ।
ଢଗ ପସରି ପ୍ରାୟେ ପ୍ରିୟା କଲି । ୧୪ ।

ଏବେ କଷ୍ଟେ ତୋତେ କହୁଛି ସହି !
ଏଣୀନୟନୀ ବିନୁ ସାହା ନାହିଁ ।
ଏଣାଙ୍କମୁଖୀ ଏହା ଜାଣି ଥାଉ ।
ଅଣକାର୍ଯ୍ୟେ ଜୀବନକୁ ନ ନେଉ ।
ଅଣଅପରାଧୀ ।
ଅନଙ୍ଗ ଗ୍ରୟେର ହୋଇଲି ବାଧୀ । ୧୫ ।

ତରୁଣୀ ରତନ ମୋ ପ୍ରାଣମଣି ।
ତ୍ରୈଲୋକ୍ୟ ମୋହିନୀ ଦେବବରଣୀ ।
ତନୁ ଛୁଆଇଁ କହୁଛି ନିୟତ ।
ତୁମ୍ଭ ମନରେ ଥିବ ପ୍ରାଣନାଥ ।
ତା ହୃଦେ ଧରନ୍ତି ।
ତୁଟେ ତା ବସୋଇଲି ମୃଗାକ୍ଷି । ୧୬ ।

ଥିର ଗାମିନୀର ନିତମ୍ବ ଦୁଇ ।
ଥାଣୁ-ଅଗର ସିଂହାସନ ସେହି ।
ଥିଲା ତହିଁ ପରେ ଚୀନ ବସନ ।
ଥୋଇ ମଦନର କମ୍ପ କେତନ ।

Digitized by srujanika@gmail.com

ଥିବ ତାର ପାଶ ।
ଥାନ ଦେଇ ରଖ ମୁଁ ତାର ଦାସ । ୧୭ ।

ଦୟାଉଦଧି ମୋ ଦମ୍ଭନାଶିନୀ ।
ଦାସର ଦୋଷ କି ଦେଖଇ ପୁଣି ।
ଦଶନେ ଅଧର ଚିପି ମୋହର ।
ଦରିଦ୍ର-ନାଥ କହୁଛି ଉତ୍ତର ।
ଦୋଷ ମୋ ନ ଧରୁ ।
ଦୀନନାଥବନ୍ଧୁ-ମୁଖୀ ଉତ୍ତରୁ । ୧୮ ।

ଧୀର ଗାମିନୀ ଅଗ୍ରତରେ ଯାଇ ।
ଧୀରେ କହିବୁ ବଚନ ମଣାଇ ।
ଧରିଛି କୁସୁମ-କାର୍ମୁକ ମାର ।
ଧଇର୍ଯ୍ୟ ମୋର ନାଶିବ ପାମର ।
ଧନମଣି ପାଦ ।
ଧରିଛି ଶିରେ କର ପରସାଦ । ୧୯ ।

ନାରୀଶ ମୋରେ କଲୁ ପ୍ରାଣସଖୀ ।
ନିର୍ଦ୍ଦୟା ହୃଦ ଛାଡ଼ ଚନ୍ଦ୍ର ମୁଖୀ ।
ନାକ ନାଗ ନାଶି ନୋହେନ୍ତୁ ସମ ।
ନାରୀଶିରୋମଣି ମୋ ଜୀବ ଧାମ ।
ନାହିଁ ସମ ସର ।
ନାରୀଶ କିଂପାଁ କରୁଛି ଚତୁରୀ । ୨୦ ।

ପଲ୍ଲବ-ପ୍ରୀତି ଯେତେ କରିଥିଲୁ ।
ପରମ ବନ୍ଧୁ ତାହା ପାଶୋରିଲୁ ।

Digitized by srujanika@gmail.com

ଠିକ ବଚନୀକି କହୁଛ ମୁହିଁ ।
ପ୍ରସନ୍ନ ବଦନେ ଚୁମ୍ବନ ଦେଇ ।
ପେଶୂନ ମଦନ ।
ପଞ୍ଚଶର ଯେନ କରେ ଦହନ । ୨୧ ।

ଫାଇ କୋପ ଫଁପାଁ ଯୁବତୀ କଲ୍ଲ ।
ଫୁରୁଣା ଯେତେ ମୋ ସବୁ ଛାଙ୍ଗିଲ ।
ଫଳେ ତ ଜାଣିଲ ତାର ପୀରତ ।
ଫେଡ଼ି କହିଲ ତୋହୋର ଭକତ ।
ଫେଡ଼ୁ ମନ ତାପ ।
ଫାନ୍ଦେ ପକାଇଛୁ ମଦନ-ଭୂପ । ୨୨ ।

ବସନ୍ତ କାଳରେ ସନ୍ଧ୍ୟାବେଳରେ ।
ବସିଥିଲ୍ଲ ବନ୍ଧୁ ମୋର କୋଳରେ ।
ବୋଲୁଛ ପ୍ରିୟା ମୋତେ ଦର୍ପେ ଯାହା ।
ବ୍ୟର୍ଥ କପାଇଁ କଳଙ୍କ ତାହା ।
ବଧୂବଦନୀଷ୍ଟ ।
ବୋଲରୁ ସ୍ୱେକଥା ଉଚତ ଟିକ । ୨୩ ।

ଭରସା ମୁହିଁ ବଡ଼ କରଥିଲି ।
ଭାବନା-କୃତ ସମ୍ଭୂ ପ୍ରାପ୍ୟେ ବୋଲି ।
ଭଙ୍ଗିଲ ଜନଙ୍କୁ କଲ୍ଲ ନିରାଶ ।
ଭବ୍ୟଜନେ କ ପ୍ରଭୁ କରେ ଦୋଷ ।
ଭାଦିଲି ସାଗରେ ।
ଭେଲା ଉରଜଭୂମ୍ ଦେଇ ମୋରେ । ୨୪ ।

Digitized by srujanika@gmail.com

ମୋହୋରେ ମାନ କରନ୍ତୁ କପାଇଁ ।
ମୋତେ କୋହଳବଚନ ନ କହ ।
ମନ ହରିଣ ଯେବେ ସେ କହିବ ।
ମଦନ ସ୍ବପ୍ନେ ଦୁଃଖ ଉଦ୍ଭଇବ ।
ମଦଗ୍ରାଘି ମୋର ।
ମାଣିକମାଳା ସେ କଣ୍ଠତଟର । ୧୫ ।

ଯେବେ ଦୋଷ ମୁହିଁ କଲି ତାହାରେ ।
ଜାଣ୍ମଣି ଦଣ୍ଡ ଦେଉ ମୋହୋରେ ।
ଜଗତେ ଏ କଥା ରହିଣ ଥାଉ ।
ଜଳଜାକ୍ଷି ଲାଗି ଜୀବନ ଯାଉ ।
ଯେବେ ନ ବୁଝିବ ।
ଯେତେ କହିଲେ ସେ କପ ହୋଇବ । ୧୬ ।

ରମଣୀମଣି ରତିରସ ଦେଇ ।
ରଖ୍ ପ୍ରେମଦାନ ଦେଇଣ ସହି ।
ରକ୍ଷିବ ଯେବେ ସେହୁ ସେ ରକ୍ଷିବ ।
ରଖନ୍ତା ତା ବିନୁ ଆନ ନୋହିବ ।
ରସିକନୀ ମୋର ।
ରଙ୍ଗକଳା ରାମା ଗୁଣ ଗମ୍ଭୀର । ୧୭ ।

ଲହୁଲବପୁସ ହିନୁ ତାହାର ।
ଲତାଏ ପାଶୁଁ ନୋହଇ ଅନ୍ତର ।
ଲାବଣ୍ୟନିଧି ଲଳିତ ବଚନୀ ।
ଲେଖିଥିଲା ପଦ ଅନୁରାଗିଣୀ ।

Digitized by srujanika@gmail.com

ଲବଙ୍ଗିକା ଆଗେ ।
ଲଲନାବର କହିଲା ସରାଗେ । ୨୮ ।

ବିଲମ୍ବ ନ କର ଚଲ ବହନ ।
ବନଜବଦନୀ ମୋ ପ୍ରାଣଧନ ।
ବିଧାତା ବଶୁଁ ପ୍ରେମନ୍ତ ହୋଇଲା ।
ବେଲକୁ ବେଲ ଯେ ନବୀଣ କଲା ।
ବନସ୍ତୁ ହୋଉଛି ।
ବାରେ ଦସ୍ଥା ମୋତେ କରୁ ମୃଗାଛି । ୨୯ ।

ସଦନ ହୋଇ ଘନ ପରବେଶ ।
ସରୋଜନେତ୍ରୀ ଦେଖିଣ ବରସ ।
ଶମ୍ବର-ଶର ଭଯ୍ୟରୁ କର ।
ସନ୍ତଗେ କୋଳେ ବସିଲା ସୁନଶୀ ।
ଶୀତଳ ବଚନ ।
ସେ କଥା ରମଣୀ ନ ଭୁଲେ ମନ । ୩୦ ।

ଶ୍ୟାମସୁନ୍ଦରର ସନ୍ଦେଶ ପାଇ ।
ଶୀଘ୍ରେ ଦୂତୀ ସଖୀ ପାଶେ ମିଳଇ ।
ସରୋଜପତ୍ର କୁଟୀର ମଧ୍ୟରେ ।
ସ୍ମିତହାସିନୀ ବସିଛି କ୍ରୋଧରେ
ସହଚରୀ ଯାଇ ।
ସରୋଜନେତ୍ର ବାରତା କହଇ । ୩୧ ।

ଶମ୍ବର ତାତ ତୋତେ ବରଦ୍ଧି ।
ଶୀଘ୍ର ତା ଅଙ୍ଗ ହେଲା ପ୍ରାଣସଦ୍ଧି !

Digitized by srujanika@gmail.com

ଶଶୀପ୍ରେକ ରେଖା ଜାଣି ତା ଅଙ୍ଗ ।
ସେନେହ ଥିଲେ ଦଅ ରତିରଙ୍ଗ ।
    ଶଶୀମୁଖି ହସି ।
ସାରଙ୍ଗଧରଙ୍କୁ ଅଣ ସୁକେଶୀ । ୩୨ ।

ହଂସଗାମିନୀ ହୃଷ୍ଟ ବାଣୀ ଶୁଣି ।
ହରଙ୍କି ବେଗେ ଅଣିଲା ତରୁଣୀ ।
ହିମାଂଶୁମୁଖୀ ସନ୍ନିଧେ ପ୍ରବେଶ ।
ହୃଦତାପ ଖଣ୍ଡି ହେଲେ ହରଷ ।
    ହରିଣାକ୍ଷି ହର ।
ହେଲେ ରତିରଣେ ଏ ବେନି ସର । ୩୩ ।

କ୍ଷଣନ୍ତେ ରାଧାକୃଷ୍ଣ କଲେ ରସ ।
ଖଣ୍ଡି ସୁରତ ସେ ହେଲେ ହରଷ ।
କ୍ଷୀରବିନ୍ଦୁକେମାପଦ ଚରଣ ।
ନୃପ ଧନଞ୍ଜୟ ପଶେ ଶରଣ ।
    କ୍ଷମା ଦୋଷ କର ।
କ୍ଷମିଲା ଏ ରସ ଦୋଷ ନ ଧର । ୩୪ ।

Digitized by srujanika@gmail.com

ପ୍ରେମଚିନ୍ତାମଣି ଚଉତିଶା

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ବହୁ ବୈଷ୍ଣବକାବ୍ୟକବିତାର ରଚୟିତା । ଚଷିବଟାରେ, ରସିକୋତ୍ତମ ଘରର ଲଳିତ ଅଭିବ୍ୟକ୍ତିରେ ବଳଦେବ କବିସୂର୍ଯ୍ୟ ବ୍ରହ୍ମା ମଧ୍ୟ ତାଙ୍କର ସମକକ୍ଷ ହେବେ କି ନାହିଁ ସନ୍ଦେହ । ସଦାନନ୍ଦ ଅଭିମନ୍ୟୁ-ସାମନ୍ତସିଂହାରଙ୍କ ଗୁରୁ:—ଏତା ଛଡ଼ା ତାଙ୍କର ଅଧିକ ବିଶେଷ ପରିଚୟ ଅନାବଶ୍ୟକ । ପ୍ରେମଚିନ୍ତାମଣି ଚଉତିଶାର ରମଣୀୟ କାନ୍ତ ପଦାବଳୀ ଯେଉଁ ପ୍ରକାରର ବହିର୍ବିକାଶ ଉଜ୍ଜ୍ୱଳ ଏ ପର୍ଯ୍ୟନ୍ତ ତାର ଯଥାଯୁକ୍ତ ପୂଜା କରିନାହିଁ । କାରଣ ସଦାନନ୍ଦଙ୍କର ଅନେକ କାବ୍ୟ କବିତା ଏ ପର୍ଯ୍ୟନ୍ତ ଅନାବିଷ୍କୃତ ନ ହେଲେହେଁ ଅପ୍ରକାଶିତ ।

କହଇ ନାଗରୀ-ବର
କରୁଁ ସଜନୀ ଆଗର
କାଢିଲୁ ଓଢ଼ଣୀ   ହୋଇଲୁ ବାହାର
ଶ୍ୟାମବନ୍ଧୁ ହୋଉ ମୋର । ୧ ।

ଖଳଙ୍କୁ ନାହିଁ ମୋ ଡର
ଖଞ୍ଜିବି ଚରଣେ ତାର
ଖସିଲା ଖସଣି   ଶର କି ରହଇ
ମୋ ମନ ହେଲାଣି ତାର । ୨ ।

ଗ୍ୟାନ ଧ୍ୟାନ ସବୁ ମୋର
ଗୋବିନ୍ଦ ନନ୍ଦକିଶୋର
ଗୁପତେ ଦିନା ମୁଁ   ତୋତେ କହୁଅଛି
ପାପକୁ ନାହିଁ ମୋ ଡର । ୩ ।

ଘେନଥା ମନରେ ଏତେ
ଘୋର ବିଜନ ବନସ୍ତେ
ଘନଶ୍ୟାମ ଚନ୍ଦ୍ର—   ମୁଖ ଦେଖୁଥିଲେ
ବୈକୁଣ୍ଠ ଛାର ବା କେତେ । ୪ ।

Digitized by srujanika@gmail.com

ନିଷ୍ଠା ଏହି କଥା ମୋର
ନ ଯାଇ ନଟ ନାଗର
ନାରାୟଣ ପୁରେ   ବାସ ନ ଯୋଗାଇ
ନରକେ ପଡ଼ିବା ଯାଇ । ୫ ।

ଚୂର୍ଣ୍ଣ କୁନ୍ତଳ ଅବୃତ
ଚନ୍ଦ୍ର ବଦନ ମୋ କାନ୍ତ
ଚଉଦ ବ୍ରହ୍ମାଣ୍ଡ   ଲୋକ ଛଡ଼ାଇଲେ
ଛଡ଼ି ନ ପାରେ ମୋ ଚିତ୍ତ । ୬ ।

ଛଇଲ ଛବି ଛଟକ
ଛଡ଼ାଇ ଦେଲା ବିବେକ
ଛନ ଛନ ହୋଏ   ମନ ଅବଛନ
ହୃଦ ହୁଏ ଦକ ଦକ । ୭ ।

ଜଗମୋହିନୀ ମନ୍ତ୍ରର
ଜାଣନ୍ତି ମୁରଲୀଧର
ଯା ଗୀତରେ ଦ୍ରବ   ପାଷାଣ ହୋଇ
ପାଣି ହେବ କି ପଥର । ୮ ।

ଝଟଇ ପ୍ରଳୟେ ତରୁ
ଝଟଇ ପଲ୍ଲବେ ଦାରୁ
ଝାମ ଯାଇ ଉଡ଼ି—   ଗଲା ପକ୍ଷୀ ପଡ଼େ
କି ଛର ଅବଳା ସ୍ତ୍ରୀରୁ । ୯ ।

ନିବର୍ତ୍ତି ଉ ପରି ମୋତେ
ମୁଁ ଏବେ କହୁଛୁ ତୋତେ

Digitized by srujanika@gmail.com

ଜନ ମନକୁ ଭୁ   ଭୋଳଇ ପଶୁର
ଝ ଝୁଅଇ ବଂଶୀ ଗୀତରେ । ୧୦ ।

ଟଳଇ ମେରୁ ମନ୍ଦର
ଟଳବଢ ବାଣୀ ମୋର
ଟମକ ନଗାଣ   ବାଜେ ତ୍ରିଭୁବନ
ରାଧା ହେଲେଣି କୃଷ୍ଣରା ୧୧ ।

ଠୁଳ ପୁରୁଷ ଉତ୍ତମ
ଠିକେ ରହିକ ସ୍ୱପ୍ନେ ନାମ
ଠିକେ ସଦାନନ୍ଦ   କବି ସ୍ପର୍ଦ୍ଧ ବ୍ରହ୍ମା
ଲଭ ହେବ ପୂର୍ଣ୍ଣକାମ । ୧୨ ।

ଡୋଳା ଲଲାଟରେ ଖୋସି
ଡାକେ ମୁଖ ଦେଇ ବଂଶୀ
ଡଗଲ ପଶ୍ଚାତ୍ପ୍ରେ   ମିଛେ ବୋଲୁଥାଇ
ରଖ ମଲ ଋଷି ଭୃଷି । ୧୩ ।

ଢଳ ଢଳ ଗୁଳୁଥାଇ
ଢାଳି ଢାଳି ଗୁହୁଁଥାଇ
ଢମ ପଣ ଛାଡ଼   ଏହ୍ନି ଦେନ ଦିନା
ଯ୍ୟା ପଛେ ହୋଇଲୁ ବାଇ । ୧୪ ।

ଅଳପ ନୋହେ ତା ବେଶ
ଆଙ୍ଖି-ପକ୍ଷୀ ଅଠା-ରସ
ଅନୁରାଗୀ ଲୋକ   ଛାଡ଼ ପାରଇଛ
ଭୁଲ ଯାଉ ପଛେ ନାଶ । ୧୫ ।

Digitized by srujanika@gmail.com

ତମାଲ ନୀଳ କୁନ୍ତଳ
ତଥି ବନ୍ଧା ବାଙ୍କ ଚୂଳ
ତହିଁ ମୟୂର ଚନ୍ଦ୍ରିକା ନାସ୍ତିତାର
ମଣ୍ଡିଣି କୁସୁମମାଳ । ୧୬ ।

ଯୋଉଥି ଗଣ୍ଠି ବସନେ
ଥିଲେ ଦେଖିରୁ ନୟନେ
ଥିବ ଦେଖି କେହ୍ନ ଭୁଲେ ବ୍ରଜବାଳୀ
ଜାଣିହ ଅଳପ ବଚନେ । ୧୭ ।

ଦଶେ ଅଳକା ମଣ୍ଡଳ
ଦିବ୍ୟ ଜୋଡ ପଦ୍ମ ମେଳ
ଦୁଇ ପାଖ ଯେନ ଯାଉ ଯାଉ କଥା—
ପନ୍ନ ଦଏ ଧୈର୍ଯ୍ୟ ଛାଳ । ୧୮ ।

ଧନ୍ୟ ତା ଚନ୍ଦନପାଟି
ଧୈର୍ଯ୍ୟ ତରୁ ଦଏ କାଟି
ଧରିବ କେ ଦେହ ତାଙ୍କୁ ନ ଦେଖିଲେ
ତ୍ରୁଟି ହୋଏ ଯୁଗ କୋଟି । ୧୯ ।

ନାଗରୀ ଗର୍ବ ଗଞ୍ଜନ
ନୟନେ ସରୁ ଅଞ୍ଜନ
ନୂଆ ନୂଆ ବାଙ୍କ ଚାହାଣୀ ତହିଁରେ
କି ସେ ନାଚୁଥି ଖଞ୍ଜନ । ୨୦ ।

ପର ପାଇଁ ଦେଲି ପ୍ରାଣ
ପତାକା ବାନ୍ଧିଲି ଜାଣି

Digitized by srujanika@gmail.com

ପୁରୁଣା ପ୍ରୀତିସ୍ପୃହା ଥିଲେକ ପଚ୍ଚର
ପ୍ରୀତିର କେତେ ଲକ୍ଷଣ । ୨୧ ।

ଫନ୍ଦା ମୁ କଲି ତାହାକୁ
ଫେଡ଼ି କହିଲି ମନକୁ
ଫିଟି ପଡ଼ିଲା ନିଜ ଧନ ପାଣିରେ
ଫୋଡେ କାମଶର ବୁକୁ । ୨୨ ।

ବିମ୍ବାଧରେ ମନ୍ଦ ହାସ
ବକ୍ଷସ୍ଥଳ ଶୋଭା-ଦେଶ
ବୁଗୁଲାଙ୍କ (?) ମାରଣା ତା ଆଖି
ମନ ଲୁଟିକଲେ ରସ । ୨୩ ।

ଭୁଜ ମର୍କତ ବଳୟ
ଭୁବନ ମଙ୍ଗଳକାରୀ
ଭଣେ କବିସୂର୍ଯ୍ୟ ସେ ବନ୍ଧା ପାଇବେ
କଲେ ରାଧା ଶୋଭା ଗୌର । ୨୪ ।

ମନା କରୁ ପରା ମୋତେ
ମୁ ଏବେ କହୁଛି ତୋତେ
ମୋହନଚନ୍ଦ୍ରଙ୍କୁ ମୁରୁଛ ମନ୍ତ୍ର
କେ ଜାଣେ କହ ଜଗତେ । ୨୫ ।

ଜୀବନବନ୍ଧୁ କାଳିଆ
ଯମୁନାକୂଳକୂଳିଆ
ଲାଗି ବହିଥାଇ ମୋ ତେଟ ପାଇଁକି
ଦେଖି ଚମକେ ମୋ ହିଆ । ୨୬ ।

Digitized by srujanika@gmail.com

ରତନ ହାର କଙ୍କଣ
ରବି କିରଣୁ ଦ୍ୱିଗୁଣ
ରହି ତା ଶ୍ରୀ ଅଙ୍ଗେ   ଶୋଭା ରଙ୍ଗ ପାଦ
ତାହାକୁ ଶୋଭା ପାଇଣ । ୨୭ ।

ଲାବଣ୍ୟ ଶ୍ରୀ ଅଙ୍ଗ ତାର
ଲାଗି ତହିଁ ପୀତାମ୍ବର
ଲଳନା ମନମତ୍ତ   କଣ୍ଠ ପଡ଼ନ୍ତି
ଲାଭ ଟୋପରେ ତାହାର । ୨୮ ।

ବିଚିତ୍ର ପାହୁଡ଼ ପାଦେ
ବାଜେଣୀ ନୂପୁର ନାଦେ
ବଣାହୋଇ ମୋର   ବିବେକ ଚହ୍ଲାଇ
ହୁରୁଡ଼ିଗଲେ ବିଷାଦେ । ୨୯ ।

ଶରଣ ଗଲି ପ୍ରମାଣ
ଶ୍ୟାମବନ୍ଧୁ ଶ୍ରୀଚରଣ
ସେ ଯେବେ ଛାଡ଼ିବେ   ମୁଁ ଯେ ନ ଛାଡ଼ଇ
ସେ ବିନା କେ ପରିତ୍ରାଣ । ୩୦ ।

ସେ ହେନେ ଯେତେ ମୋ ଦୋଷ
ସେ ଷମା ହେବ ଅବଶ୍ୟ
ସର୍ବ ଗର୍ବ ଖର୍ବ   ହୋଇଲା ମୋହର
ଛାଡ଼ିଲିଣି ସବୁ ଆଶ । ୩୧ ।

ସବୁକାଳରେ ମୁଁ ତାର
ସେହି ପ୍ରାଣନାଥ ମୋର

Digitized by srujanika@gmail.com

ଶୃଙ୍ଖଳ୍ ରକ୍ଷି କହୁ ଗଲେ ପର୍
ମୁଁ ସେ ଈଶସ୍ୱୀ ଈଶର । ୩୨ ।

ହୋଉ ନୋହୁ ଭଗବାନ
ହେଲେ ଅଧିକ ନଉନ
ହରଣୀଙ୍କ ବନା ଗୃହଙ୍କାର ଗଢ
କାହିଁକ୍ଷ ସେ ମୋତେ ସ୍ଥାନ । ୩୩ ।

ଯେତେ ରସିକର ରସ
ଯିଉରେ ହୋଉ ପ୍ରକାଶ
ଖ୍ୟାତ ପ୍ରେମ ଚନ୍ଦ୍ରା— ମଣି ଗୀତ ନାମ
ମୁଁ ସାଧୁଚରଣ ଦାସ । ୩୪ ।

Digitized by srujanika@gmail.com

ଦୂତୀ ଚଉତିଶା

ଶ୍ରୀଚୈତନ୍ୟଙ୍କ ପାର୍ଷଦଙ୍କ ମଧ୍ୟରୁ ଅନ୍ୟତମ ଜଗମୋହନ ବନମାଳୀଦାସ ବଳରାମ ଦାସଙ୍କର ଓଡ଼ିଶା ଜାତୀୟ ସାହିତ୍ୟରେ ସ୍ଥାନ ଅତି ଉଚ୍ଚ। ତାଙ୍କ କୃତ ବେଦେବ ସୂତ୍ର ଶବଦା ଉଲ୍ଲୀପ୍ସ ଅବାଳ ବୃନ୍ଦାବନଗାଙ୍କ କଣ୍ଠହାର। ଦୂତୀ ଚଉତିଶା ଗ୍ରନ୍ଥଧ୍ୟରୁ ଅନ୍ୟତମ। ଏହାର ଶେଷ କେତେକ ପଦ ଅମ୍ଭେ ଏ ପର୍ଯ୍ୟନ୍ତ ପାଇନାହୁଁ।

କହେ ସଇ ଦୂତି ! ଶୁଣ ବିଛଣି
କଦମ୍ବମୂଳରେ ମୁରଲୀପାଣି
ଦୂତି ଗୋ !
କାହ୍ନୁ କେଡ଼େ ସୁନ୍ଦର
କୃଷ୍ଣ କଳ୍ପତରୁ ନବ ଅଙ୍କୁର । ୧ ।
ଖୀନ ନାଳ ପରେ ଜିଭଙ୍ଗୀଠାଣି
ଖଞ୍ଜନନେତ୍ର ତା ବାଙ୍କ ଗୃହାଣୀ
ଦୂତି ଗୋ !
ଖେଦ ବଳଲା ମୋର
ଖରେ ବିନ୍ଧୁଅଛି ମଦନ ଶର । ୨ ।
ଗୋପୀ ଗୋପାଳ ଗୋବତ୍ସ ସହିତେ
ଗୋଲାହାଟ ପର ଲାଗୁଛି ମୋତେ
ଦୂତି ଗୋ !
ଗ୍ୟାନ ହାରଲା ମୋର
ଗୋବିନ୍ଦଙ୍କୁ ଦେଖି ଚିତ୍ତ ଅସ୍ଥିର । ୩ ।

Digitized by srujanika@gmail.com

ଘନ ଶ୍ୟାମଳଅ ନନ୍ଦର କାହ୍ନୁ
ଘନଘନ କର ବଜାନ୍ତି ବେଣୁ
ଦୂତି ଗୋ !
ଘରେ ନ ରହେ ଚିତ୍ତ
ଘନ ଶ୍ୟାମଳଅ ବାଇ କଲେ ଘ । ୪ ।

ଙଲଟି କଦମ୍ବ ମୂଳେ ବ୍ରଜପ୍ରେ
ଙଛାଉ ମୁରଲୀ କି ରଙ୍ଗେ ବାଯ୍ୟେ
ଦୂତି ଗୋ !
ଅଛି ଲାବଣ୍ୟ ବାଣୀ
ଅବଳା ଗଣ୍ଡ ସ୍ପନ୍ଦପାଶେ କିଣି । ୫ ।

ଚିତାକୁ ଦେଖିଣ ଚିତ୍ତ ଅସ୍ଥିର
ଚେତନା ହଜାଇ ସହଜ ଘର
ଦୂତି ଗୋ !
ଚିହ୍ନି ନେଇପ୍ରତିମା
ଚତୁର୍ଦ୍ଦିଗ-ଚିତ୍ତ-କୁମୁଦ-ଚନ୍ଦ୍ରମା । ୬ ।

ଛଡ଼ା ଚକ୍ର ପରେ ଛଇଲ ବର
ଛଛନ୍ଦେ ହୋଇଛି ଛଇ ଆକାର
ଦୂତି ଗୋ !
ଛନ୍ଦ ମୁରଲୀ ସିନା
ଛନ୍ଦ ଭିତରେ ଅବାଡ଼ ପ୍ରତିମା । ୭ ।

ଜଗତ ଜୀବନ ଯଶୋଦା ନନ୍ଦ
ଯୁବା ଯୁବତୀଙ୍କ ମୋହନ ଫାନ୍ଦ

Digitized by srujanika@gmail.com

ଦୂତି ଗୋ !
ଯିବା ଆସିବା ହେଲା
ନିସ୍କଳଙ୍କ ମୋ ପରାଣ ନାଳ । ୮ ।

ସରଶିଖେ ହର ହେଲେ ପ୍ରସନ୍ନ
ହାସି ସୁଧାସିନ୍ଧୁ କର ଦର୍ଶନ
ଦୂତି ଗୋ !
ହଠ ହଠ ଶ୍ରୀମୁଖ
ହାସି ସୁଧାସିନ୍ଧୁ ଲଭିବା ସୁଖ । ୯ ।

ନବଘନ ତନୁ ଶ୍ୟାମଳ ସାଜେ
ନୀପ ବଟମୂଳେ କରନ୍ତୁ ବଜେ
ଦୂତି ଗୋ !
ନବ ନବ ମୁରଳି
ନବ ଅନୁରାଗେ ବଜାଅ ମଳି । ୧୦ ।

ଯେବେ ବାନ୍ଧିଥାନ୍ତି ମୋହନ ଚୂଳ
ଠାବ ପଦ୍ମବ୍ରତା ହୋଇବେ ଭୋଳ
ଦୂତି ଗୋ !
ଠାଣ ରହିବ ନାହିଁ
ଯେଉଁ ଠାଣେ ବାନ୍ଧ ତ୍ରିବେଣୀ ନଇ । ୧୧ ।

ତୁଳଶୂନ୍ୟ ପରେ ନାଚ୍ୟ ଧ୍ୱନାସ
ଠିକେ ରାଧା ଦୂତୀ ସେ ପାଚେଦ ରସ
ଦୂତି ଗୋ !
ଠିକେ ଗୁରୁ ରାଧିକା
ଠିକେ ବଳରାମ ଭାବେ ଦୂତିକା । ୧୨ ।

Digitized by srujanika@gmail.com

ଡାକ ପ୍ରାଣଧନ କହୁଛନ୍ତି ତୋତେ
ଡୋଲାକୁ ଡୋଳା ମନ୍ମଥ ଭୁଗତେ
ଦୂତ ଗୋ !
ଡାକେ ମୁରଲୀ ତାର
ଢେର ଶ୍ରୁତିପଥେ ଶବଦ ବାର । ୧୩ ।

ଢେଉକୁ ନିଶ୍ଚଳ କର ତୁ ମନ
ଢଳଢଳ ଦିଶେ ବଂଶୀ ବଦନ
ଦୂତ ଗୋ !
ଢାଳେ ମୁରୁଛି ନୋହି
ଢି କରଅଛୁ କଳା କହ୍ନାଇ । ୧୪ ।

ଅଣସର ଘରେ ଗଙ୍ଗା ଯମୁନା
ଅନୁପାମ ଜଳ ଭଲେ ମିଶାନା
ଦୂତ ଗୋ !
ଅନୁସର ଭାବନା
ଅପୂର୍ବ ସୁନ୍ଦର ନନ୍ଦର କହ୍ନା । ୧୫ ।

ତାଳୁପରେ ଦେଖ ତ୍ରିଭଙ୍ଗୀ ଚୂଳ
ତରୁଣ ଅରୁଣ ଚରଣ ତଳ
ଦୂତ ଗୋ !
ତ୍ରିଭଙ୍ଗିମା ତା ଠାଣି
ତରଳ ଦେଖି ସେ ନବକାମିନୀ । ୧୬ ।

ଥିରେ ବଂଶୀଧ୍ୱନି ପାଇଲେ ତେଣ୍ଠ
ସ୍ତମ୍ଭିତ ମୋହନ ବଶ ଉଚାଟ

Digitized by srujanika@gmail.com

ଦୂତି ଗୋ !
ଥୟ ନୋହଇ ଚିତ୍ତ
ଥୋଇଲା ଧନ ପାସୋରିଛି ମୁଁ ତ । ୧୭ ।

ଦୟା ଧର୍ମ ସତ ଶାନ୍ତି କ ଯେନ
ଦୟାନିଧି ପାଶେ ମଜ୍ଜାଅ ମନ
ଦୂତି ଗୋ !
ଦେଖ ଦିବ୍ୟ ମୂରତି
ଦେବା ଦେଖା ହବ ଶ୍ରୀକୃଷ୍ଣ ମୂର୍ତ୍ତି । ୧୮ ।

ଧନ ଯଉବନ ନୋହଇ ଚିର
ଧରଣୀ ମଧ୍ୟେ କୃଷ୍ଣଭକ୍ତି ସାର
ଦୂତି ଗୋ !
ଧ୍ରୁବ ଏ ବାକ୍ୟ ଚିନା
ଧନ୍ୟ ବ୍ରଜଭୂମି ପୂର୍ବ ବାସନା । ୧୯ ।

ନବଘନ ନୂଆ ପୀରତି ଭାବ
ନବ ପଞ୍ଚପୁରେ ଅଛି ଦୁର୍ଲଭ
ଦୂତି ଗୋ !
ନବନବ ମୂରତି
ନବ ଅନୁରାଗେ ବଳାଅ ମତି । ୨୦ ।

ପରମ ପୀୟୂଷ ଖାଇଣ ଭୋଳା
ପର ପୀରତିରେ ପରମ ମିଳା
ଦୂତି ଗୋ !
ପର ରଜ ବସ୍ତୁର
ପୀରତି କାରଣ ସଂସାରେ ସାର । ୨୧ ।

Digitized by srujanika@gmail.com

ଫୁଲ ଚଢି ପ୍ରୀତି କର ଗୋ ସହି !
ଫୁଲମକରନ୍ଦେ ଭ୍ରମର ବାଇ
ଦୂତି ଗୋ !
ଫୁଲ ମଧ୍ୟରେ ବାସ
ଫୁଲମାଳିଆ ପାଦେ କର ଆଶ । ୧୧ ।

ବାର ବାର କର କହୁଛି ସହି !
ବାର ବାର ବାଁରେ ରଖ ଭୁ ନେଇ
ଦୂତୀ ଗୋ
ବାର ସଙ୍ଗତେ ଗୃର
ବଂଶୀଧରଙ୍କୁ ଭାବେ ବଶ କର । ୧୩ ।

ଭାବରେ ବଶ ସେ ଭାବରେ ବାଇ
ଭୃଙ୍ଗ ଯେହ୍ନେ ମଧୁପାନ ଚୁମ୍ବଇ
ଦୂତି ଗୋ !
ଭାବ ନେହ ପଥକୁ
ଭାବେ ବଳରାମ ଜୀବ ତାହାଙ୍କୁ । ୧୪ ।

ମନେ ମନ କର ମଜାଅ ମନ
ମନ ପୀରତିରେ ମନମୋହନ
ଦୂତି ଗୋ !
ମନେ ମନ ମଜାଅ
ମନ ମାନହିଁକେ ସେବା ଲଗାଅ । ୧୫ ।

ଯମୁନାକୂଳେ ବଂଶୀ ବଟ ମୂଳେ
ଜାତି କୁସୁମ ନିକୁଞ୍ଜ ବନରେ

Digitized by srujanika@gmail.com

ଦୂତି ଗୋ !
ଛପ ଲମ୍ଫ ସନ୍ଧରେ
ଜାଟି ଭେଟ ଚାଲୁ ଜ୍ୟୋତ୍ସ୍ନା ଉଭରେ । ୧୬ ।

ରସେ ରସିକ ରସ ଖାଇ ଭୋଳ
ରସ ଅଟେ ଯୋଗ ମୃଦଙ୍ଗ ତଳ
ଦୂତି ଗୋ !
ରସ କନ୍ଦୁକରେ
ରସବତୀ ବେଢ଼ି ନୃତ୍ୟ ପାଶରେ । ୧୭ ।

ଲଳିତା ବିଶାଖା ରସି ଅବେଶେ
ଲମ୍ଫାଙ୍ଗ ଲୀଳାଙ୍ଗ ଭୋଗାଙ୍ଗରେ ସେ
ଦୂତି ଗୋ !
ଲୀଳା ଲାବଣ୍ୟନିଧି
ଲମ୍ଫୁଙ୍କେ ସାଧିଲେ ଲୀଳାଙ୍କେ ସିଦ୍ଧି । ୧୮ ।

ବ୍ରଜରାଜସୁତ ସଙ୍ଗେ ବିଳସି
ବାମଙ୍କୁ ତ ବାମା କ ଶୋଭା ଦର୍ଶି
ଦୂତି ଗୋ !
ବାଙ୍କ ବଂଶୀନାଦରେ
ବାଜନ୍ତି ଶବଦ ଶିଶୁ ବେଦରେ । ୧୯ ।

ଷୋଳ ସହସ୍ର ଚତୁର୍ବିଧି ହୋଇ
ସାର ଶ୍ରୀଭଜେ ଚୌଷଠୀ ହୋଇ
ଦୂତି ଗୋ !
ସବୁ ବଂଶୀ ନାଦରେ
ଷବଦ ଶୁଭଇ ଶିଶୁ ବେଦରେ । ୩୦ ।

Digitized by srujanika@gmail.com

ଶ୍ୟାମ ସୁନ୍ଦର ଅଭେଦ ପୀରତ
ସାତ୍ୱିକ ସେବା ସେ ପ୍ରେମ ପୀରତି
ଦୃଢ ଗୋ !
ସର୍ବ ନବ ଅବଳା
ସମ ସାଧନାରେ ବୃଷଯୃା ଖେଳା । ୩୧ ।

ଅଭିନ୍ନା ଚଉତିଶା

ଅଭିନ୍ନା ଚଉତିଶା ସେହି ଶ୍ରେଣୀର ପ୍ରେମକବିତା ଯହିଁରେ ଅସ୍ମାନଙ୍କ ବିଦେଶୀ ଶିକ୍ଷାପ୍ରାପ୍ତ ମାନବିଶାରଦମାନେ ତଥାକଥିତ ଅଶ୍ଳୀଳତାର ଗନ୍ଧ ପାଇ ନାସାକୁଞ୍ଚନ କରିବେ । ସ୍ୱାଧୀନ ଉତ୍କଳ ଶ୍ଳୀଳ ଅଶ୍ଳୀଳ ନିର୍ଣ୍ଣୟ କରିବା ପାଇଁ ନିଜର ମାପକାଠି ରଖିଥିଲା । ସେ ଅନ୍ତ ପ୍ରବେଶୀ ଦୃଷ୍ଟି ବଳରେ ଜାଣିପାରି ନ ଥିଲା ଯେ ଘୋଡାଏ ଦୂର ଅଶ୍ଳୀଳ ଯହିଁରେ "ଭବଧପ୍ରଚାର"-କାରକ ତୁଲ୍ୟ ଜଡ଼-ପ୍ରବେଶିତ ଜନ୍ମ ହୋଇ, ଉତ୍କଳୀୟମାନଙ୍କ ମାନର ନୂଆ ସଜ୍ଞା ଶିଖାଇ ଉତ୍କଳ ସାହିତ୍ୟରେ ନବଯୁଗ ପ୍ରବର୍ତ୍ତନର ପ୍ରୟାସ କରିବେ ।

କହଁ ବିଦେଶୀ ଚତୁର ଶିରୋମଣି ଚରିତ ଚିତ୍ତେ ଚତୋଇ ରେ
କୁସୁମ କାଳ କଳାକର କିରଣେ କମ୍ପଇ ବ୍ୟାକୁଳ ହୋଇ ରେ

ଅଭିନ୍ନା !

କେହି ବଶ୍ୟ ଥିବୁ ଦିନ ରେ
କହିଁଠାରେ କି ଏ ବିଶ୍ୱରୁ ଥିବୁ
କେହୁ ଥିବ ତୋର ମନ ରେ । ୧ ।

ଖୋସା ଖୋସି ଦିନେ ଦିନକେ ସରାଗେ ମୋ ଅଙ୍ଗେ ଦେଖାଉ ଆସି ରେ
ଖୋସି କାଣେମ କ ମୋହ୍ୱା ଯତ୍ନ ବୋଲି ବୋଲି ଅଙ୍ଗେ ଯାଉ ମିଶି ରେ

ଅଭିନ୍ନା !

• ଖେଳାଇ ନୟନ ଖୋସୁ ରେ
ଖସାଇ ଦେଲେ ଜୀବନ ଖୋସିଦେଇ
ଏ ପୁଣି କ ବୋଲି ଭାଷୁ ରେ । ୨ ।

ଗୋରି ଦେହ ଜଡ଼ ଗୁଙ୍କୁମ ଲେପନ୍ତେ ଉଠୁ ଯେ ଥାଇ ଝଟକ ରେ
ଗାଢ଼ ଆଲିଙ୍ଗନ ସୁରତରେ ଧନ ମୋ ମନ ଥାଉ ଅଟକି ରେ

Digitized by srujanika@gmail.com

ଅହଲ୍ୟା !
ଗଳାର ହାର ତୁ ମୋର
ଗୁଣଗହ୍ୱର ! ତୋ ଗୁଣ ଗୀତ କଣ୍ଠ
ଗାଉଥିବ ନିରନ୍ତର ରେ । ୩ ।

ଢାଗଡ଼ା ପଡ଼ି ଦିବ୍ୟ ହେମ ଝିଙ୍କୁଲ ଗୁଚ୍ଛା ସରୁଧାନମାଳ ରେ
ଘଷଣି ହେମଉରଜେ ଲାଗିବାରୁ ଦଣ୍ଡେ ଶଢେ ଗୁଢଣି ଝୁଲ ରେ
ଅହଲ୍ୟା !
ପଢ଼ୁକର ଭାବ ଯେତେ ରେ
ଯେନିଲେ ପାଷାଣ ଦ୍ରବ ହୋଇଯିବ
ହୃଦୟ ଘର ମୋ କେତେ ରେ । ୪ ।

ନ ଦେଉ ଅଙ୍ଗ ଚୁମ୍ବନ ମୁଁ ନ ଦେଲେ ଥରେ ଥରେ ଅଙ୍ଗ ଦେଉ ରେ
ନ ଦେନ୍ତୁ ମୋହ ବଚନକୁ ଗୋଷ୍ଠୀଏ ବଳଆଇ ଅଗେ ଦେଉ ରେ
ଅହଲ୍ୟା !
ନିମିଷେ ଅନ୍ତର ନୋହୁ ରେ
ନନ୍ଦନକେଳିଲାଳସି ! ମଦାଳସି !
କି ଅପୂର୍ବ ଭଷା କହୁ ରେ । ୫ ।

ଚନ୍ଦନପାଙ୍କ ଚନ୍ଦ୍ରାର୍ଦ୍ଧଭାଲପଟେ ଦିଶୁ ଯେ ଥାଇ ଶୁଭୁଷି ରେ
ଶୁହିଁ ନ ଶୁହିଁଲେ କେଳଳ ଶ୍ରଣ୍ଡ୍ର ମୋ ହୃଦୟ ହୋଏ କରୁଣ ରେ
ଅହଲ୍ୟା !
ଚିରକାଳୁ ମୁଁ ତୋ କିଣା ରେ
ଚିକ୍କଣକେଶୀ ମୋ ଅଭାଗ୍ୟ କାଳରୁ
କାହୁଁ ତୁ କରୁଣା ଉଣା ରେ । ୬ ।

Digitized by srujanika@gmail.com

ଛନ୍ଦ ଶ୍ରୀଭୁଜ ଶିରେ ଦେଇ ପ୍ରାଙ୍ଗଣେ ବଦନେ ଥିଲୁ ଉଭା ହୋଇ ରେ
ଛବିକି ଅନାଇ ମୁଁ ପଛଅଡ଼ରୁ ଆଲିଙ୍ଗନ କଲି ଯାଇ ରେ

ଅଘନା !

ଛାଡ଼ ଯା ବୋଇଲୁ ହସି ରେ

ଛାଡ଼ୁନାହିଁ ମନ୍ ଯାହା ବୋଲି ଅଛୁ

ଯାଇ କହୁ ପଛ ଦୁଃଖ ରେ । ୭ ।

ଯାମିନୀ ଯାକ ମୋ ଜଗି ବସିଥାଉ ଉନ୍ନିଦ୍ରେ ମୁଁ ଯିବାପାଇଁ ରେ
ଯତନ କରି ପ୍ରଚ୍ଛଦନ ପଲଙ୍କ ତଳେ ପ୍ରଦୀପ ଘୋଡ଼ାଇ ରେ

ଅଘନା !

ଜାଣି ନାହିଁ କି ତୋ ପ୍ରୀତି ରେ

ଯାଉ ଜୀବଧନ ତୋ ଲାଗି ଜୀବନ

ଯୁଗେ ଯୁଗେ ରହୁ କୀର୍ତ୍ତି ରେ । ୮ ।

ଝୁମ୍ପାବନ୍ଧା କଲା ସରୁ ଶାଢ଼ୀ ଧନ ! ନୋହିଲେ ନ ପିନ୍ଧୁ ପରା ରେ
ଝଲ ଗଉର ! ତୋ ଝଳ ଶ୍ରୀଅଙ୍ଗକୁ ସେହି ଶାଢ଼ୀ ଦିନା ଚୋରା ରେ

ଅଘନା !

ଝଲକୁ ମୋ ସେ କଥା ଚେତୁ ରେ

ଝଲଗଉର ! ବଳେ କୋଳେ ବସାଇ

ଯାହା ବୋଲିଅଛୁ ମନେ ରେ । ୯ ।

ନାଚିବନ କାଳେ ବଳେ ଖଟପରେ ଗୋଟି ମୁଖକୁ ଶୁଦ୍ଧାନ୍ତେ ରେ
ନଚନ୍ତୁ କେଳକଳଙ୍କୀ ମଦାଳସୀ ପାଦା କଲୁ ବାପଷ୍ଠିତେ ରେ

ଅଘନା !

ନାଟିକାସୁନ୍ଦରୀ ଫଳର ରେ

ନାହିଁ ନ ପାରିଲ ଗେଲେ ବୋଲୁଥାଉ

ସୁରତ ମାଗିବାପାଇଁ ରେ । ୧୦ ।

Digitized by srujanika@gmail.com

ଟେକି ଯାନୁରେ ବସାଇ ଚୁମ୍ବ ଦେଲେ ଟିକାଏ ନ ଟେକୁ ଶିର ରେ
ଟେକସ୍ତନେ ନଖମୂନ ଟିପିଦେଲେ ରଢ ବୋଲି ଧରୁ କର ରେ
ଅହନ୍ନା !
ଟଳଗଲା ଚେତେ ସୁଖ ରେ
ଟଙ୍କଧରଗପୁ ଦୁହିଁଙ୍କ ଏକାଳେ
ଏକାବେଳେ ଦେଲୁ ଦୁଖ ରେ । ୧୧ ।

ଠିଅ ଯେ ହୋଇଥାଉ ଛନ୍ଦ ଚରଣ ଦ୍ୱାରବନ୍ଧେ କର ଦେଇ ରେ
ଠାଠିକମୁଖୀ ଦେଖିଲେ ଦୂରୁ ମତେ ହସିଯାଉ ଅଡ଼େ ହୋଇ ରେ
ଅହନ୍ନା !
ଠାର ଶିଖିଅଛ କେତେ ରେ
ଠାକୁରାଣୀ ପଣ ମୂର୍ତ୍ତିବନ୍ତ ହୋଇ
ଭଲ ମାନୁଥାଇ ଚତେ ରେ । ୧୨ ।

ଡେଉଥାଇ କଣ୍ଠି ଝୁମକ ଝୁଣ୍ଟିଆ ନୂପୁର ନାଦକୁ ଡୋର ରେ
ଡାଳମ୍ବଦଶନା ଜାଣି ମୋ ପାଶକୁ ଆସୁଥାଉ କେତେଥର ରେ
ଅହନ୍ନା !
ଡରୁଥାଇ ଚତ୍ରେ ମୁହିଁ ରେ
ଡମ୍ବରୁସରୁ ସୁନ୍ଦର କଟି ଡୋର
ବାଟେ ଭାଙ୍ଗିଯିବା ପାଇଁ ରେ । ୧୩ ।

ଢାଳ ନୟନ ଢ଼ କର ଅଡ଼େ ଗ୍ରହୁଁ ଶ୍ରୀମୁଖେ ଦେଲେ ଚୁମ୍ବନ ରେ
ଢଳି ପଡୁଥିଲେ ହୃଦକୁ ମୋହର ମୁଁ କରଇ ଆଲିଙ୍ଗନ ରେ
ଅହନ୍ନା !
ଢାଳେହେଁ ନ ଛାଡ଼ିଲୁ ମତେ ରେ

Digitized by srujanika@gmail.com

ତମ କଣ୍ଠନାହିଁ ଛଳଦ୍ୱଳନେହି !
ହୋଇବ ଗରଲ ସତେ ରେ । ୧୪ ।

ଅବଧାନ ଶନ୍ଧ ଆନ ବୋଲି ମତେ ଭୁଲେଇ ନ ବସାଉଥାଉ ରେ
ଅଗୋ ଏ କି ବୋଲି ବୋଲୁଥାନ୍ତୁ ମତେ ବୋଲି ମୁଖେ ବାସ ଦେଉ ରେ
ଅଭନ୍ନା !
ଏହା ରଖିଥିବୁ ମନେ ରେ
ଆଉ ନ ପାରଇ ବୋଇବାର ନକ
ଦେଖିବ ଧନ ସପନେ ରେ । ୧୫ ।

ତୋ ଲାଗି ସକଳ ଦଣ୍ଡ ପରିତ୍ୟାଗୀ ହୋଇ ଅରଣ୍ୟେ ପଶିବି ରେ
ତପସ୍ୱୀ ହୋଇ କେବଳ ତୋ ନାମମହାମନ୍ତ୍ର ଜପୁଥିବ ରେ
ଅଭନ୍ନା !
ତେବେ ନୋହିବ କି ଗତି ରେ
ହିପୁର ସୁନ୍ଦର ! ତୋହୋପରି କରି
କେ ଦେବ ମୋତେ ଯୁବତୀ ରେ । ୧୬ ।

ଥିର କରି ଯେବେ ଥିରଗମନୀ ତୋ ଉରଜରେ ଦେଲି କର ରେ
ଥରେ ଚୁମ୍ବନ ଦେଇ ବନ୍ଧୁ ! ବୋଇଲି ହେଲା କି ବନ୍ଧୁ ଏଥର ରେ
ଅଭନ୍ନା
ଥୋଇ ହୃଦୟରୁ ହାର ରେ
ଥାଉ କିନା ବୋଲି ଯାହା କହୁ ବନ୍ଧୁ
ନ ଥିବ କି ତା ମନର ରେ । ୧୭ ।

ଦେହପାଣି ପାଉ ଯେବେ ଅଗଣାରେ ଜଗି ହୋଇଥିଲୁ ଆସି ରେ
ଦେଇ ପଣନ୍ତ ମଥାରେ ମତେ ଦେଖି ସଦନକୁ ଗଲୁ ପଶି ରେ

Digitized by srujanika@gmail.com

ଅହଲ୍ୟା !
ଦେଉଳ ନିକଟେ ଥାଇରେ
ଦିବ୍ୟ ଚତ୍ୱରେ ଶ୍ୱ ବିଗ୍ରହ ଅଳପ
ଦିଶିଲୁ ପାଲଙ୍କ ଶୃଙ୍ଗରେ । ୧୮ ।

ଧୀରଗମନା ରେ ଧର ହେ ଶ୍ରୀକର ବିପଷ୍ଟିତ ମୁଁ ମାଗନ୍ତେ ରେ
ଧରଣୀମଣ୍ଡନା ! ପୁଲକପଣ୍ଡିତା ! ସେହ୍ନମଞ୍ଜ କଲୁ ମତେ ରେ
ଅହଲ୍ୟା !
ଧୀରେ ଅରମ୍ଭିଲୁ ରଥ ରେ
ଧର ଚୁମ୍ବନ ଦଅନ୍ତେ ତୋ ଶ୍ରୀମୁଖେ
ସ୍ୱ ରଙ୍ଗେରେ କଲୁ ଗନ୍ଧ ରେ । ୧୯ ।

ନାସିକା ପୁଟ୍ରା ଟେକିଲ୍ କର ଭୁ ଯେ ଦିଏ କହୁଥାଉ ବାଣୀ ରେ
ନାହିଁ ନ ପାରିବ ବୋଲି ଗେଲେ ବୋଲୁ ସ୍ପର୍ଶ ମାଗିବା ଜାଣେ ରେ
ଅହଲ୍ୟା !
ଜାଣେ ତୋ ଭାବ ଗୁଣି ରେ
ନୟନ ନୀର ଝରି ଝରି ଝରଇ
ନରୁଚଇ ଅନ୍ନ ପାଣି ରେ । ୨୦ ।

ପେଠିକର ଦନେ ପ୍ରିୟେ ! ଶୋଇନାହୁଁ ଏବେ ହେଲୁ ଏତେ ଦୂର ରେ
ପରଶୁପାଣି କହିବେ ସତେ ପଦ୍ମପାଦେ ଲଗାଇବ ଶିର ରେ
ଅହଲ୍ୟା !
ପାସୋର ନ ଯାଉ ଚିତ୍ତେ ରେ
ପୂର୍ବ ପୁଣ୍ୟ ଯେନ ସଙ୍ଗୀତପଠନ !
ପ୍ରାପତ ହୋଇଛୁ ମତେ ରେ । ୨୧ ।

Digitized by srujanika@gmail.com

ଫେଡ଼ ନୀବବନ୍ଧ ବାନ୍ଧୁଥାଉ କେତେ ଦେଖି ହୋଇଥାଇ ସୁଖୀ ରେ
ଫାଟି ନ ଯାଇ ରହିଛି ଛାର ଜୀବ ଏବେ ସେ ଛବି ନ ଦେଖି ରେ
ଅଭନ୍ୟା !
ଫାଟୁଛି ହୃଦୟ ମୋର ରେ
ଫଳ କାଳକାଣ୍ଡ ଘର ଦେଲା ଦଣ୍ଡ
ତୋ ବିନୁ ବନ୍ଧୁ ଏଥର ରେ । ୨୨ ।

ବୋଲୁ ଯେ ଥାଉ ପିଣ୍ଡରେ ପ୍ରାଣ ଥିଲେ ଏ ପ୍ରୀତି ନୋହିବ ଭିନ୍ନ ରେ
ବେଳକୁ ବେଳ ରଖିବ ନାହିଁ ପର ବୋଲି କଲୁ ଆଲିଙ୍ଗନ ରେ
ଅଭନ୍ୟା !
ବହୁ କଲା ଏତେ ସର ରେ
ବୀଣାବଚନ ! ତୋ ବିନୁ ପ୍ରବାସରେ
ଏବେ ମରୁଅଛୁ ଝୁରି ରେ । ୨୩ ।

ଭାଙ୍ଗି ପଡ଼ୁଥାଇ ଲୋଟଣୀ କ୍ରୀଡ଼ାରେ ସବୁ ଚୁମ୍ବନ ଗର୍ଭ ରେ
ଦିନେ ପର ଫୁଲେ ଗନ୍ଧ କରଥିଲେ ଦିଶୁଥାଇ ମହାଶୋଷ ରେ
ଅଭନ୍ୟା !
ଲଜ୍ଜା ତୋ ସୁନ୍ଦରପଣ ରେ
ଭାବିଲେ ଭାବନା ! ଦିବସ ରଜନୀ
ସରବ ନାହିଁ ତୋ ଗୁଣ ରେ । ୨୪ ।

ମାଝିଲା ମଦନମୂର୍ତ୍ତି ପରାୟେ ବସିଥାଏ ଶ୍ରୀମୁଖ ରେ
ମୁଁ ଦଣ୍ଡେ ଶ୍ରୀମୁଖ ବାରେ ନ ଦେଖିଲେ ମାତ୍ର ପଡ଼ୁଥାଇ ଦୁଃଖ ରେ
ଅଭନ୍ୟା !
ନିର୍ଖିବା ପଦାର୍ଥ ନୋହୁରେ
ମନମୋହନ ! ତୁ ମୋ ହୋଇଲୁ ଯିନା
ପରେ ପଡ଼ିବ ସନ୍ଧି ରେ । ୨୫ ।

Digitized by srujanika@gmail.com

ଜୁଡ଼ା ଗୁନ୍ଥି ମୁଁ ଯେ ବେଣୀ କରୁଥାଇ ଜାନୁରେ ବସାଇ ଆଣି ରେ
ଜାଣୁମଣି ! ମନ ଜାଣି ଲାଜ ପାଉ ଥରେହେଁ ନ କହୁ ବାଣୀ ରେ
ଅଭନ୍ନା !
ଯାହା ଗୃହିଁ ମନେ ହସୁ ରେ
ଜମୁନଦଗୋର ! ଯେବେ ଲେଉଟିବ
ଅନ୍ତର ନୋହିବ ପାଶୁ ରେ । ୨୬ ।

ରମ୍ଭା ମନୋରମା ରତ୍ତି ତିଲୋତ୍ତମା ଶଚୀ ଆଦି ଯେତେ ନାରୀ ରେ
ରମଣି ! ତୋ ରଙ୍ଗାଚରଣ ତଳକୁ ଜଣେହେଁ ନୁହନ୍ତି ସରି ରେ
ଅଭନ୍ନା !
ରସେ ରଖାଇଛୁ ମୋତେରେ
ରସବତି ! ତୋହ ଦେଳ ମୁଁ ରସିକ
ବୋଲି ବୋଲନ୍ତି ଜଗତେ ରେ । ୨୭ ।

ଲେଖି ଯେ ଥାଉ ଲେଖା ଲକ୍ଷାରସରେ ନାଗର ! ଅକ୍ଷରମାନ ରେ
ଲକ୍ଷେ ଥର ଛିରେ ଲଗାଇ ମୁଖରେ ଦଅଇ ଲକ୍ଷେ ଚୁମ୍ବନ ରେ
ଅଭନ୍ନା !
ଲୋଡ଼ିଲେ କେ ଦେବ ତୋତେ ରେ
ଲେଣେ ମୁଁ ପାଣଲୁ ଅନ୍ତର ନୋହିବ
ଲେଉଟି ଆସିବ ଯେବେରେ । ୨୮ ।

ବପଶାଚ ଅନ୍ତେ ବେଶ କର ତୋତେ ବସାଇଲେ ଆଣି କୋଳରେ
ବିନୟ ହୋଇ କର ଧର ବୋଇଲି ଏବେ ହୋଉ ଅଭ ବେଳ ରେ
ଅଭନ୍ନା !
ବଦନେ ଚୁମ୍ବନ ଦେଇ ରେ
ବୋଧ ନୁହ ବନ୍ଧୁ ଯେତେ ହେଲେ ବୋଲି
ବୋଇଲୁ ଗେଲାଇ ହୋଇ ରେ । ୨୯ ।

Digitized by srujanika@gmail.com

ଶରଦ ନଶିରେ ଯବେ ସରୋଜାକ୍ଷି ! ସ୍ତନାଙ୍ଗ ଚନ୍ଦନ ହୋଇବେ
ଝିନ୍ନୁସ ଶାଢ଼ୀ ଉପରଣ ଦେଇ ମୋ ଅଗେ ହସି ହେଲୁ ଯାଇ ରେ
ଅଭନ୍ନା !
ସନ୍ତୋଷ ହେଲି ଅନାଇ ରେ
ଶରଧା କରି ଆଲିଙ୍ଗନ କରୁ ତୋ
ମୁଖେ ଚୁମ୍ବ ଦେଲି ନେଇ ରେ । ୩୦ ।

ଷିସ୍ୱଷଅଙ୍ଗୀ ଶ୍ରୀମୁଖ ମୋଡ଼ି ଦେଇ ଯାହା ବୋଲିଅଛୁ ହସି ରେ
ସେହିଦିନୁ ସେହି କଥା ଅହର୍ନିଶି ହୃଦେ ହେଉଥାଇ ଘୋଷି ରେ
ଅଭନ୍ନା !
ସବୁ ସୁଖ ମୋର ଭୁଲି ରେ
ସତେ ମହାପ୍ରଭୁ ରଖି ଥିବେ ଶଙ୍ଖେ
ପୂର୍ବେଇ ଢିଙ୍କି ଘୋଡ଼ାଇ ରେ । ୩୧ ।

ସୁନ୍ଦର ତିଳକୁସୁମ ନାସାପୁଟେ ଶୋହେ ମୋତି ନାକଚଣାରେ
ସହନେ କେତେ ସୁନ୍ଦର ଦଶୁଥାଇ ଘଷାବସା କମ ଗୁଣାରେ
ଅଭନ୍ନା !
ଷଉକି ଷଉଏଁ ଜଣାରେ
ସ୍ୱଳ୍ପତ ନଥିଲା ଲୋକ ତା ଲୋକନ
କରବା କଥା କି ଭଣାରେ । ୩୨ ।

ହୋଇ ସୁବେଶ ସୁରତ ସଦନରେ ମୋ ପାଶେ ହୋଉ ପ୍ରବେଶରେ
ହର ଉରରୁ ବସନ ପରରମ୍ଭ କଲେ ହେଉ ହସ ହସରେ
ଅଭନ୍ନା !
ହରଷେ ମୋଗଲା ଭିଡ଼ୁରେ
ହେଲେ ରତିରସେ ଅଣାଯୁତ୍ର ବଶେ
ଅଧରେ ଅଧର ପୀଡ଼ୁରେ । ୩୩ ।

Digitized by srujanika@gmail.com

ଯେଣେ ନ ଦେଖିଲେ ଗବାକ୍ଷ ମାର୍ଗରେ ଗୃହୁଁ ଥାଉଁ ମୋତେ ଅଟ୍ଟରେ
ଯପାକରମୁଖି ! ରଜନୀ ଦବସେ ମୋ:କଥାରେ ଥାଉ ରସେ ରେ
ଅଭନ୍ନା !
ଯିଛମଧ୍ୟେ ଭୁହ୍ନ ଯାଉ ରେ
ଯେମେ କହ୍ନେ ବପ୍ର ଦାଶରଥ୍ର ଦାସ
ତୋତେ ଭୁହ୍ନ ପଥାନ୍ତର ରେ । ୩୪ ।

Digitized by srujanika@gmail.com

ବା ଚଉତିଶା

ହିନ୍ଦୁସ୍ଥାନ ପରାଧୀନ ହେବା ପରେ ସମାଜରେ ଓ ଧର୍ମରେ ଯେଉଁ ବିଭ୍ରାଟ ଘଟିବ ଭବିଷ୍ୟତ ବାଣୀ ରୂପେ ତାହା ଏହି ଚଉତିଶାରେ ବର୍ଣ୍ଣିତ ହୋଇଅଛି । ଚଉତିଶା ଯେ ବହୁ ପୁରାତନ ତାହା । "ମ୍ଲେଚ୍ଛ ଶାସିବେ ଓଡ଼ିଶା ରାଜ୍ୟ" "ଠାକୁରଙ୍କୁ ଧ୍ୟାନ କରିବେ ହୋଇବ" ଓ "ଛୟାଟଣୋଧ ସହସ୍ର ରାଜାଙ୍କ ଉପରେ ଓଡ଼ିଶା ରାଜା କରିବ" ପ୍ରଭୃତି ପଂକ୍ତିମାନଙ୍କରୁ ବେଶ ପ୍ରତୀୟମାନ ହେବ । ତୁଳନା ସ୍ୱରୂପ ଗଜପତି ମୁକୁନ୍ଦଙ୍କ ସ୍ୱାଧୀନ ଓଡ଼ିଶା ଯେତେବେଳେ ବିଶ୍ୱାସଘାତକଙ୍କ ଦୌରାତ୍ମ୍ୟରେ ସ୍ୱାଧୀନତା ହରାଇ ଧର୍ମ ଓ ସମାଜର ନୈତିକ ଜୀବନର ଅଧୋଗତି କରୁଥିଲା ସେତେବେଳେ ବୋଧହୁଏ କବି ଲୋକନାଥ (ମୋକ)ଙ୍କ ନେତ୍ର ଉପରେ ଚଉତିଶା ବର୍ଣ୍ଣିତ ବିଶୃଙ୍ଖଳାମୟ ପରିବେଶର ଦୃଶ୍ୟ ଦେଖିଥିଲେ । ପୂର୍ବରୁ କହିଅଛୁଁ ଯେ ଚଉତିଶାରେ ନାନା ବିଚିତ୍ରତା ପ୍ରୟୋଗରେ ଓଡ଼ିଆ କବିଙ୍କର କବିତା ରଚନାରେ ଅନନ୍ୟତମ ଥିଲା । ପଦ ଶେଷରେ 'ବା' ଲଗାଇବା ଏହି ବିଚିତ୍ରତାରୁ ଗୋଟିଏ ।

କହନ୍ତି ଯୁଧିଷ୍ଠିର ସହଦେବ ରାଇ ଶୁଣ ତୁମ୍ଭେ ମନ୍ତ୍ରୀବର !
କଳିଯୁଗରେ ଯେ ଦେବତା ବ୍ରାହ୍ମଣ କେମନ୍ତ ଅଛନ୍ତି ଅଗ୍ରେ ବା
କହ କଳିଯୁଗ କଥା
କହି ଫେଡ଼ ହୃଦ ମନ ବ୍ୟଥା ବା । ୧ ।

ଖଡ଼ି ଧରିଣ ସହଦେବ ବୋଲନ୍ତି ଶୁଣ ତୁମ୍ଭେ ନୃପବର
ଷଣ୍ଢେ ରାଜା ପରଜାଙ୍କୁ ଦୟା ନୋହିବ ବନ୍ଧନ ନେବେ ସକଳ ବା
ଖଜ ଥାଉଁ ସାଧୁଥିବେ କର
ଷଣ୍ଢେ ପରଜା ହେବେ କାହାର ବା । ୨ ।

ଗାରଡ଼ି ମନ୍ତ୍ର ପଢ଼ିବେ ବ୍ରାହ୍ମଣେ ଗାୟତ୍ରୀ ମନ୍ତ୍ରକୁ ଛାଡ଼ି
ଗଉଡ଼ମାନେ ବୈଷ୍ଣବ ବୋଲାଇବେ ଗଳ ପୈତରୁ ବାଛୁଣୀ କାଢ଼ି ବା
ଗୁରୁ ନମାନନ୍ତେ ଅଜ୍ଞ ଶିଷ୍ୟ
ଗୁରୁସ୍ତ୍ରୀଙ୍କୁ ନାଶ ଦେବେ ବିଷ ବା । ୩ ।

ଘରେ ଘରେ ସବୁ ଚିହ୍ନ ଉପୁଜିବ କେହି ନ କହିବେ ସତ
ଘେନିବେ ବ୍ରାହ୍ମଣେ ମୃତ୍ୟୁଶବଦାନ ନେଇ ଲୋକଙ୍କୁ ପାଇବେ ହାଥ ବା!

Digitized by srujanika@gmail.com

ଘୃତ ନ ଦେବେଟି ଅଗ୍ନି ମୁଖ
ଘରେ ଘରେ ମାଗୁଥିବେ ଭିଜ ବା । ୪ ।

ନୀଚ ଲୋକମାନେ ଉଚ୍ଚରେ ଉଠିବେ କଉଡ଼ିରେ କରି ପ୍ରୀତି
ନୀଚ ଉଚ୍ଚ ଦୁହେଁ ସମସମ ହେବେ ନ କରିବେ ଭୟ ଭ୍ରାନ୍ତି ବା
ନିଜ ଭାର୍ଯ୍ୟାକୁ ଛାଡ଼ିବେ ନାଶି
ନାଆଁ ଗିଳିବେ ସାହାସ କରି ବା । ୫ ।

ଚଢ଼ା ପଇତା ଚମ୍ଭାଗଡ଼୍ ଛଡ଼ା ଋଗବେଦ ଅଧିକାରୀ
ଚତୁର୍ବର୍ଣ୍ଣେ ଚତୁର୍ଦ୍ଦଶୀ ହୋଇବେ ମଦ୍ୟପଙ୍କ ସଙ୍ଗେ ସରି ବା
ଚିତ୍ତେ ନୋହିବ ଯେ ଭୟଭ୍ରାନ୍ତି
ଚଣ୍ଡାଳ ବ୍ରାହ୍ମଣ ସଙ୍ଗେ ପ୍ରୀତି ବା । ୬ ।

ଛତ୍ରି ଲୋକମାନେ ସଂଗ୍ରାମକୁ ଯାଇ ଜୀବକୁ କରିବେ ଆଶ
ଛଳନେ ରଣେ ବୈକୁଣ୍ଠ ପ୍ରାପତ ଛାଡ଼ି ପଳାଇବେ ରଣ ଯାଗ ବା
ଛଳେ ନୋହିବେ କେ ଛତ୍ରିପଣ
ଛତ୍ରି ହୋଇଣ ଛାଡ଼ିବେ ରଣ ବା । ୭ ।

ଜାତି ଅଜାତି ଏକାକାର ହୋଇବ ଘରେ ଘରେ ହେବ ଭ୍ରଷ୍ଟ
ଜ୍ୟୋତିଷମାନେ ଲଗ୍ନ ନ ଜାଣିବେ ଜଳ ଅକାଳେ କରିବେ ବୃଷ୍ଟି ବା
ଜୀବ ଜନ୍ତୁରେ ନ ଥିବ ଦୟା
ଜଗନ୍ନାଥେ କରିଛନ୍ତି ମାୟା ବା । ୮ ।

ଝିଅ ବିକିକରି କଉଡ଼ି ଘେନିବେ ତହିଁ ନ ସରିବ ଦିନ
ଝିଅର କଉଡ଼ି ଝିଅ ଘେନିଯିବ ସଂସାରେ ବୋଲିବେ ହୀନ ବା
ଝଲ ଯୁବତୀ ଦଶେ ଯେସନ
ଝିଅ ନ ଦେବେଟି କନ୍ୟା ଦାନ ବା । ୯ ।

Digitized by srujanika@gmail.com

ନସତ ହୋଇବେ ନପୃଂସ କରିବେ କେହି ନ କହିବେ ସତ
ନବ ଯୁବାସ୍ତ୍ରିଏ ଘରେ ଥାଉ ଥାଉ ବିଟପୀ ସ୍ତ୍ରୀଙ୍କ ରତ ବା
ନ କରିବେ ବୃଦ୍ଧାମଣା ରଜା
ନଷ୍ଟେ ମରିବେ ଗୋ ଜନ୍ତୁ ପ୍ରଜା ବା । ୧୦ ।

ଟାହି କରିବେ ଶୂଦ୍ର ଯେ ବ୍ରାହ୍ମଣଙ୍କୁ ଟେକିଛି ଯେଉଁ ସାହାସ୍ର
ଟଙ୍କାଟିକୁ ଧାନ ଭରଣେ ହୋଇବ ନ ମିଳିବ ଅନ୍ନ ବସ୍ତ୍ର ବା
ଟେକି କହ କନା ଧର୍ମରାଜ୍ୟେ
ଟେକି ଅଛି ଯେଉଁ ଦେବତାଏ ବା । ୧୧ ।

ଠାକୁର ଯୁବ୍ରଜେଷ୍ଠି କର୍ଣ୍ଣି କୁଳ ଭଠି କି ବୋଇଲୁ ବାପ ଭାଇ
ଠାକୁରପଣ ପଛେ ନୋହିବ କଳିଯୁଗେ କାର୍ଯ୍ୟ ନାହିଁ ବା
ଠିକେ କହସି ମୋର ଆଗରେ
ଠାକୁର ପଣ ପଛେ ହୋଇ ଦୂର ବା । ୧୨ ।

ଡରିବେ ନାହିଁ ବୋହୂମାନେ ଶାଶୁଙ୍କୁ ଅନ୍ୟାୟରେ ଦେବେ ଗାଳି
ଡକିଣୀ ଡାଇଣୀ ବାଦେ ଲାଗିଥାଇ ଘରେ କରୁଥାଇ କଳି ବା
ଡର ନୋହିବ ପିତା ମାତାଙ୍କୁ
ଡେଇଁ ଯିବେଟି ଶିଷ୍ୟ ଗୁରୁଙ୍କୁ ବା । ୧୩ ।

ଢାଳେହେଁ ବ୍ରାହ୍ମଣେ ସନ୍ଧ୍ୟା ନ କରିବେ ଅବିଦ୍ୟା ପାଠ ପଢିବେ
ଢମ କହୁଥିବେ ରାହିଁ ଶୀଅ ପଣେ ଶୂଦ୍ରଙ୍କ ସଙ୍ଗେ ବସିବେ
ଢାଳେ ପାଣି ଝରି ପେଟ ଛଡା
ଢମେ ବୋଲେ ରଜା ନମହଡା ବା । ୧୪ ।

ଅହଙ୍କାର ମନ ଦର୍ପେହେଁ ନ ଯିବ ନବଗ୍ରହେ ମନେ ଦୁଖ
ଅପଣା ସ୍ତ୍ରୀଙ୍କ ପର ନେଉଥିବ ଶୁହୁଁଥିବେ ତାର ମୁଖ ବା

Digitized by srujanika@gmail.com

ଅଣ ଅପ୍ରାଧ ହୋଇବେ ନାଶ
ଅଣ ଅପୃତ୍ର ନୋହେ କାହାର ବା । ୧୫ ।

ତନ ତନ ବର ଏକା ଯୁବତୀର ଲଜ୍ଜକୁ ନ ଥାଇ ଡର
ତନ ଛାଡ଼ି ଗୃହ ଗୃହସ୍ତ ହୋଇଲେ ପୁଣି ଦ୍ୱିତୀୟ ସ୍ୱୟମ୍ବର ବା
ସ୍ତ୍ରୀଙ୍କ ନ ମାନମେ ପୁରୁଷଙ୍କୁ
ଗୃହ ଗୃହସ୍ତ ଏକା ତର୍ଣ୍ଣଙ୍କୁ ବା । ୧୬ ।

ଥୋଇଲ୍ଲା ମାଇପ ଘର ଯେ କରିବେ ବ୍ୟାଘ୍ରୀ ମାଇପଙ୍କୁ ଛାଡ଼ି
ଥାନୀ ଲୋକମାନେ ଥାନ ଛାଡ଼ିଯିବେ ଅଥାନୀ ବସିବେ ମାଡ଼ି ବା
ଥପ୍ପେ ନୋହିବ କାହାର ବୁଦ୍ଧି
ଥେଣ୍ଟ ଗଣ୍ଡିଆ ଖାଇବେ ଲୁବ୍ଧ ବା । ୧୭ ।

ଦଅର ଭାଉଜ ଘର ଯେ କରିବେ ଗୃହସ୍ତ ହେବ ପୋଇଲା
ଦାଉଣ୍ଡି ବଳଦ ମୁହଁ ବାନ୍ଧିଥିବେ, ବ୍ରାହ୍ମଣେ କରିବେ ମାୟା ବା
ଦନ ନ ସରେ ଦନ ମୂଲିଆ
ଦୁଇ ପହରକୁ ଠିଆ ଠିଆ ବା । ୧୮ ।

ଧର୍ମ ଲୋକମାନେ ଅଧର୍ମକୁ ଯିବେ କାହାଣକେ ନେବେ ପଣେ
ଧର୍ମ ତହିଁ ଅଛୁ ଅଛାଇ ବୋଉକ ସମସ୍ତେ ଜଣେ ଜଣେ ବା
ଧର ନେବେଟି ଟଙ୍କଣି ଟଙ୍କା
ଧର୍ମ କାହାକୁ ନୋହିବ ସଖା ବା । ୧୯ ।

ନ ଶୁଣିମେ ରାଜା ପରଜା ଗୁହାରି ନଷ୍ଟେ ମରିବେ ଗୋ ଜନ୍ତୁ
ନପଡେ ଖଜ ପରଜା ହସ୍ତେ ଦେଇ କରିବେଟି ହନ୍ତୁ ସନ୍ତୁ ବା
ନାହିଁ ଶ୍ରେଷ୍ଠରକୁ ଏମନ୍ତ ଶାସ୍ତ୍ରେ
ନଷ୍ଟେ ଉପୁଜାଇ ହେବେ କଷ୍ଟୀ ବା । ୨୦ ।

Digitized by srujanika@gmail.com

ଯୋଇଲା ମାଇପ ପଢ଼ି ଲେଖିଦେବ ପଢ଼ିଅଙ୍କୁ ନେବେ କର
ବୁଢ଼ା ବୁଢ଼ୀଙ୍କ ବାହାର କରି ଦେଇ ପୁଅ ବହୂ କରିବେ ଘର ବା
ପୁଅ ବାପଙ୍କୁ କହିବେ ଲୋକ
ପାପ ପୁଣ୍ୟଙ୍କୁ ନଥିବ ଦକ ବା । ୨୧ ।

ଫଳବ ନାହିଁଟି କର୍ଷି କୃଷି କଅଣ ଶକାଟରେ ହୋଇବ ଠାଣ
ଫଳାକଲେ ଫଳ ଯାକ ନ ଅଣ୍ଟିବ ସାହୁଙ୍କୁ ନ ଦେବେ ଋଣ ବା
ଫଳ ଜଗୁଁ ଜଗୁଁ ନ ରହିବ
ଫୁଲ ଫୁଟିଲେ ଫଳ ନୋହିବ ବା । ୨୨ ।

ବିଧବା ବ୍ରାହ୍ମଣୀ ପେଟପୋଡ଼ା ଖାଇ ଶୂଦ୍ରଙ୍କ ସଙ୍ଗରେ ରହି
ବ୍ରାହ୍ମଣମାନେ ଅନ୍ୟାଶ୍ରୁର ହୋଇବେ ନୀଚ ସଙ୍ଗରେ ପୀଇଛି ବା
ବେଦ ଛାଡ଼ିଣ ବ୍ରାହ୍ମଣେ ଋଷୀ
ବହୂ ମାରିବେ ଶାଶୁଙ୍କୁ ପଣି ବା । ୨୩ ।

ଭାଇ ବହୂ ଦେଢ଼ଶୁର ନ ମାନିବେ ଯେଣୁ କହୁଥିବେ କଥା
ଭଣ୍ଡାରୀମାନେ ଚତୁର୍ଥୀ ହୋଇବେ ଶୂଦ୍ର ହେବେ ନମହତା ବା
ଭଜ ନୀଳାଚଳପତି ଏକା
ଭଣେ ପାମର ଅଙ୍ଗିତ ଲୋକା ବା । ୨୪ ।

ମୋଗଲ ଖାଇବେ ଓଡ଼ିଶା ରାଇଜ ଯୁକ୍ତେଷ୍ଟି ଅଛନ୍ତି ଦେଇ
ମଲେଚ୍ଛ ପରଜା ହନୁମନ୍ତୁ ହୋଇ ତ୍ରିଥିକର ଶାପ୍ୟ ପାଇ ବା
ମାତା ପିତା ନ ମାନିବେ ପୁଅ
ମାଇପଙ୍କଠାରେ ବଡ଼ ସ୍ନେହ ବା । ୨୫ ।

ଯୁବାସ୍ତ୍ରି ସବୁ ବାପ ଘରରେ ଛାଡ଼ିଣ ଦାଣ୍ଡେ କହିବେ ବଡ଼ାଇ
ଜପ ନ କରିବେ ଧର୍ମ୍ମ ନ କରିବେ ଉକାରି ଧନ ବୁଡ଼ାଇ ବା

Digitized by srujanika@gmail.com

ଯୋଗ ଜଉତଷ ନ ଜାଣିବେ
ଜଳ ଅକାଳେ ବୃଷ୍ଟି କରିବେ ବା । ୧୬ ।

ରାଜା ନ ଶୁଣିବେ ପରଜା ଗୁହାରି ମନ୍ତ୍ରୀଙ୍କି ରାଇଜ ଦେଇ
ରାଇଜ ଯାକ ବାହାପିଅ ଖାଇବେ ଛଟିପନ୍ଦମାନ ବହୁ ବା
ରାଜା ଜଗନ୍ନ ଯାକରେ ପଢ଼
ରାଜା ଯୁଧେଷ୍ଠି ପ୍ରଭୁ କହନ୍ତି ବା । ୧୭ ।

ଲୋଭରେ ପ୍ରାଣୀ ଛଟ ପଟ ହୋଇବେ ଜଳମୀନ ପାଏଁ ହୋଇ
ଲେଖାଲେଖି ଏକା ଦିନକେ ମରିବ ପାପ ପୁଣ୍ୟ ଭୟେ ନାହିଁ ବା
ଲୁହା କଳଙ୍କ ଲାଗିଣ ଭସ୍ମ
ଲୋଭ ଲାଗି ପ୍ରାଣୀ ଯିବେ ନାଶ ବା । ୧୮ ।

ବଇଦମାନେ ବ୍ୟାଧିକି ନ ଚିହ୍ନିଣ ମନ୍ତ୍ରକୁ କରିବେ ହେଳା
ବିଶ୍ୱାସ ଲୋକେ ଅବିଶ୍ୱାସ ହୋଇବେ ମିଛେ କରିଥିବେ ମେଳା ବା
ବିଷ ବିଶ୍ୱାସ କଲେଣ ଖାଇ
ବୁଦ୍ଧିକୁ ଭୁଲିଣ ଭ୍ରମେ ମରିଇ ବା । ୧୯ ।

ସହଦେବ କହେ ଶୁଣ ଧର୍ମରାଏ କଳିଯୁଗର ଏ ଗତି
ସହସ୍ରେ ବରଷ କଳି ଭୋଗ ହେଲା ଧରାଇଣ ଦଣ୍ଡଛତ୍ର ବା
ଶୁଣି ମହନ ଯୁଧେଷ୍ଠି ରାଏ
ସଭା ମଧ୍ୟରୁ ଶୂନ୍ୟକୁ ଚାହିଁ ବା । ୨୦ ।

ସହଦେବଙ୍କୁ ଯୁଧେଷ୍ଠି ଆଜ୍ଞା ଦେଲେ ଶୁଣ ତୁମ୍ଭେ ମନ୍ତ୍ରୀବର
ସକାଳେ ଯେ ମୋତେ ଦର୍ଶନ କରିବ ତାଙ୍କୁ ଦେବି ରାଜ୍ୟଭାର ବା
ସଜ କରଣ ଆଣ ଅଣକୁ
ଶାଢ଼ୀ ଦେଲେ ଡାଳି ପାଇଗଲକୁ ବା । ୨୧ ।

Digitized by srujanika@gmail.com

ସ୍ନାହ୍ୱାନ ଜମନ୍ତ୍ରେ ସ୍ୱବର୍ଣ୍ଣ ଗର୍ବରେ ଅପଟେ ଆଣିଲେ ପାଣି
ଶାଢ଼ୀ ଦେବଲ୍ ତାଙ୍କ୍ ଗଜପତି ପଣେ ଯୁଦେଷ୍ଟି ଯେ ନୃପମଣି ବା
ଶାଢ଼ୀ ଦେଇ ବୈକୁଣ୍ଠକୁ ଗଲେ
ସଙ୍ଗତରେ କାହାକୁ ନ ନେଲେ ବା । ୩୨ ।

ହତ ହତ ବୋଲି ଶୁଭିଲା ଶବଦ ଯୁଦେଷ୍ଟି ସ୍ୱର୍ଗକୁ ଗଲେ
ହେମ ସେତବନ୍ଧ ଗରୁଡ଼ କର୍ଣ୍ଣାଟ ଓଡ଼ିଶା ରାଜାଙ୍କୁ ଦେଲେ ବା
ହସ୍ତୀ ମଣ୍ଡଳେ ଧବଳ ଛତ୍ର
ହରିଶ୍ଚନ୍ଦ୍ର ଧର୍ମ ନୃପତି ବା । ୩୩ ।

ଛପନ କୋଟି ଜୀବଜନ୍ତୁ ଉପରେ ଜଗନ୍ନାଥ ପ୍ରଭୁଦାତା
ଛତ୍ରିଶୋଇ ସହସ୍ରେ ରାଜାଙ୍କ ଉପରେ ଓଡ଼ିଶା ରାଜା କରତା ବା
କ୍ଷଣେ ଚିନ୍ତା କରେ ପଦ୍ମମୁଖ
କ୍ଷର ଲେଙ୍କା ବୋଲେ ମୋତେ ରଖ ବା । ୩୪ ।

Digitized by srujanika@gmail.com

ବା ଚଉତିଶା

ବିପ୍ର କପିଳଙ୍କ ଏ ବା ଚଉତିଶା ସେବକନାଥଙ୍କ ବା ଚଉତିଶାର ଅନୁକରଣରେ ଲିଖିତ। ହେଲେ ଦୁହିଁଙ୍କ କବିତାର ବିଷୟ ବିଭିନ୍ନ। ଭାଷାରୁ ଜଣାଯାଏ ଏ ବା ଚଉତିଶା ମଧ୍ୟ ଖୁବ୍ ପୁରାତନ।

କରୁଣାସାଗର କମଳାଙ୍କ ବର କରେ ଶଙ୍ଖଚକ୍ର ଧର
କୋଟି କନ୍ଦର୍ପ ଲାବଣ୍ୟ ସାରରୂପ ଦନୁଜକୁଳ ନିବାର ବା
(ତୁମ୍ଭ) କଟି କୁସୁମରେ ତୁଳ
କର୍ଣ୍ଣେ ଶୋହୁଛୁ ରତ୍ନକୁଣ୍ଡଳ ବା । ୧ ।

ଖେନ୍ଦ୍ରଧର କର ଦେବଚନ୍ଦ୍ରଧାସ୍ତ୍ରି ମୋଗେ ଲଗାଇଲ ବେଳ
ଖୁମାଣ ପଣେ ଅଙ୍ଗେ ଅବ ବିପ୍ର କୁମର ଶ୍ରୀଅଙ୍ଗେ ମାଇଲ ଧୂଳ ବା
(ତୁମ୍ଭେ) କ୍ଷୀରସିନ୍ଧୁ ମଧ୍ୟେ ଥାଅ
ଖେଳୁ ଅନ୍ଧଙ୍କୁ ଲୋଚନ ଦିଅ ବା । ୨ ।

ଗହନ ବନେ ଭ୍ରମନ୍ତି ମୁନିମାନେ ଗଡାଗଡି ଅବା ବହୁ
ଗୋବର୍ଦ୍ଧନ ଧରି ଗୋପଙ୍କୁ ରଖିଲ ଗୁଣମଣି ଭାବଗ୍ରାହୀ ବା
(ତୁମ୍ଭ) ଗିରିଧର ନାମ ତେଣୁ
ଗ୍ୟାନୀ ନାମ ଅଛନ୍ତି ବଖାଣୁ ବା । ୩ ।

ଘୋଟିଛି ବ୍ରହ୍ମାଣ୍ଡ ଘୋର ନବଖଣ୍ଡ ନାମର ଯେ ଫଳାଫଳ
ଘେନ ରାଧିକାଙ୍କୁ ଯେତେ ଭାବ କଲ ନବୀନ ବାଳଗୋପାଳ ବା
(ତୁମ୍ଭେ) ଘୋରବନେ ଥାଅ ରହି
ଘୃତ ଲବଣୀ ଖାଅ ଚୋରାଇ ବା । ୪ ।

Digitized by srujanika@gmail.com

ନାସିକା ବଥାନ ତିଳ କୁସୁମେଣ ନୀଳମେଘ କାନ୍ତି ଶୋଭେ
ନେତ୍ରର ଉପରେ ପଡନ୍ତି ଗନ୍ଧର୍ବ ରୂପେ ଯୋଗୀଜନ ମୋହେ ବା
ତୁମ୍ଭେ ନାରାୟଣ ନିରାକାର
ନାମ ଜପନ୍ତି ବ୍ରହ୍ମା ଶଙ୍କର ବା । ୫ ।

ଚମ୍ପା ନାଗେଶ୍ୱର ଚୂଳକୁ ସୁନ୍ଦର ଚିତ୍ର ହରନେଲେ ମୋର
ଚନ୍ଦନ ପାଣ୍ଟି ଜଗତ ମୋହୁଅଛୁ ଚଞ୍ଚଳା ଦେବୀଙ୍କ ବର ବା
(ତୁମ୍ଭ) ଚଞ୍ଚଳ ବଦନ କଳା
ଗୃହଁ ପଡଣି ମଲ୍ଲ ମଉଳା ବା । ୬ ।

ଜୁରୀ ଖୀରନେତ ଛଟୀ ପଡ଼ାମତ ଛନ୍ଦନ ଗୃହିଣୀ ଦେଖ
ଷୀର ସଙ୍ଗତେ ଯେ ପୂତନା ଶୋଷିଲ ଛେଦିଲ ସସାରଦୁଃଖ ବା
(ତୁମ୍ଭେ) ଛେଦିଲ ସ୍ତ୍ରିଙ୍କର ନାଶ
ଗ୍ରହ ତରୁତଳେ କର ବଥା ବା । ୭ ।

ଜଗତଜୀବନ ଯଶୋଦା ନନ୍ଦନ ଯୁବତୀକୁଳଧାରଣ
ଯନ୍ତ୍ରପଣ୍ଡ ଯାର ନାମକୁ ଜଙ୍କର ଯୁଗପନ୍ତି ରାଜାଙ୍କ ପ୍ରାଣ ବା
(ତୁମ୍ଭେ) ଜୀବନ ଦେଲ ପାଷାଣ
ଯାହେନ୍ତ ଜଗି ଅସୁରଙ୍କ ହାଣି ବା । ୮ ।

ଝଟ ଝଟ ମୁଖ ନିରେଷିଣ ଦୁଃଖ ଝମଣ୍ଟକେ ଯାଇ ମନ
ଝାଡ଼ର କୁସୁମ ମାଳ ଶୋଭବନ ତରୁସମ ଲାଗି ତନୁ ବା
(ତୁମ୍ଭେ) ଝାମ୍ପି ମାଇଲ ଅସୁର
ଝିଅ ନେଲଛ ବଳେ ରଜାର ବା । ୯ ।

ନବଘନଶ୍ୟାମ ନାହିଁ ଅନୁପାମ ଶରଣ ରକ୍ଷଣ ବାନା
ନଷ୍ଟ ଦାରୁଣ ଦୁଃଶାସନ ଅଟେଣି ଦ୍ରୁପତୀଙ୍କ ବଜାଇଥା ବା

Digitized by srujanika@gmail.com

(ଭ୍ରମେ) ନନ୍ଦକୁ ଅଣିଲ ଜନ୍ତୁ
ନବ ଯୁବତୀ ରଖ ଅନନ୍ତ ବା । ୧୦ ।

ଝାଳଛନ୍ତି ଯାକୁ ବ୍ରହ୍ମାଦି ଈଶ୍ୱର ପାଦପଦ୍ମେ କରି ଲଏ
ଝେଙ୍କ ଶ୍ରବଣ ଗଜକୁ ନିସ୍ତାରିଲ ଦେବତାଙ୍କ ଦେବରାଏ ବା
(ଭ୍ରମ) ଝାଣପଣ ସବୁ ଦିନେ
ଝାହି ରସକ୍ରୀଡ଼ା ବୃନ୍ଦାବନେ ବା । ୧୧ ।

ଠାକୁର ହୋଇ ଏଡ଼େ ମାୟା ହୃଦରେ ଠାବ କଲ ଏତେକାଳେ
ଠକ ଭଣ୍ଡପଣେ ନାଚିଲ ଆପଣେ ଗୋପୀ ବୋଲେ ଭୁଢମେଳେ ବା
(ଭ୍ରମ) ଠାବ ନିଜ ନୀଳଗିରି
ଠିକେ ଦନୁଜ ବଳ ନିବାରି ବା । ୧୨ ।

ଡମ୍ବରୁଧର ଅଙ୍ଗେ ଧରି ଗୁମର ଭାଙ୍ଗିଲ ତାଙ୍କର ଦର୍ପ
ଡେଇଁ କାଳିନ୍ଦୀରେ ମହିମା ରହିଲ ମର୍ଦ୍ଦିଲ କାଳିଆ ସର୍ପ ବା
(ଭ୍ରମେ) ଡାକ ମୁରଲୀ ବଜାଇ
ଡାକି ମୋହିଲ ଗୋପର ଗୋଈ ବା । ୧୩ ।

ଢଳଢଳ ଦିଶେ ଶ୍ରୀରଙ୍ଗା ଅଧର ଢୋକିଲ ଅମୃତ ଜାଣି
ଢଙ୍ଗ କହୁନାହିଁ ପ୍ରାଣରୁ ଅଧିକ ନନ୍ଦସୁତ ଚକ୍ରପାଣି ବା
(ଭ୍ରମ) ଢାଳ ଗୃହାଣୀକ ଦେଖି
ଢଳଢଳ ଦିଶେ ଚକା ଆଖି ବା । ୧୪ ।

ଅଣ ଅନ୍ତ ଯେବଣ ତନ ମୂର୍ତ୍ତି ଆନନ୍ଦେ ଦେଖନ୍ତି ନର
ଅନେକ ଭୋଗ ନାନା ବର୍ଣ୍ଣେ ଭୁଞ୍ଜନ୍ତି କେ ତାହା କରିବ ପାରି ବା
(ଭ୍ରମେ) ଅଣିଲ ଗୁପତେ ମଣି
ଅଣଦେଖା ଯେ କଲ ଧରଣୀ ବା । ୧୫ ।

Digitized by srujanika@gmail.com

ତୁଳସୀ ମାଳ ଯା କଣ୍ଠେ ଲମ୍ବିଅଛି ତଲେକର ମନ ଦେଇ
ତୈଲୋକ୍ୟ ଠାକୁର ଶାହି କି ନକର ତାଙ୍କ ବିନୁ ଠାବ ନାହିଁ ବା
(ଭୁମ୍ଭେ) ତରକ ତରଲ ବଙ୍କା
ତାଲବନେ ମାରିଲ ଧେନୁକା ବା । ୧୬ ।

ଥାବର ଜଙ୍ଗମ ଏ କୀଟ ପତଙ୍ଗ ହୋଇଅଛି ଯାର ହୃଦ
ଥିତକର ମାଏ ଗର୍ଭକୁ ଗହିଁଲେ ଦେଖିଣ ହେଲେ ବିଷାଦ ବା
(ଭୁମ୍ଭେ) ଥିଲ ନନ୍ଦଘରେ ରହି
ଥିଲେ ଖେଳେ ଯଶୋଦା ଖଣ୍ଟାଇ ବା । ୧୭ ।

ଦୀନଜନବନ୍ଧୁ ନାମ କୃପାସିନ୍ଧୁ ଦରିଦ୍ର ଲୋକଙ୍କ ଧନ
ଦାସ ସୁଦାମ ଯା ପ୍ରାଣରୁ ଅଧିକ ଫେଡ଼ିଲ ତାଙ୍କର ମାନ ବା
(ଭୁମ୍ଭେ) ଦେଲ ଲଙ୍କାକର ହାତ
ଦୁଃଖୀ ଦରିଦ୍ର ବ୍ରାହ୍ମଣ ମିତ ବା । ୧୮ ।

ଧନ୍ୟ ଶୋଭା ପାଇଁ ବସ୍ତ୍ରାର ବଇଠି ଧନ୍ୟ ଶୋଭା ତାଙ୍କ ବୁକୁ
ଧରିବ ଅବା କଉଁ ମୁନି ଧଇର୍ଯ୍ୟ ଧରଣୀ ଧର ରୂପକୁ ବା
(ଭୁମ୍ଭେ) ଧଇର୍ଯ୍ୟ ମହିମା ମେରୁ
ଧରି ଗଲନ୍ତି ଦୈତ୍ୟ ହସ୍ତରୁ ବା । ୧୯ ।

ନାନାରତ୍ନ ନେତ ଶ୍ରୀଅଙ୍ଗେ ମନାଇ ନୀପ ମୂଳରେ ବିଭଙ୍ଗି
ନାଗରୀ ଜୀବନ ଶ୍ରୀ ମଧୁସୂଦନ ଗୋପାଳପୁଅଙ୍କ ସଙ୍ଗୀ ବା
(ଭୁମ୍ଭ) ନାମର ଅନ୍ତ ନ ପାଇ
ନଅଁ ଗିଳିଲ ଗୋପାଳ ପାଇଁ ବା । ୨୦ ।

ପରମ ପୁରୁଷ ଦାସଙ୍କ ବିଶ୍ୱାସ ପଥକୁ ସମ୍ବଳ ନାମ
ପିଠା ପଣା ନାମେ ଅମୃତ ପୂରଛି ନାମକୁ ଶଙ୍କର ଯମ ବା

Digitized by srujanika@gmail.com

(ତୁମ୍ଭ) ପୀତବସନ କଟିରେ
ପକ୍ଷୀ ରଖିଲ ରଣ ଭୂମିରେ ବା । ୨୧ ।

ଫାଇ ମୋଠ ଦେହ ଫେଡ଼ାନ୍ତି ସନ୍ଦେହ ଫୁଲେ ଅଙ୍ଗ ଅଛି ଲୁଚ
ଫୁରୁଣା ହୋଇ ଅଯୋଧ୍ୟାକୁ ଆସ ପର୍ଯ୍ୟନ୍ତ ଲାଗିଲ ଆଶ୍ଚର୍ଯ୍ୟ ବା
(ତୁମ୍ଭେ) ଫାଳବଳେ ଅଠ ବଡ଼
ଫାଇ କପି ଘେନ ଲଙ୍କା ବେଢ଼ ବା । ୨୨ ।

ବୃନ୍ଦାବନେ ପଶି ମନ୍ଦମନ୍ଦ ହସି ବିହାର କରନ୍ତେ ବସି
ବୃନ୍ଦାବତୀ ନିଜ କକ୍ଷରେ ବସାଇ ବୁଲିଲ କରୁଣାରାଶି ବା
(ତୁମ୍ଭେ) ବେଣୁରେ ରଚିକ ମନ୍ତ୍ର
ବସି ଚରଣେ ଦିଅ ଅଳତା ବା । ୨୩ ।

ଭକ୍ତ ବେନି ଭୁଜ ହୋଇଅଛୁ ଭକ୍ତ ଭଗତ ଜନଙ୍କ ପାଇଁ
ଭବଗ୍ରାହ୍ୟନାଥ ଭୁଜ ଟେକିଛନ୍ତି ଶରଣ ପଶିବା ପାଇଁ ବା
(ତୁମ୍ଭଙ୍କୁ) ଭୋଳାନାଥ କରେ ପୂଜା
ବିଭୀଷଣ ଲଙ୍କେଶ୍ୱର ରାଜା ବା । ୨୪ ।

ମହିମା ଅସୀମ ପ୍ରଭୁ ପୀତବାସ ମହାଘୋର ଦୁଃଖ ଫେଡ଼
ମତ୍ତ ଗଜଦନ୍ତ ଭୁଜରେ ଉପାଡି କକ୍ଷରେ କଲ ଲଉଡ଼ ବା
(ତୁମ୍ଭେ) ମାୟାଧର ଆଦିକନ୍ଦ
ମାଲ ମାର ମଥୁରାରେ ଦ୍ୱନ୍ଦ ବା । ୨୫ ।

ଯେତେ ଜୀବଜନ୍ତୁ ଯେଣେ ଥିବେ ଥାନ୍ତୁ ଜଗନ୍ନାଥରେ ଶରଣ
ଯାଅନ୍ତି ଦେଲେ ଅପଣା ଗୁରୁ ପୁତ୍ର ତିନି ଭୁବନେ ପୁରାଣ ବା
(ତୁମ୍ଭେ) ଜଗ ଗୋପପୁର ବାଟ
ଯହିଁ ରହିକ ପଣଭୁ ଘାଟ ବା । ୨୬ ।

ରସିକ କାହ୍ନଅ ଗୋପୀଙ୍କ ମେଳଅ ରଙ୍ଗେ ବୃନ୍ଦାବନେ ବନେ
ରତ୍ନ କଟାଉ ଚରଣେ ଶୋଭୁବନ ରୂପ କୋଟି କାମ ଗଞ୍ଜେ ବା
ତୁମ୍ଭେ ରଙ୍ଗ କୁମ୍ଭକୁ ରସି
ରଖ ଜଳରେ ଗର୍ଭରୁ ତୃଷେ ବା । ୨୭ ।

ଲଙ୍ଗଳଧର ଠାକୁର ବଳୀବର ଲକ୍ଷେ ଲୀଳା ଶିରୋମଣି
ଲକ୍ଷ ଦେବାଙ୍କୁ କେଉଁ ପ୍ରଭୁ ଅଛନ୍ତି ଶିରରେ ସପନ୍ଥ ଫେଣି ବା
ତୁମ୍ଭେ ଲଙ୍ଗଳେ ତାଡ଼ି ହସ୍ତିନା
ଲୀଳା ଭାବକୁ ଫସାର ସିନା ବା । ୨୮ ।

ବଶିଷ୍ଠ ନାରଦ ବେଦ ବ୍ୟାସ ଆଦି ସେବନ୍ତି ଯଉଁ ଚରଣ
ବାଇ କରାଇଲ ବ୍ରାହ୍ମଣ ଯୁବତୀ ବନେ ଭୋଜ ଖଆଇଣ ବା
ତୁମ୍ଭ ବଜ୍ରଧରଭୁଲେ ବାଦ
ବାହୁବଳେ ଦଶଶିର ଛେଦ ବା । ୨୯ ।

ସହସ୍ରେ ନାମ ଯେଉଁ ନାମେ ବିଶ୍ରାମ ଶୁଣିଲେ ତରନ୍ତି ନର
ସାମବେଦକୁ ସନ୍ତୋଷ ଭାବଗ୍ରାହୀ ସୀତାପତି ରଘୁବୀର ବା
ତୁମ୍ଭ ସୁନ୍ଦର ପଣକୁ ଚପି
ସ୍ମରଣ କରିଲେ ସୁକେଶୀ ବା । ୩୦ ।

ଫିଦ୍ଧ ଗଛ ଜାଣି ବକ୍ରମର ଠାଣି ସମୁଦ୍ର ତଟେ ରହିଣି
ସନକ ମୁନି ଯେଉଁ ନାମେ ଶରଣ ସେବନ୍ତି ହିନ୍ଦୁଳଶୀ ବା
ତୁମ୍ଭେ ପଣ୍ଡୁକୁ ଫନ୍ଦାଇଥ ମାର
ଶିଶୁପାଳର ସାର ବେଭାର ବା । ୩୧ ।

ଶ୍ୟାମଳ ସୁନ୍ଦର ଦୈବକୀ କୁମର ସୋଲ୍ଲି ଛଡାକୁ ଶରଧା
ସହଜେ ଶ୍ୟାମଳ ଭ୍ରୂଲତା ଯୁଗଳ କଜ୍ଜଳେ ଗୁଞ୍ଜୁରିବନ୍ଧା ବା

Digitized by srujanika@gmail.com

ତୁମ୍ଭେ ସନ୍ଥଜନଙ୍କ ଗୋସାଇଁ
ସଦ ହୃଦେ ଭବ୍ୟ ପାଦ ପାଇ ବା । ୩୨ ।

ହୀରା ନୀଳା ମୋତି ହୃଦେ ଝଟକନ୍ତି ହେମ ମର୍କତ ଗଢଣା
ହରିଲ ମନ ଭାଙ୍ଗିଲ ଯୋଗୀଧ୍ୟାନ ହୁଅ ପଦକ ବଧାନ ବା
ତୁମ୍ଭେ ହରଧନୁ ଭାଙ୍ଗି ଜିତା
ହୃଦେ ମାଳ ଦେଲେ ନେଇ ସୀତା ବା । ୩୩ ।

କ୍ଷୀର ପାନକଲ ମାଣିକ୍ୟ ଦେଇଣ କ୍ଷିତପତି ରଘୁନାଥ
କ୍ଷମା ସାଗର ଠାକୁରଙ୍କୁ ଭଜିଣ ବପ୍ର କପିଲା ମୁକତ ବା
ତୁମ୍ଭେ ଛଳନେ ଫେଡ଼ ସଙ୍କଟ
କ୍ଷେମେ ରହିଲ ବଟ ନିକଟ ବା । ୩୪ ।

Digitized by srujanika@gmail.com

କଳସା ଚଉତିଶା

କୌଣସି ଜୀର୍ଣ୍ଣ ଅଳ୍ପ ପୋଥି ମଧ୍ୟରୁ ଏ ଚଉତିଶା ପ୍ରାପ୍ତ ହୋଇଅଛୁଁ । କଳସା ବାଣୀରେ ଗାଇବ ବୋଲି କେତେ ଛନ୍ଦ ଉପରେ ଲେଖା ହୋଇଥାଏ, କିନ୍ତୁ କଳସା ଗୀତ କଣ ଜାଣିବାର ଉପାୟ ନ ଥାଏ । ଏହିପରି ଅନେକ ବାଣୀର ନାମ ଦେଖାଯାଏ କିନ୍ତୁ ସେଗୁଡ଼ିକର ମୂଳ ଗୀତ ମିଳେ ନାହିଁ, ଫଳରେ ମାହିତ୍ୟିକ ମନରେ ଯେଉଁ ଅବଶୋଷ ରହିଯାଏ ତାହା କଥାରେ ପ୍ରକାଶ କରି ହେବନାହିଁ । ଯାହାହେଉ କଳସା ମୂଳ ଗୀତ ମିଳଇ । ଅନ୍ୟାନ୍ୟ କେତେକ ବାଣୀର ମୂଳ ଗୀତ ମଧ୍ୟ ମିଳିଅଛି । ରସକୁଲ୍ୟା ବା ରସକୋଇଲ ବାଣୀର ମୂଳ ଗୀତ ମଧ୍ୟ ଏ ଭାଗରେ ସନ୍ନିବେଶିତ ହୋଇଅଛି । କଳସା ଗୀତ ଅତି ପୁରାତନ, ପ୍ରମାଣ ମିଳିଅଛି ସାରଳା ଦାସଙ୍କ ମହାଭାରତ ଠାରୁ ମଧ୍ୟ ଏହା ଅଧିକ ବୟସ୍କ । ଏହାର ନନ୍ଦତୁଙ୍ଗକର ସରଳ ଭାଷା ଏକାବେଳେକେ ଅନନୁକରଣୀୟ । ଅଥ ଶିବବିବାହ ବର୍ଣ୍ଣନରେ କବି ବଚ୍ଛ ଦାସ ଯେଉଁ ଅନନ୍ୟସୁଲଭ ରସିକତା ବା (Humour) ଦେଖାଇଅଛନ୍ତି ତାହା ମଧ୍ୟ ପୁରାତନ ଓଡ଼ିଆ ସାହିତ୍ୟର ଉତ୍କର୍ଷର ପ୍ରକୃଷ୍ଟ ପ୍ରମାଣମାନଙ୍କରୁ ଅନ୍ୟତମ ।

କହନ୍ତି କାମିନୀ ଶୁଣ ହେମନ୍ତଦୁଲଣୀ
କାହିଁ ବରେ ବରିଲେ ଭୁମୁର ପିତାମଣି
କୁଳ ମୂଳ ଗୋତ୍ର ଆଦି ନାହିଁ ଜାଣ ତାର
କନକବେଦୀରେ ବୁଢ଼ା ବସିଛି ମଧ୍ୟର । ୧ ।

ଖୁଁ ଖୁଁ କାଶ ସାହାସେଣି ପେଲୁଅଛି ଧରି
ଖର ନିଶ୍ୱାସ ବୁଢ଼ାର ମ.ଥଲୁଗେ ଭୁଇଁ
ଖଣ୍ଡିଆ ଯୋଗୀର ସଙ୍ଗେ ନାହିଁ ଯାନ ତାର
ଖଣ୍ଡିଆ ବଳଦ ବୁଢ଼ା ବାହନଛି ପାଖର । ୨ ।

ଗୋଡ଼ ହାତ ଷଣ ଫୁଲ ଗଳୁଛି ନୟନ
ଗଣ୍ଡସ୍ଥଳେ ଲମ୍ୱଇ ମୁହୁଁରି ଦରଶନ
ଗ୍ୟାନ ଭ୍ରଷ୍ଟ ହୋଇଲାଣି ଭେବଲ ତା ମତି
ଗୁଣ ଲକ୍ଷଣ ବୁଢ଼ାର ନାହିଁ ତଥି ଗତି । ୩ ।

Digitized by srujanika@gmail.com

ଘର ଦ୍ୱାର କେବଣ ଦେଶରେ ତଥ୍ୟ ନାହିଁ
ଘଣ୍ଟାଇଲା ବିହି ଆଣି ଏମନ୍ତ କରାଇ
ଘଟ ଘଟ ହୋଇ ଲାଳ ବହୁଛି ତୁଣ୍ଡର
ଘନ ଜଟା ଲୋଟ୍ ଏକ ବାନ୍ଧିଛି ମୁଣ୍ଡର । ୪ ।

ନ ଚଳଇ ମନୁଷ୍ୟ ସେ ନ ଦେଖେ ନୟନ
ନିକଟେ ଡାକିଲେ ନ ଶୁଣେ ତା ବେନି କର୍ଣ୍ଣ
ନଖ ମୁଖ ଚକ୍ଷୁସ୍ଥାନ ପଚିଲା ଭିତର
ନୂଆ ଖଣି ଖଣା ପ୍ରାଏ ଦିଶୁଛି ଉଦର । ୫ ।

ଚର୍ମେକ ମାଡ଼ଣ ବୁଢ଼ା ବସିଛି ମଚଥ୍ୟଣ
ଚଉପାଶ ବେଢ଼ିଛନ୍ତି ଦେବତା ବ୍ରାହ୍ମଣ
ଚକୋର ବୁଢ଼ାକୁ ଦେଖି ଚକିତ ହୋଇଲୁ
ଚିନ୍ତା ସାଗରରେ ସଖି ! ନିଶ୍ଚେ ବୁଡ଼ିଲୁ । ୬ ।

ଛନ୍ନ ଅଙ୍ଗେ ଛିଣ୍ଡା ଗନ୍ଥା ଲାଗିଛି ତାହାର
ଛାର ପାଉଁଶ ଲୋଟିଏ ଲେପିଛି ଶରୀର
ଛନ୍ଦିଅଛି ସର୍ପମାଳ ମୁଣ୍ଡେ ଆଭରଣ
ଛନେକେ ଭେଳକି ବୁଢ଼ା ଲଗାଇଲା ଜାଣ । ୭ ।

ଜଙ୍ଗମକୁ ପ୍ରାପତ ହୋଇଲୁ ଚନ୍ଦ୍ରମୁଖି !
ଯାହା ତୋର କପାଳରେ ବିହି ଅଛି ଲେଖି
ଯୁବାକାଳେ ଯଉଁ ଯୋଗ ଭୁଞ୍ଜିବୁ ନା ଯାହା
ଜାଣି ଜାଣି ଜଙ୍ଗମ ଗୋଟାକୁ ହେଲୁ ବାହା । ୮ ।

ଝୁମୁ ଝୁମୁ ବାଜେ ଘଣ୍ଟି ପାଗୁଡ଼ି ଲୋଟଏ
ଝମକୁଣ ଅଉ କରେ ତ୍ରିଶୂଳ ଗୋଟାଏ
ଝୁଲି ହୋଇ ଝିଙ୍କି ହୋଇ ପଡ଼ୁଛି ଚଳାଇ
ଝିଅ କି ନାଗୁଣୀ ପ୍ରାଣେ ଦହିବୁ ଗୋ ତୁହି । ୯ ।

Digitized by srujanika@gmail.com

ଞସଚେଣ କଟଦ କଥା ଞକୁଟିଣ ଦାନ୍ତ
ନ ଅସର ବାଣୀ ଢାବ ଦୁହିଁହୁଏ ଅନ୍ତ
ଞଣ ଦାଢ଼ି ରୁଚ ଢାଙ୍କୁ ନ ମିଳେ ଭଣ୍ଡାର
ଞଣାକାଳେ ଯେ ଦେଖିଲେ ଭସ୍ମୃ ଉର ପାର । ୧୦ ।

ଟଳ ଟଳ ହୋଇ ଠେକ ବସି ନ ପାରଇ
ଟାକୁଅ ଗାଲ ପାକୁଅ ଦାନ୍ତ ଅବ ନାହିଁ
ଟକ ଟକ ହୋଇ ଡା ଲାଗଇ ବେକ କଣ୍ଠି
ଟାଂକର ନମିଖି ସେ ଅଛୁ ତ ଅପାବନ । ୧୧ ।

ଠୂଲ କରଥିବା ଭିକ୍ଷା ମାଗିବାର ଧନ
ଠକଥିଲା ଦେବ ବୋଲି ହେମନ୍ତ ରାଜନ
ଠକର ସ୍ୱଭାବ ସେ ଗୋ ଲଗାଇଲା ଅଣି
ଠାବେ ହେବୁ ନାଶଗଲା ହେମନ୍ତଦୁଲଣୀ । ୧୨ ।

ଡାକଏ ବଜାଉଅଛୁ ଥାଳେକ ଝୋଲର
ଡଙ୍ଗର ଡ଼ାଙ୍ଗୁଅ ଘେନ କରବୁ ଗୋ ଘର
ଡମ୍ବରୁ ଧରକୁ ସେବା କଲୁ ପରମାଣେ
ଡ଼ଙ୍ଗର ବର ପାଇଲୁ ଦେଲେ ଶୂଳପାଣେ । ୧୩ ।

ଢୋର ଢପୁହିଙ୍କ ମାଗୋ ବଲାଇଲୁ ଚଉ
ଢୋକର ଯୋଗୀଙ୍କ ମାଗୋ ହୋଇଲୁ ପ୍ରାପତ
ଢମାଳ ନକର ମୁଁ ଯେ କହୁ ଅଛୁ ସତ
ଢ଼ାଳେ ହେବୁ ନାଶ ଗଲା ହେମନ୍ତ ଦୁହିତ । ୧୪ ।

ଅଣାଇଲେ ରାଜ୍ୟେ କାହ୍ନୁଁ ବରେକ ବରଣ
ଅଣ ମନୁଷ୍ୟ ଯେ ସେ ଅଛୁ ତ ଅପାବନ

୬

Digitized by srujanika@gmail.com

ଅଣଖ ଖାଉଲେ ମାଏ ଝିଏ ଦୁହେଁ ହୋଇ
ଅଣ ଉହାଡରେ ଶୀଘ୍ରେ ଦେଖାଇଲେ ନେଇ । ୧୫ ।

ତୀକ୍ଷ ଶରବର ବାଲୀ ବାଜନ୍ତି ହୃଦର
ତଡ଼ିତେ ପଡନ୍ତି ଛଳ ନଙ୍କେ ତା ମନ୍ଦର
ତକ୍ଷଣେ ଢୋଳ ଧଇଲେ ତାହାଙ୍କର ଦାସୀ
ତୁରିତେ ମିଳିଲେ ମାଏ କଡରେ ତା ଆସି । ୧୬ ।

ଥର ହର କର ମାଏ ବୋଲନ୍ତି ବଚନ
ଥିର କର ମନ ମା ଗୋ ! ନୁହେ ଅଚେତନ
ଥିଲି ଏତେକାଳେ ମୋର ଦୁଲଣା ହୋଇଣ
ଥନ ଯଉବନ କାଳେ ଦେଉଛୁ ଜୀବନ । ୧୭ ।

ଦଇନ କରି କହୁଛି ଶୁଣ ମୋର ମାଏ
ଦନ୍ତେ ତୃଣ ଧରିଣ ଓଳଗଇ ପାଏ
ଦରିଦ୍ର ହୀନ ବୁଢ଼ାକୁ ଯେବେ ମୋତେ ଦେବୁ
ଦୁଇ ନୟନରେ ମୋର ମରଣ ଦେଖିବୁ । ୧୮ ।

ଧରି ଧରି ହୋଇ ମାଏ ଝିଅ ବୋବାଇଲେ
ଧାଇଁ ମୁହୁସୁଲୀମାନେ ଚହଲ ପାଇଲେ
ଧାଇଁ ଆସି ତତକ୍ଷଣେ ମିଳିଲେ ସ୍ୱଜନ
ଧର୍ମ ପୁଣ୍ୟ କାଳେ କିପାଁ କରୁଛ ରୋଦନ । ୧୯ ।

ନାହିଁକି ସଂସାର ମଧ୍ୟେ ରାଜାର କୁମର
ନିର୍ଲଜ ବୁଢ଼ାକୁ ସ୍ୱନେସା କି କଲ ବର
ନୋହିଲେ ବୁଡ଼ିବୁ ମାଏ ଝିଏ ଦୁହେଁ ହୋଇ
ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ । ୨୦ ।

Digitized by srujanika@gmail.com

ପଠ ଯେନ ମାଣିକ୍ୟ ମୁକୁତା ସୁନ୍ଦା ନାହିଁ
ଯୋଡ଼ି ଯୋଡ଼ି ଜୀବନ ପର୍ଯ୍ୟନ୍ତ ରଖା ହୋଇ
ପିଅର ଜନନୀ ତୁମ୍ଭ ଜୀବନ ଧନ ଚ
ପାକୁଅ ବୁଢ଼ାକୁ ଦେଇ ଯେନ ଲୋଡ଼ା ବସ୍ତ୍ର । ୧୧ ।

ଫରମାଣ ଦେଇଛନ୍ତି ହେମନ୍ତ ରାଜନ
ଫାଇ କେବେ କହୁବା ଗୋ ସେହୁ ବଡ଼ଜଣ
ଫଳେଣ ଜାଣିବା ପରେ ତାହାଙ୍କର ଗୁଣ
ଫଂରସ୍ତେ ସେବଲେ ଗୌରୀ ପାଇବ କାରଣ । ୧୨

ବିସ୍ମର ନ କର ମାଏ ଝିଏ ତୁହେଁ ତୁମ୍ଭେ
ବିକଳ ମନରୁ ଘଡ଼ି କହୁଅଛୁଁ ଅମ୍ଭେ
ବ୍ରହ୍ମା ବିଷ୍ଣୁ ଦେବତାଏ ଛନ୍ତି ତାଙ୍କୁ ବେଢ଼ି
ବଡ଼ ଭାଗ୍ୟବନ୍ତ ଗୌରୀ ପୁଣ୍ୟେ ଅଛୁ ବଢ଼ି । ୧୩ ।

ଭାଲପଟେ ଲେଖନ ଯା କରିଛି ବିଧାତା
ଭଲ ଭାଗ୍ୟବନ୍ତ ଗୌରୀ ଆମ୍ଭର ଦୁହିତା
ଭୋଜନର ବେଳେ ରାଣୀ ମିଳାଲୁକ ଅସି
ଭଉରେ ମନ୍ତଣାହି ସଖୀ ଭଥଣ କରସି । ୧୪ ।

ମହାଦେବଙ୍କ ମନବ୍ୟଥା ଛଡ଼ାଇ ରାଜନ
ମିଳିଲେ ଯେ ସର୍ବଜନ ବିଭାର ଅସ୍ଥାନ
ମଙ୍ଗଳଣ କଲେ ତହିଁ ହଳଦୀ ଚନ୍ଦନ
ମଙ୍ଗଳ ମହୁରୀ ଶଙ୍ଖ ବାଜେ ଘନ ଘନ । ୧୫ ।

ଯୁବତୀ ସକଳ ମିଳି ହୁଳହୁଳି ଦେଲେ
ଜଗମୋହନାଙ୍କ ଦ୍ରବ୍ୟ ବେଶ କରାଇଲେ

Digitized by srujanika@gmail.com

ଜାଈ ଫୁଲ କନଅର ଖୋସାରେ ଖୋସିଲେ
ଯତନେ କସ୍ତୁରୀ ଟିକା କପାଳରେ ଦେଲେ । ୧୬ ।

ରହି ଝିଣିଅଣି ଚୂଡ଼ା ମଥାରେ ସୀଉନ୍ତି
ସ୍ୱମ ଅଣଖେକ ଚୂଡ଼ ନାଚେ ଗଜମୋତି
ରୁଣୁ ଝୁଣୁ ବାଜୁଅଛି ପଦରେ ନୂପୁର
ରାଜୀବଦଳ ଲୋଚନେ ଚଞ୍ଚିଲେ କଜ୍ଜ୍ୱଳ । ୧୭ ।

ଲତାବଳ ପାଟେ ପିନ୍ଧି ନେତେ ଉପୁରାଣି
ଲାବଣ୍ୟ ଚନ୍ଦ୍ର-ବଦନୀ ଲକ୍ଷେ ଲକ୍ଷ୍ମୀ ଗୁଣ
ଲବଣଚଉଁରୀ ପୂଜା ଆଣି ବଢ଼ାଇଲେ
ଲଳିତେ ମଙ୍ଗଳ ଗୀତ କାମିନୀ ଗାଇଲେ । ୧୮ ।

ବ୍ରହ୍ମା ଅର୍ଘ୍ୟ ହୋଇଣ ବେଦୀରେ ବସିଲେ
ବରଙ୍କୁ ସେ ଜଣଂଣ ଦଶ ତୋଳ ବସାଇଲେ
ବାସବର୍ଗ ବନ୍ଧୁ ବାକ୍ୟ ଅସରଳା ସୁଧା
ବସିଂଲେକ ଝମ୍ପାମାଡ଼ ବାଲୀ ଯେନ ପିଠା । ୧୯ ।

ଶିରରେଣ ବାନ୍ଧିଲେ ମୁକୁଟ ପଞ୍ଚଶାଖା
ଶୋଇପଡ଼ ବୁଢ଼ା ଖାଶୁ ଖାଶୁ ଗନ୍ଧ ମୂର୍ଚ୍ଛା
ଶାଶୁ ଅଦ ସମସ୍ତେନ୍ଦେ ବୋବାଳ ଛାଡ଼ିଲେ
ସଚେତ ପାଇଲା ବୁଢ଼ା ଢୋଳ ବସାଇଲେ । ୨୦ ।

ସନ୍ତୋଷେ ହସ୍ତ ଯୋଡ଼ିଣ କଲେଣି ସେ ନାରୀ
ସତ୍ୱରେଣ ଦେବତାଏ ଗଲେ ଯେଝା ପୁରୀ
ସନ୍ତୋଷେଣ ନାରୀ ମିଳି ଜୁଆ ଖେଳାଇଲେ
ସହରେଣ ବରକନ୍ୟା ବେଦୀରୁ ଉଠିଲେ । ୨୧ ।

Digitized by srujanika@gmail.com

ସମସ୍ତେ ବସିଣ ପଞ୍ଚ,ପ୍ରାସାଦ ଖାଇଲେ
ସମ୍ଭୀସଙ୍ଗାଭୁଣୀମାନେ ମଧୁଶଯ୍ୟା କଲେ
ସୁରଗଣେ ବରକନ୍ୟା କରୁଛନ୍ତି ଭାବ
ଶୋଭା ପାଉଛନ୍ତି ଦୁହେଁ ରତି କାମଦେବ । ୩୨ ।

ହେମନ୍ତର ରାଣୀ ଦେଖି ସନ୍ତୋଷ ହୋଇଲେ
ସ୍ଥାନ ପରପଞ୍ଚ ବେଶ ଯନ୍ତୁଂ ପକାଇଲେ
ହୋଇଲେ ସନ୍ତୋଷ ଯେ ସକଳ ଲୋକ ଦେଖି
ହାସ୍ୟ କରୁଛନ୍ତି ସମ୍ଭୀସଙ୍ଗାଭୁଣୀ ଦେଖି । ୩୩ ।

ଛଛନେ ଚଉଠି ସା'ର ବାଦ ଖେଳ ଗଲେ
ଛ ସାତ ଅଷ୍ଟ ମଙ୍ଗଳା ଉଛବ ସାରିଲେ
ହିଡପଢ ଠାକୁର ସେ ଭପିଲାସେ ସ୍ଥିତ
ନୃତ୍ୟ ଭୂଷି ବନ.ଦାସ କଳସା ପଢନ୍ତି । ୩୪ ।

Digitized by srujanika@gmail.com

ରସକୁଲ୍ୟା ଚଉତିଶା

ଏ ଚଉତିଶା ରସକୁଲ୍ୟା ବା ରସକୋଇଲ ବାଣୀର ମୂଳ ଗୀତ । କବି ଦାମୋଦର ଚଉତିଶାର ନାମ ସାର୍ଥକ କରିଅଛନ୍ତି, ଯଥା ଓଡ଼ିଆ ସାହିତ୍ୟରେ ରସକୁଲ୍ୟା ପରି ନାଟକୀୟ କବିତ୍ୱ ବୃନ୍ଦାବନରେ ଯେ ପର୍ଯ୍ୟନ୍ତ ଏତେ ଗୀତ ଅନନ୍ୟ ସୁଲଭ ପଦାବଳୀର ପ୍ରକୃଷ୍ଟ ନିଦର୍ଶନ । କବି ଶ୍ରୀ ଚୈତନ୍ୟଙ୍କ ଗୋସ୍ୱାମୀଙ୍କର ମଧ୍ୟ ପୂର୍ବବର୍ତ୍ତୀ କାରଣ ସେମାନେ ମଧ୍ୟ ରସକୁଲ୍ୟା ବୃତ୍ତ ଛନ୍ଦ ବୃତ୍ତମାନଙ୍କରେ ବ୍ୟବହାର କରିଅଛନ୍ତି । ଏତେ ପୁରାତନ ହେଲେ ହେଁ ଚଉତିଶାର ଭାଷା ଆଧୁନିକ ଭାଷାଠାରୁ କୌଣସି ଅଂଶରେ କମ୍ ପରିମାର୍ଜିତ ନୁହେଁ । ତଥାପି ତହିଁରେ କୋମଳ ନୈସର୍ଗିକ ସାରଲ୍ୟ ପରିପୂର୍ଣ୍ଣ ହୁଏ ଯାହା ଆଧୁନିକ କବିତାର ଜଗତରେ ଅଳ୍ପ ଦେଖିବାକୁ ମିଳେ ନାହିଁ । ବଙ୍ଗାନୁକରଣ ଯୁଗରେ ଓଡ଼ିଆ ଭାଷାର ଗତି ବେଶି ଅଧିକ ହୋଇଥିବ ରସକୁଲ୍ୟାଦି ଚଉତିଶାମାନଙ୍କ ସହିତ ଯେ କୌଣସି ନବୀନ କବିତାର ତୁଳନାତ୍ମକ ପାଠରୁ ତାହା ସ୍ପଷ୍ଟ ପ୍ରତିପନ୍ନ ହେବ । ଯେଉଁମାନେ ଓଡ଼ିଆଭାଷା ଓ ତାହାର କ୍ରମ ବିକାଶର ଇତିହାସ ଲେଖି ନାନା ଭ୍ରାନ୍ତ ମତ ବ୍ୟକ୍ତ କରୁଅଛନ୍ତି ସେମାନେ ରସକୁଲ୍ୟା ଅବିଶ୍ୱାସରୁ କହି ପାରିବେ କି ?

କହଇ ରାଧା ସଖୀ ଦୂତିକାକୁ,
କଦମ୍ବ ମୂଳେ ଦେଖିଲି କୃଷ୍ଣଙ୍କୁ
କଳା କଳେବର ରଙ୍ଗା-ଅଧର
କପାଳେ କସ୍ତୁରୀ ଚିତା ସୁନ୍ଦର ସେ,
କୁବଳୟ ଫୁଲ ନାହିଁ ଯେ
କାମ ବିକାର   କଲିକ ପ୍ରାଣବନ୍ଧୁ
ଦେଖି ସୁଧାନନ୍ଦ ହାସେ ଯେ । ୧ ।

ଖୋସିଛି ଶିରେ ମୟୂର ଶିଖଣ୍ଡ
ଖଣ୍ଡ ସଘନରେ ଶକ୍ର କୋଦଣ୍ଡ
ଖଞ୍ଜି ଅଳଙ୍କାର ଗୁଞ୍ଜରି ମାଳ
ଖଞ୍ଜି ପୁଞ୍ଜି ପୁଞ୍ଜି କାଞ୍ଚନ ମାଳ ସେ ।
ଖିଲ ବ୍ରହ୍ମାଣ୍ଡ ଠାକୁର ଗୋ
ଖୀନ ନୟନ   ଅପାଙ୍ଗ ଶରେ ତନୁ
ଖଣ୍ଡ ଖଣ୍ଡ କଲା ମୋର ଗୋ । ୨ ।

Digitized by srujanika@gmail.com

ଗଣ୍ଡସ୍ଥଳେ ଲୁଳେ କୁଣ୍ଡଳ ବେନି
ଗ୍ୟାନ ଧ୍ୱଂସ ହୋଏ ଦେଖି ସଜନି !
ଗୋବିନ୍ଦ ଗଳାରେ ପ୍ରବାଳକଣ୍ଠି
ଗୋପସୁତ ସଙ୍ଗେ କରନ୍ତି ଗୋଷ୍ଠି ସେ,
ଗଜମୁକୁତାର ହାର ଗୋ ।
ଗଳାରୁ ଯାନୁ ପର୍ଯ୍ୟନ୍ତେ ଲମ୍ବଇ
ବନ କୁସୁମର ମାଳ ଗୋ । ୩ ।

ଘଟଣି ସୁନ୍ଦର ତ୍ରିଭଙ୍ଗୀ ଅଙ୍ଗ
ଘନ ଘନ ବଂଶୀ ବାବେ ଶ୍ରୀରଙ୍ଗ
ଘୋଟିଲା ଅନ୍ତରେ ଅନଙ୍ଗ ଜ୍ୱର
ଘୂମାଇ ଯାଉଛି ମୋର ଶରୀର ସେ .
ଘାତୁକଲା ରତିବର ସେ
ଘାଉଅ ହରଣୀ ପ୍ରାୟେ ମୁଁ ହୋଇଲି
ଶୁଣି ତା ବେଣୁ ସ୍ୱର ଯେ । ୪ ।

ନୟନେ ତା ରୂପ ଦେଖିଲି ଯାହା
ନ ପାରଇ କହି ବଚନେ ତାହା
ନ ରୁଚଇ ମୋତେ ସଦନ ସୁଖ
ନ ଦେଖି ଦେଖିଲି କଳା ଶ୍ରୀମୁଖ ସେ
ନିବେଦନା ମୋର ଯେତ ଗୋ
ନିଠେ ପ୍ରାଣବନ୍ଧୁ ଦେଇ ମୋତେ ରଖ
ଅଜନ୍ମି ତୋର ଅଧୀନ ଗୋ । ୫ ।

ଚଳ ସନ୍ତତର ! ଶୁନ ଚତୁଠ !
ଚତୁର୍ବର୍ଗଦାନୀ ନାପ ନିକଠ

Digitized by srujanika@gmail.com

ଚଞ୍ଚଳାପତିଙ୍କ ପାଶେ ଜଣାଇଁ
ଚଣ୍ଡେ ଧେନୁଅ ପଦ୍ମଣ୍ଡ ମଣାଇ ସେ,
ଚଉଦ୍ଭୁବନ ଯା ଦାସ ଗୋ
ଚନ୍ଦ୍ରଶେଖର ପଲକ ନ ଟଳଇ
ଚାହିଁ ଚକ୍ରଧର ବେଶ ଗୋ ।୬।

ଛୀନ ହୃଦର ଛୀନ ପ୍ରେମାବଳୀ
ଛନ୍ନ ହୋଇବେ ଦେଖି ସୁରବାଳୀ
ଛାଡ଼ିବେ ପତି ସୁନ୍ଦ ଗୃହ ବାସ
ଛଣେ ନ ଛାଡ଼ିବେ ଶ୍ରୀକୃଷ୍ଣପାଶ ସେ
ଛଟକେ ତା ରୂପ ଦେଖି ଯେ
ଛର ନୟନୀ ଛାଡ଼ ମୁଁ ଅଛିନ୍ତି
ଦୋଷ କ୍ଷମାକର ସଖି ଗୋ ।୭।

ଜମ୍ବୁନଦ ଜିଣି ପୀତବସନ
ଦାମିନୀ ଜଳଦ ମଧ୍ୟେ ଯେସନ
ଜଡ଼ିତ ବେଣୀ ଫଣୀ ହର ଉରେ
ଯୋଗୀନ୍ଦ୍ରବୃନ୍ଦ ଦେଖି ଯୋଗ ଛାଡ଼େ ସେ
ଯହିଁ ଶୋଭା ଜଗବନ୍ଧୁ ଯେ
ଯୁବତୀ-ଜୀବନ କେତେକ ମାତର
ଦେଇ ରଖ କୃପାସିନ୍ଧୁ ଯେ ।୮।

ଝିମଣ୍ଡଳେ ହୃଷ୍ଟ ତହୁଁ ଚଳନ୍ତି
ଝାଡ଼କାରେ କୃଷ୍ଣବନେ ମିଳନ୍ତି
ଝସକେତନର ପିଅର ପାଶ
ଝଗଡ଼ କହଇ ରାଧାସନ୍ଦେଶ ସେ

Digitized by srujanika@gmail.com

ଝୁରୁଅଛି ପ୍ରାଣସଖି ଯେ
ଝୀନପଟଳୀ ତା' ପାଷାଣରୁ ଗରୁ
ଝଡ଼ପଡ଼େ ବେନି ବାହା ଯେ । ୯ ।

ନୟନରୁ ନୀର ନ ରହେ ତାର
ନିରନ୍ତରେ ନାମ ଜପଇ ତୋର
ନ ରୁଚଇ ଅନ୍ନ ନ ମାଡ଼େ ନିଦ
ନନ୍ଦନ ଫୁଲଶରେ ତନୁ ଭେଦ ସେ
ନ ଜୀଅଇ ତୋ ନ ଗଲେ ଯେ
ନରେଁ ତିଶ ହତ୍ୟା ଦୋଷକୁ ପାଇବୁ
ନାରୀ ଶିରୋମଣି ମଲେ ଯେ । ୧୦ ।

ଟାହି ପରିଯେ ନ ମଣ କହ୍ନାଇଁ
ଟାଙ୍କି ବସିଥିବ ତୋହେ ଅନାଇଁ
ଟଳ ପଡ଼ିବାକୁ ଅଛି କେବଳ
ଟାଣ ମନସିଜରାଜ ପ୍ରବଳ ଯେ
— ଟାଣି ବିନ୍ଧେ ପଞ୍ଚବାଣ ଯେ
ଟିକାଏ ଉପ୍ରୋଧ ନାହିଁ ନା ତାହାର
କରୁଅଛି ରଣଭଣ ଯେ । ୧୧ ।

ଠାକୁରେ ଜାଣିଲେ ଗଧାସନ୍ଦେଶ
ଠିକ କହୁଛନ୍ତି ଦୂତିକା ପାଶ
ଠିକ ନୋହୁ ଅମ୍ଭେ ବାଳୁତ ପୋଇ
ଠକ କଥା କି କେ କହୁ ବୁଝାଇ ଯେ
ଠାକୁରାଣୀ ଟଣେ ବଡ ସେ

Digitized by srujanika@gmail.com

ଠାକୁର ଭଣ— ଭକ୍ତଙ୍କ ଜେମାଦେଇ
ଆମ୍ଭେ ଜାଣୁ ଶିଶୁଖେଡ଼ ଯେ । ୧୨ ।

ଡରାଇ କେତେ କହୁ ବନମାଳୀ
ଡେଇଁ କାଳନ୍ଦୀରେ ମର୍ଦ୍ଦିଲୁ କାଳୀ
ଡଂସିଲା ଅଙ୍ଗେ ଭୁ ନାଶ
ଡରାଇ କହୁ ମୁଁ ବାଳୁତ ବିଷ ଯେ
ଡରିଲୁ ନାହିଁ ଇନ୍ଦ୍ରକୁ ଯେ,
ଡୋଲେ ଦେଖିଲୁ ଗିରିବର ଧରଣ
ରଖିଲୁ ଗୋପବୃନ୍ଦକୁ ଯେ । ୧୩ ।

ଢମ ପଣ୍ଡା ଏବେ ନ ମଣ ଢାଳେ
ଢଳ ପଡ଼ିବ ଜୀବ ଯିବାବେଳେ
ଢୋଙ୍କିବ ଯେବେ ତୋ ଅଧରୁ ସୁଧା
ଢଳ ନ ପଡ଼ିବ ଜୀଇବ ରାଧା ସେ
ଢାଳେ ହୋଇଅଛୁ ଦୁଃଖୀ ଯେ
ଢଳଢଳ ସୁଧା ଢୋକନ୍ତୁ ପିଇଲେ
ଜୀଇବ ସେ ଚନ୍ଦ୍ରମୁଖୀ ଯେ । ୧୪ ।

ଅଣହେଳା ଏବେ ନ କର ହର !
ଏଣୀ ନୟନୀ ନଷ୍ଟେ ଯିବ ମର
ଅଣଅପରାଧୀ ରାଧିକା ସଖି
ଅନଙ୍ଗବାଣେ ବାରେ କର ହାହୁ ସେ
ଅଣମନୁଷ୍ୟରମଣୀ ହେ ।
ଅମୂଲ୍ୟ ଟିଭୁଲୀ ସୁଖେ ଭୋଗ କର
ଅଣଦେବ ଏହୃଷଣି ହେ । ୧୫ ।

Digitized by srujanika@gmail.com

ତୁମ୍ଭେ ଯେବେ ନିଷ୍ଠେ ନ ଯିବ ଘର
ଉଚିତ ଅର୍କେ ଆଣିମି ସୁନ୍ଦରୀ
ତୋଷ ହୋଇ ଆଜ୍ଞା ଦିଅ ଶ୍ରୀରଙ୍ଗ
ଉତ୍ପୁଳ ହୋଇ ଲଭ ସଖୀସଙ୍ଗ
ଉରତେ ଅପିବ ତେବେ ଯେ
ବିଲୋଚନ ରପୁ— ତାପକୁ ନ ଡର
ତୋ ତନୁ ଲଭିବ ଯେବେ ଯେ । ୧୬ ।

ଥିରେଣ ନାଗର କହେ ମନ୍ଦ ହସି
ଥିବୁଁ ଅମ୍ଭେ କୁଞ୍ଜକୁଟୀରେ ବସି
ଥିବେ କେହି ନାହିଁ ତାଙ୍କ ସଙ୍ଗତ
ଥାଇ ଦେନ ଆସ ନଟ ଅନ୍ତର ସେ ।
ଥିବୁ ପଡଜନ ଜାଗି ଗୋ
ଥାଇ ଭୁ ନଶି ଅନ୍ତରେ ଦେନ ଆଇରୁ
ଶୋଇଲେ ସେ ନଦ ଭାଗି ଯେ । ୧୭ ।

ଦସ୍ତାନାଥବାଣୀ ଶୁଣି ଦୂତୀକା ।
ଦହି ଜମୁନଦଚାର୍ଦ୍ଧ ଅଧିକା
ଦୁଃଖ ଜାଣି ସଖୀ ବେଗେ ଅଇଲା
ଦ୍ୱିରଦଗମନା ପାଶେ ମିଳିଲା ସେ
ଦେଖିଣ ଦୂତିକାମୁଖ ଯେ
ଦଗମ୍ବରରପୁ ତାପକୁ ନ ଡର
ଲଭିଲା ପରମ ସୁଖ ଯେ । ୧୮ ।

ଧର ଚରଣ ପଙ୍କରୁହ ରାମା
ଧରଣୀଧର କ ବୋଇଲେ ସହି !

Digitized by srujanika@gmail.com

ଧ୍ରୁବ କର କହ ସତ୍ୟ ବଚନ
ଧ୍ରୁବ ଆସିବେ କି ପଦ୍ମନୟନ ଯେ
ଧୀରେ କ'ହ ସହଚରି ! ଯେ
ଧରଣୀଧରଙ୍କ ଯେତେ କଥାମାନ
କହନ୍ତି ବହୁତ କରି ଯେ । ୧୯ ।
ନ ଜାଣ୍ ଅମ୍ଭେ ସୁରଛର ଭାବ
ନ'ଛ ଫେକ ଜାଣ୍ ଶିଶୁ ସ୍ୱଭାବ
ନାନା ପ୍ରକାର ମଣାଇଁ କହନ୍ତି
ନଷ୍ଟେ ସୀତ୍କାର କରି ବୋଇଲେ ସେ
ନ ଆସିବେ ତୁମ୍ଭ କଛ ଗୋ
ନିତି ଅର୍ଦ୍ଧେ ଘେନ ଯିବ ମୁଁ ତୁମ୍ଭଙ୍କୁ
କୁଞ୍ଜେ ଥିବେ ଶିଖୀପଚ୍ଛ ଗୋ । ୨୦ ।
ପୁଲକନ୍ତି ତନୁ ଶୁଣି ଏ ବାଣୀ
ପ୍ରସନ ମୁଖ ବଦଂସ ନଳିନୀ
ପ୍ରାପତ ନିଧି କି ଦରିଦ୍ର ହସ୍ତ
ପଦ୍ମବନେ କି ଉଦେ ଦିନନାଥ
ପଚାରଇ ଜଣି କେତେ ଗୋ
ପାଖ ପଚିକନ ନିଦ୍ରା ଗଲେ ପକ୍ଷୀ
ସଜ କରାଇବୁ ମନ୍ଦିର ଗୋ । ୨୧ ।
ଫୁରୁଣା ହୋଇ ନୀଳ ପାଟେ ଦିନ୍ଧ
ଫେଡ କବଚ ଆନ କରୁ ବାନ୍ଧ
ଫାଡ଼ି ଅଳଙ୍କାର ଅଙ୍ଗେ ଭୂଷଣ
ଫୁଲ ଚନ୍ଦନ କର୍ପୂର ଖଣ୍ଡିଣ ସେ

Digitized by srujanika@gmail.com

ଯାଇ କୁଙ୍କୁମ ଲେପନ ଯେ
ଫୁଲ-ଧନୁର୍ଦ୍ଧର ରାଜା ସଙ୍ଗେ ଅଡ଼
ହୋଇବ ସୁରତରଣ ଯେ । ୨୨ ।

ବେଳ ଜାଣି ବେନ ସଖୀ ବାହାର
ବେଗରେ ରଜନୀ ଅର୍ଦ୍ଧ ଅନ୍ଧାର
ବୃନ୍ଦାବନେ ବେଗେ ପ୍ରବେଶ ହୋଇ
ବନମାଳୀ ବନମାଳାଏ ନାଇ ଯେ
ବାଟ ଚାହୁଁଛନ୍ତି ବସି ଯେ
ବିଧୁବଦନୀ ତ ନିକଟେ ଦେଖିଣ
ମନ୍ଦ ମନ୍ଦ ହୋଇ ହସି ଯେ । ୨୩ ।

ଭେଟ ହୋଇଲେ ସେ ରାଧାମାଧବ
ଭଲ୍ଲ ବଢ଼ିଲା ଖେଦ ନଦସ୍ତବ
ତୋଷିଲା ଭୃଙ୍ଗ ଭେଟିଲା ମାଳତୀ
ଭେଟେ ଭେଳକୀ ଲାଗିଲା ଦୁହିଁଙ୍କି ଯେ ।
ଦେଖାଇ ଦୃଶ ଅନ୍ତର ଯେ
ଭୋଗ ସଂଯୋଗେ ଭୋଗ ଅନୁସରଣ
ଉଡ଼ିଲେ ଚଗୁ ଯୋଦର ଯେ । ୨୪ ।

ମାଧବଅଙ୍ଗ ମରକତ ଗିରି
ମୃଦୁଲ ହେମ- ଲତିକା ଈଶ୍ୱରୀ
ମତ୍ତ କି ଶିଖଣ୍ଡୀକୋଡ଼େ ହରିଣୀ
ମନ୍ତ୍ରେ ମତ୍ତଗଜ ବନନଳିନୀ ଯେ
ମହାବନ୍ଧ ଚତୁଃଷଠୀ ଯେ

Digitized by srujanika@gmail.com

ମଦନ ସ୍ୱିକାର ମହା ବନ୍ଧ ଝୋପେ
ପଡ଼ି ନ ପାରନ୍ତି ଉଠି ଯେ । ୧୫ ।

ଯୁବତୀ ରତନ ଜାଣେ ଚିହ୍ନାଣି
ଜାଣେ ଉତ୍ତରସ ନାନା ରଙ୍ଗେଣି
ଯନ୍ତୁଁ ରସ ରସେ ସ୍ୱଧା ଅଧିକା
ଜାଣେ ବିପରୀତ ରତି ନାୟିକା ଯେ
ଜଗବନ୍ଧୁ ହୃଦ ପଦ୍ମେ ଯେ
ଯେଉଁ ରତିରସ ରସେ ରସବତୀ
ଖେଦଇ ଅତି ଉନ୍ମଦେ ଯେ । ୧୬ ।

ରଙ୍ଗା ଅଧରେ ଚୁମ୍ବନ୍ତି ଅଧର
ରସ ପୂରିତ ଉରଜ ଭଣ୍ଡାର
ରତି ଉଚ୍ଚକେ ଉଚ୍ଚେ ଘଡ଼ାଘଡ଼ି
ରସେ ଜଘନ ରେ ଜଘନ ଯୋଡ଼ି ସେ,
ରସ ଅପ୍ରମିତା ହୋଇ ଯେ,
ରମଣୀ ବର ରସିକ ଶିରୋମଣି
ସାକ୍ଷୀ ସଖୀ ମତା ଦୁଇ ଯେ । ୧୭ ।

ଲକ୍ଷ୍ମୀ ଲକ୍ଷ୍ମୀଧର ଲଭଲେ ଭାବ
ଲାଜ ନ ପାଇଲେ ଦେବେ ଦୁଲ୍ଲଭ
ଲହିଲ୍ଲ ତନୁ ନୋହୁ ଲାଗି ଭୁଲି
ଲଯି କବରୀ ଉରଜରେ ଲୋଳି ସେ
ଲମ୍ବେ ଶମ୍ଭୂଶିରେ ପାଣି ଯେ
ଲକ୍ଷ୍ମୀଧର ଲକ୍ଷ ଦେଖି ଲାଗି ତହିଁ
ଅର୍ବ୍ବ ଯୋଡ଼େ ନକ୍ଷତ୍ରମଣି ଯେ । ୧୮

Digitized by srujanika@gmail.com

ବନମାଳୀ ଦଧିବଦନ୍ତ ରସ
ବଶ୍ରାନ୍ତିଲେ ଅଙ୍ଗେ ଚିହ୍ନିଲେ ବାସ
ବହୁତ ବନୋଇ କହିଲ ବାମା
ବହୁତ ଅପ୍ରାଧ କରି ମୋ କ୍ଷମା ଯେ
(ମୁଁ) ବହୁ ବୁଝାଉଣୀ ସିନା ଯେ
ବଡ଼ ମନ୍ଦ ମୋର   ଶାଶୁ ଯେ ନଣନ୍ଦ
ବାଦେ ଲାଗିଥାନ୍ତି ଦିନା ଯେ । ୨୯ ।

ଛାପ ଥିର କର କହେ ସୁମୁଖୀ
ସ୍ନେହରେ କୋଳେ ଧରି ପଦ୍ମଆକ୍ଷି
ଶ୍ୟାମ କରେ ଶ୍ୟାମ କବରୀ ସାଜ
ଶ୍ୟାମ କୁସୁମ ମାଳେ ତନୁ ରାଜ ଯେ
ସୀମନ୍ତେ ମୁକୁତା ଜାଲ ଯେ
ସରୁ ଅଳକା   ଆନ କରି ଛନ୍ଦଣି
ଭାଲେ ମୃଗମଦ ସାଜ ଯେ । ୩୦ ।

ସୁରଙ୍ଗ କସ୍ତୁ ପତ୍ରାବଳୀ ମାନ
ସୁଚିତ୍ର ବେଶ କଲେକ ଲେଖନ
ସରୁ ଚୁମ୍ବନ ଦେଇ ଚିବୁକରେ
ଶ୍ୟାମ ସୁନ୍ଦର ଚାପିଲେ ହୃଦରେ ଯେ
ସୁରଙ୍ଗ ଅଧର କଲା ଯେ
ଶ୍ୟାମସୁନ୍ଦର   ଚିବୁକେ କର ଦେଇ
ଛଡ଼ାଇଲେ ନନ୍ଦବାଳା ଯେ । ୩୧ ।

ଶରୀରେ ଦଶେ ଲକ୍ଷ ଘଡ ଚନ୍ଦ୍ର
ଶାମଳିଲେ ଅଙ୍ଗେ ଗୁଣ୍ଡୁ ଚନ୍ଦନ

Digitized by srujanika@gmail.com

ଶ୍ରବଣେ ଖଣ୍ଡିଲେ ତାଙ୍କ ବେନ
ଚିନ୍ତ୍ୟଫଳମାନ ହୃଦେ ମଣ୍ଡଣି ଯେ
ଶଶୀରେ ତୁ ଅର୍ଦ୍ଧଅଙ୍ଗୀ ଗୋ
ସରସ ଲୋଚନୀ   ଦଣ୍ଡେ ନ ଛାଡ଼ଇ
ଯୁଗେ ଯୁଗେ ପ୍ରାଣ ସଙ୍ଗୀ ଗୋ । ୩୨ ।

ହରିଣ ନୟନୀ ହରଷମନ
ହଂସ ଗମନୀ କହଇ ବଚନ
ହୋଇଥିବ ମୋ ଠାରେ ପରାଧିନୀ
ହୃଦେ ଜପୁଥିବ ତୋ ଗୁଣ ଗୁଣି ଯେ
(ତୁ) ହୋଇଥିବୁ ମୋତେ ସାହା ଯେ
ହୋଇଥିବ ତୋର   ଜନ୍ମେ ଜନ୍ମେ ଦାସୀ
ଅଙ୍କା ଦଅ ଚତୁର୍ବାହା ହେ । ୩୩ ।

କ୍ଷୀରୋଦଶ୍ରୀ ବାଣୀ ଶୁଣି ଗୋପାଳ
ଛଛନ୍ଦେ ରାଧା କୃଷ୍ଣ ଛଡ଼େ କୋଳ
କ୍ଷଣେ ନ ଛାଡ଼ଇ ତୁମ୍ଭ ପୀରତି
ଛାଇ ଯେସନେ ଥାଇ ବୃକ୍ଷର କାଢ଼ ଯେ
କ୍ଷେମେ ଯାଅ ନିଜପୁର ଯେ
ଛାର ଦାମୋଦର   ଅପରାଧ କ୍ଷମା
କର କରୁଣା ସାଗର ହେ । ୩୪ ।

Digitized by srujanika@gmail.com

ସାନ କନଡ଼ା ଚଉତିଶା

ଚନାଇ ଦାସଙ୍କ ସାନ କନଡ଼ା ଚଉତିଶା ଓ ବଡ଼ କନଡ଼ା ଚଉତିଶାର ସ୍ଥାନ ଉତ୍କଳର ଆଧ୍ୟାତ୍ମ ଗୀତମାନଙ୍କ ମଧ୍ୟରେ ଅତି ଉଚ୍ଚ । ଏପରିକି ସର୍ବଜନ ପରିଚିତ ମନବୋଧ ଚଉତିଶା (ଜୀବ ଉଦ୍ଧରଣ)ର ଉପାଦାନ ମଧ୍ୟ ଏହି ଦୁଇ ଚଉତିଶାରୁ ସଂଗୃହୀତ । ଗୋପୀଭାଷାକାରଙ୍କ ପରିଚୟ ଅନାବଶ୍ୟକ । ଯେଉଁମାନେ ଗୋପୀଭାଷା ବର୍ଣ୍ଣିତ କୃଷ୍ଣଲୀଳାରେ ତଥା କଥିତ ଅଶ୍ଳୀଳତାର ଗନ୍ଧ ପାଇଁ ନାସାକୁଞ୍ଚନ କରୁଅଛନ୍ତି ଓ ପ୍ରାଚୀ ସମିତି ଗୋପୀଭାଷାର ପ୍ରକାଶକ ବୋଲି ପ୍ରାଚୀ ସମିତିର ଔଚିତ୍ୟାଞ୍ଚନ ବିଷୟରେ ଧୃଷ୍ଟ ମତ ପ୍ରକାଶ କରୁଅଛନ୍ତି ସେମାନେ ସାନ କନଡ଼ା ଓ ବଡ଼ କନଡ଼ା ଚଉତିଶା ପଢନ୍ତୁ ଓ ଶେଷରେ ହାତ ଦେଇ କହନ୍ତୁ ଗୋପୀଭାଷାକାର କେଉଁ ଶ୍ରେଣୀର ଲେଖକ ଓ ଅଧିକାଂଶ ଉଦ୍ଧରଣ ନକଲ ଓ ସେମାନଙ୍କ ପ୍ରେରଣାଦାତା ଗୁରୁମାନେ କେଉଁ ଶ୍ରେଣୀର ଲେଖକ । କୃଷ୍ଣଲୀଳାରେ ଯାହାକୁ ଅଶ୍ଳୀଳତା କୁହାଯାଉଅଛି ତାହା ଯେ ଋଷିଜନ ଦୁର୍ଲଭ, ଦେବଜନଦୁର୍ଲଭ କାମ୍ୟବସ୍ତୁ ତାହାତ ଯେ ସେ ବୁଝିପିବା କଥା ନୁହେ । ତାହା ଯଦି ହୋଇଥାନ୍ତା ତେବେ ବର୍ବର କାହିଁକି ଗାଇଥାନ୍ତେ କୋଟି ଜନ୍ମରେ ଯା କାମନା ସଂସିଦ୍ଧି ଗୋବିନ୍ଦରସେ ସେ ରସଇ ।

କାହିଁକି ଜନମ ହୋଇଲୁ ଗୋସାଇଁ
କିଛିହିଁ କାର୍ଯ୍ୟ ତ ନୋହିଲା
କଷ୍ଟ ନରକରେ ଏକା ହୋଇଲା
କେତେଦିନ ଥିବ କୃଷ୍ଣ ନ ଭଜିଲୁ
କୁଟୁମ୍ବଜାଲ ତ ମୋହିଲା ।
ମନ ରେ ! । ୧ ।

ଖାଇବା ଖେଳିବା ହସିବା ଭୁଞ୍ଜିବା
ଏହି କଥାରେ ତ ରହିଲୁ
କ୍ଷଣେ ସାଧୁଗୋଷ୍ଠିରେ ନ ବସିଲୁ
ଖୋଜୁଥାଇ କେଣେ ଧନ ଅରଜିବ
କ୍ଷୁଦ୍ର ପାପରେ ନାଶ ଗଲୁ ।
ମନ ରେ ! । ୨ ।

Digitized by srujanika@gmail.com

ଗୂଢ ଅବୋଧ ଗହ୍ୱରରେ ରହିଛି
ଗ୍ରାହିଲିନି କାଳ ଝଙ୍କଟ
ଗଛ ରକ୍ଷା ଯିବାକୁ ନାହିଁ ବାଟ
ଗୋବିନ୍ଦ ନାମ ଗାୟନ ଦୂର କର
ଗଜ ମୂର୍ଖରୁ ହେଲି ଘାଟ ।
ମନ ରେ ! । ୩ ।

ଘୋଟିଛି ବିଷୟ— ବିଷ ଜାରନ୍ତ୍ରରେ
ଘାର ମୁଁ ହୋଇଲି ଅଚେତ
ଘାଏ ପଡି ହୋଇଲି ସ୍ତମ୍ଭୀଭୂତ
ଘଡିଏ ଜ୍ଞାନ ମୋ ଉଦୟେ ହୋଇଲା
ଘୋଷି ନ ପାରେ ମହାମନ୍ତ୍ର ।
ମନ ରେ ! । ୪ ।

ନ ଜାଣଇ ସୁଖ ଜାରନ୍ତ୍ରରେ ଦୁଃଖ
ନୟନ ଥାଉ ନ ଦେଖିଲି
ନଶି ଉମେର ପ୍ରାୟେ ଅନ୍ଧାହେଲି
ନଥିଁ ଅଛି କଛ ନ ଜାଳଇ ଦୀପ
ନଷ୍ଟୟେ ବୁଦ୍ଧି ମୋ ନାଶିଲା,
ମନ ରେ ! । ୫ ।

ଚିହ୍ନୁଁ ଛି ଚକ୍ଷୁରେ ବାଟ ନ ଦିଶଇ
ଚରଣ କଣ୍ଟାରେ ପାଡିଲି
ଚତୁପିଭୁଲି ପ୍ରାୟେକ ହୋଇଲି
ଚକ୍ରଧର ନାମ ଚିତ୍ତରେ ନ ଧରୁ

Digitized by srujanika@gmail.com

ଭୁଚ୍ଛା କଥାରେ ତ ଭୁଲିଲି ।
ମନ ରେ ! । ୬ ।

ଛଳ ବୁଦ୍ଧି ମୋ କେବେହେଁ ନୋହିଲା
ଛୋଭ ପାଇଣ ମରୁଥାଇ
ଛର କଥା ନରନ୍ତରେ ଭଜଇ
ଛାର ଦେହ ମୋର ବ୍ୟର୍ଥ ହୋଇଲା
ଛମାନଧିଙ୍କି ନ ଭଜଇ ।
ମନ ରେ ! । ୭ ।

ଜୀବ ବୋଲି ନାମ ଅଗନ୍ତୁ ବହିଛୁ
ଯିବା ତ ନିକଟ ହୋଇଲା
ଯୋଗେ ଏତେ ଦିନ ଯାଏ ରହିଲା
ଜାଣଇ ନାହିଁ ଜାଣୁ ଜାଣୁ ଭ୍ରମୁଛୁ
ଯତନେ ମନ ନ ଦେଲି ।
ମନ ରେ ! । ୮ ।

ଝଗଡ଼େ ପଡ଼ି ଝେଞ୍ଜର ହୋଇ ଅଛୁ
ଝାଡ଼ ଗହନେ ଅଛୁ ପଶି
ଝୁରୁଥାଇ ମୁଁ ସାହ ଦବା ନିଶି
ଝଙ୍କାର ଖାଇବେ ବୋଲି ସବୁ ଜନ
ସନଧେ ମିଳଛନ୍ତି ଆସି ।
ମନ ରେ ! । ୯ ।

ନିର୍ଦ୍ଦୟା ହୃଦୟେ ନାହିଁ ମୋ ସଦୟେ
ନିରନ୍ତରେ ପାପ ଆଚର
ନଠ ଘଠ କଥାରେ ସଞ୍ଚର

Digitized by srujanika@gmail.com

ଜର୍ବ୍ବି ଏଡ଼େ ନ ଭାବକ ଦନ୍ତକି
ନିର୍ବାଣ ମୁକ୍ତି କଲ ଦୂର ।
ମନ ରେ ! । ୧୦ ।

ଝାଣ ପଣ ବୁଦ୍ଧି କେବେହେଁ ନୋହିଲ
ଞକାଏ ଭାବ ନ ଜାଣିଲ
ଟାହ୍ନ ବଚନକୁ ଯୋଗ୍ୟ ହୋଇଲ

ଟକର ଥାଉ ଟୋପରେ ପଡ଼ୁଅଛୁ
ଠେକି ତ କୃଷ୍ଣ ନ ବୋଇଲ ।
ମନରେ ! । ୧୧ ।

ଠାବ ଭଲ ପାଇ କୁସଙ୍ଗେ ବଢ଼ିଲ
ଠାଠିକି କଥା ନ ଜାଣିଲ
ଠଣ ଗଜ ଛାଡ଼ି ଗଧ ଘେନିଲ

ଠାକୁର କଥାକୁ ଅଣଶ୍ରଦ୍ଧା କଲ
ଠକ ଭଣ୍ଡେଣ ନାଶ ଗଲ ।
ମନ ରେ ! । ୧୨ ।

ଡରୁନାହୁଁ ଡାକି ପାତକ କରୁଛ
ଡେଙ୍ଗି ଅଛୁ ସବୁ ଦାଣ୍ଡରେ
ଢେଉଁ ପଡ଼ୁଛୁ ଅଗାଧ ଗଣ୍ଡରେ

ଢଗର ହୋଇ ଖର ଢୋଟେ କହିବେ
ମରୁ ଯିବୁ ଯମଦଣ୍ଡରେ ।
ମନ ରେ ! । ୧୩ ।

Digitized by srujanika@gmail.com

ଢାଲେହେଁ ମନୁଷ   ମାନଙ୍କ ଉଦରେ
ହୋଇଲୁ ଅପାରୁ ଅପାର
ଢାଲେ ଲେଖାରୁ ହୋଇଲୁ ବାହାର
ଢଗ ଢମାଳର   କଥା ସରିଗଲା
ଢାଙ୍କିଲା ଅଜ୍ଞାନ ଅନ୍ଧାର
ମନ ରେ ! । ୧୪ ।

ଅଣହେଲା କଲ   ଅମୃତରସକୁ
ଅଣି ଭକ୍ଷୁଛୁ ବିଷଫଳ
ଅଣସ୍ପର୍ଶକୁ ଲାଗିଗଲା ବେଳ
ଅଣିମାଦି ଅଷ୍ଟ —   ଧୈର୍ଯ୍ୟ ଦୂର କରି
ଅଗୋଷ୍ଠି ଲୋକ ସଙ୍ଗେ ମେଳ ।
ମନ ରେ ! । ୧୫ ।

ତାପ ତ ମନରୁ   ଦଣ୍ଡେହେଁ ନ ଗଲା
ତୃପତି ତ ମନ ନୋହିଲା
ତଳ କୁସୁମ ପ୍ରାୟେକ ହୋଇଲା
ତର ତର ହେଣେ   ଲୋଡ଼ା ପଡ଼ିବନି
ତୂଳ ହୋଇ ଏଣେ ରହିଲା ।
ମନ ରେ ! । ୧୬ ।

ଥିବ କେତେଦିନ   ଥପ୍ନ ନ ପାଇଲୁ
ଥୋଷ ଲାଗି ଦୁଖ ପାଉଛୁ
ଥୋଇଲା ଧନ ଥପ୍ପେ   କରି ନ ପାରୁ
ଏବେ ହନ୍ତ ସନ୍ତ ହୋଉଛୁ
ମନ ରେ ! । ୧୭ ।

Digitized by srujanika@gmail.com

ଦୀନ ଦୁଖୀଜନ ଦୟାବନ୍ତ ହୀନ
ଦାରୁଣ ହୃଦୟ ମୋହର
ଦଣ୍ଡେ ନ ଭଜିଲି ମୁଁ ଦାମୋଦର
ଦେବତା ବ୍ରାହ୍ମଣେ ସେବା ତ ନ କଲି
ଦନା ଛରକୁ କାହିଁ ଗାର
ମନ ରେ ! ।୧୮।

ଧନ ସ୍ତ୍ରୀ ଲାଗି ଧଂଦି ହୋଉଅଛୁ
ଧର୍ମ ଆଚରଣ ନ କଲି
ଧିକ ଜୀବନକୁ ଯୋଗ୍ୟ ନୋହିଲି
ଧରି ନ ପାରିଲି ମହାପ୍ରଭୁ ନାମ
ଜୀବନ ଥାଉ ଥାଉ ମଲି ।
ମନ ରେ ! ।୧୯।

ନିଶି ଦିବସେ ତ ସଙ୍କଟ ଲାଗିଲା
ଅଗ୍ୟାନ ମତ୍ତ ହେଲି ଭୋଳ
ନ ଦେଖିଲି ମୁ ଯେ ଦିବ୍ୟ ତଣ୍ଡୁଳ
ନବୃଷ୍ଟ ଏତେ ନ ଭଜଇ ହରିଙ୍କି
ନାମ ଧରିବା କଷ୍ଟ ହେଲେ
ମନ ରେ ! ।୨୦।

ପତଙ୍ଗ ଯେସନେ ଅଗ୍ୟାନ ହୀନ ଜନ୍ତୁ
ପଡ଼ନ୍ତି ଜଳନ୍ତା ଅନଳେ
ପଡ଼ୁଅଛୁ ତେଣିଁ ଦେଖନ୍ତୁ ଡୋଳେ

Digitized by srujanika@gmail.com

ପିଅଇ ନାହିଁ   ପାଖେ ଅଛୁ ପୀୟୂଷ
ପଙ୍କ ପାଣିକି ମନ ବଳେ ।
ମନ ରେ ! । ୨୧ ।

ଫୁଟୁଛୁ ଶିମୁଳୀ   ସୁରଙ୍ଗ ଦିଶୁଛୁ
ଯାଇ ଅଶକଟି ରହିଲୁ
ଫଳ ଖାଇବି ହୃଦରେ ଧଇଲୁ
ଫୁଟି ଉଡ଼ିଗଲେ   ସେ ଯେବେ ନଷ୍ଟିଲ
ସେହିମତ ପ୍ରାପ୍ତେ ହୋଇଲୁ ।
ମନ ରେ !। ୨୨ ।

ବୁଝି ଥାଉ ଥାଉ   ନବୁଝି ହୋଇଲୁ
ଭୁଞ୍ଜୁ ଅମୃତ କରୁ ବିଷ
ବାଇପ୍ରାପ୍ତେ କଣଇ ଯିସ ଭସ
ବିକଳେ ବୋଲୁ ନ   ପାରିଲୁ ଗୋବିନ୍ଦ
ବୁଝି ବିବେକ ଟଳୁ ନାହିଁ
ମନରେ ! । ୨୩ ।

ଭସିଯାଉଅଛୁ   ଅଗାଧ ଜଳରେ
ଭଜୁ ନ କଉ ମୁଁ ଶୋଚନା
ଭଲେ ନ ଭଜିଲୁ ପଦ୍ମଲୋଚନା
ଭଲ ଭଲ ଲୋକେ   ଭଲ ନ ବୋଇଲେ
ଭ୍ରାନ୍ତିରେ ପଡ଼ି ମଲୁ ଦିନା
ମନ ରେ ! । ୨୪ ।

Digitized by srujanika@gmail.com

ମରିବ ବୋଲି ମୋ ମନେ ଗ୍ୟାନେ ନାହିଁ
ତୃଷ୍ଣା ନ ଛାଡ଼ିଲା ମଞ୍ଜାର
ମୁଁ ତ ବହିଲି ମୋହ ଆଶ୍ରେ କରି
ମହାପ୍ରଭୁ ନାମ ଅଣଶୁଣିବା କଲି
ମନ ଅଭାଗୀ ଦୁରାତ୍ମା
ମନରେ ! । ୨୫ ।

ଜଳନ୍ତା ଅଗ୍ନିରେ ଡେଇଁ ପଡ଼ୁ ଅଛୁ
ଜାଣିଛିଁ ନାହିଁ ମୁଁ ମରିବ
ଯୋଗେ ଜୀଇଥିଲେ ଧର କରିବ
ଜାଣିଲି ଜଗନ୍ନାଥ ମୋତେ ଛାଡ଼ିଲେ
ଆଉ କାହିଁ ମୁହିଁ ଧରିବ
ମନ ରେ ! । ୨୬ ।

ରାଜ ଦରବାରେ ରମଣୀଚପରେ
ରହି ତ ବ୍ୟର୍ଥ ହୋଇଲି
ରାମ କୃଷ୍ଣ ନ ଭୁଣ୍ଡେ ନ ବୋଇଲି
ରାଜାପଣ ଛାଡ଼ି ଅଜା-ରଖିଥିଲି
ରଙ୍କପଣ ସୁଖ ମଣିଲି ।
ମନ ରେ ! ।୨୭ ।

ଲକ୍ଷ୍ମୀକେଳ ସରସଭାଥି ପକାଇ
ଲଥି ଖାଇବାରେ ରହିଲି
ଲଧ୍ୟ ସାଙ୍ଗେ ପଡ ସାଧୁ ଲେଖିଲି
ଲାବଣ୍ୟନିଧି ଦୂର କରି ପକାଇ

Digitized by srujanika@gmail.com

ଜିହ୍ୱା କଣିମାରେ ପଶିଲୁ ।
ମନରେ ! । ୨୮ ।

ବାଲି ଘଷେ ଘଷି ଧାନ ଚୂଣୁଅଛୁ
ବନ୍ଧୁତ କରୁଅଛୁ ଆଶ
ବାଡ଼ ବେଢ଼ାଇ ଅଛୁ ଚଉପାଶ
ବାଟୁଅଲୋକ ସଙ୍ଗ ବଡ ପୀରତ
ବୁଦ୍ଧି ବିବେକ ଗନ୍ଧ ନାହିଁ ।
ମନରେ ! । ୨୯ ।

ଶମ୍ଭୁ ଛାଡ଼ି ଶିଳ— ପୂଜାକୁ ପଜୁଛୁ
ମିଛକୁ ମଣୁଅଛୁ ସତ
ସତ ଦିଶୁଅଛୁ ମିଛ ପ୍ରତକ୍ଷ
ସାଧୁ ସଙ୍ଗେ ସଙ୍ଗ ହୋଇ ନ ପାରିଲୁ
ଅଦକ୍ଷ ଲୋକ ସଙ୍ଗେ ଦକ୍ଷ
ମନ ରେ ! । ୩୦ ।

ଘର ପକାଇ ସୋଲ ଶାଗ ଖାଉଛୁ
ସୁଧା ତେଜି ସୁରା ଅପାନ
ସାଧୁ ସଙ୍ଗେ ନ ରହିଲୁ ମୋ ମନ
ସୁବର୍ଣ୍ଣନିଧି ମୋ ସନ୍ନିଧରେ ଅଛି
ଶାମୁକ ମଣେ ଦିବ୍ୟ ଧନ ।
ମନ ରେ ! । ୩୧ ।

ସପନ ନିଧି— ସତ ପ୍ରାପ୍ୟେ ମଣିଲୁ
ସିଦ୍ଧ ଛାଡ଼ି ଶାନ ପୋଷିଲୁ

Digitized by srujanika@gmail.com

ଶୂନ୍ୟନଳ ପ୍ରାପ୍ତେ ବୋଲ ହୋଇଲ

ଷଠ ମୁକୁଳ ପଦ୍ମକୁ ଦୂର କର

ସାଦ୍ୱାଡା ଫଳକୁ ରସିଲ ।

ମନ ରେ ! । ୩୨ ।

ହୃଦୟ ଘଟରେ ଥୋଇଲି ଧନ ମୁଁ

ହଜାଇ ହେଉଅଛୁ ବଣା

ହେତୁ ନ ପାଇ ଅଦକ୍ଷରେ ଗଣା

ହୋଇଲି ହନୁ ସନୁକୁ ଯୋଗ୍ୟ ମୁହିଁ

ହରି ଭକ୍ତିକି ଯହିଁ ଉଣା ।

ମନରେ ! । ୩୩ ।

କ୍ଷନ୍ଦଣ ହିଗୁଣ ରକ୍ତ ବାଢ଼ି ଅଛୁ

ଛୁଟାଇଁ ନ କଲ ଉପାୟେ

ଖଣ୍ଡ ବାନ୍ଧିଲ ପାଦୁ ଶିର ଯାଏ

କ୍ଷର ହୀନ ହନା ଲେଖାରୁ ବାହାର

ପାଦ ପଦ୍ମରେ ଥାଉ ଲୟେ ।

ମନ ରେ ! । ୩୪ ।

କଲି ଗମନ ଚଉତିଶା

କଲି ଗମନ ଚଉତିଶାର ନାମକରଣରେ ମଧ୍ୟ ବୈଶିଷ୍ଟ୍ୟ । ବୋଧହୁଏ ଏହାର ଅନ୍ୟ କିଛି ନାମ ଥିଲା, କାଳକ୍ରମେ ମୁଦ୍ରିତ ହେଉ ହେଉ ଏହା ପରିଚିତ ହୋଇ ମୌଳିକ ନାମ ହରାଇଲା । ପ୍ରାଣବନ୍ତ ଓ ନିଜସ୍ୱ ପ୍ରେମ କବିତାରୁ ଏହା ଅନ୍ୟତମ ଓ ପ୍ରେମାବେଗର ସରସ ଅଭିବ୍ୟକ୍ତିରେ କବି କାହାର ପଶ୍ଚାତ୍ପଦ ନୁହନ୍ତି । ଭାଷା ଓ ଭଙ୍ଗୀମୂଳକ ପ୍ରମାଣରୁ ଜଣାଯାଏ ଚଉତିଶା ଏଟି ପୁରାତନ ।

ରାଗ—କାଳୀ

କଲିଗମନ ଯେ ଦିନ ପ୍ରିୟେ କଲଇ ତୋର ଅଙ୍ଗେ
କ୍ଷୁଦ୍ରମଥନ୍ ଧରି ମଦନ ଥିଲନ୍ତି ମୋର ଅଙ୍ଗେ
କି ଗୁଣେ ସଖି ହେଠ ବଦନ ଶୋଇଛୁ ଭୂମି ଲେଖି
କାମଦେବଙ୍କୁ ଛାଡ଼ି ମୋ ରସ୍ୟେ ତୋ ଭୁରୁଭଙ୍ଗୀ ଦେଖି ।୧।

ଖେଦ ସମୁଦ୍ରେ ବୁଡ଼ିଲି ପ୍ରିୟେ ମୋ ସନ୍ଧାନ ନାହିଁ
ଖର ନିଶ୍ୱାସ ଛାଡ଼ିକେ ଛାଡ଼ୁଛୁ କପାଳେ କର ଦେଇ ।
ଖସି ପଡ଼ୁଛି କାନ୍ଧୁ କବରୀ କୁସୁମ କେଶ ଶୋଭା
ଖାଇବ ବୋଲି ଗ୍ରାସିଛି ରାହୁ ବଦନଇନ୍ଦୁ ଲୋଭା ।୨।

ଗଳାର ହାର କାଢ଼ିଣ ପ୍ରିୟେ ନଥଡ଼ିଅଛୁ ଭୂଇଁ
ଗନ୍ଧବ କଜ୍ଜଳ ପଣନ୍ତ ପାଇ କି ଗୁଣେ ଅଛୁ ଶୋଇ ।
ଗରବ କରୁଥିଲି କାମକୁ ତୋତେ ଦେଖିବା ଯାଏ
ଗୋଡ଼ାଇ ଧନୁରେ ଗୁଣ ଦେଲା ତକେ ମଦନ ରାୟେ ।୩।

ଘାଣ୍ଟି ହେଉଛି ଶରୀର ମୋର କି ରତି ଶରଘାତେ
ଘୋଡ଼ାଇ ମୁଖ ଶୋଇ ଯେ ଅଛୁ କଥା ନ କହୁ ମୋତେ ।

Digitized by srujanika@gmail.com

ଘାଉ ହରଣୀ ପ୍ରାଣେକ ପ୍ରିୟେ ମନେ କରୁଛୁ ଚନ୍ତା
ଘଷ୍ଟ ଅଞ୍ଚଳେ ହୁଡ ଯୁଗଳେ ଲଗାଇ ପ୍ରାଣ କାନ୍ତା । ୪ ।

ଙବ ଯୁବତୀ ହୋଇଣ ପ୍ରିୟେ ଯେତେକ ଛନ୍ଦ ମୋର
ଙ ରହେ ଚଉ କାହାର ତହିଁ ମୁଖ ନ ଦେଖି ତୋର
ଙ ଯିବ ଆଉ ବେଳେ କାହିଁକି ନୋହିବ ପରବାସୀ
ଙ୍ଯୂନ ହେବ ନ କହୁ କେବେ କାହାକୁ ଅଛୁ ରୁଷି । ୫ ।

ଚନ୍ଦ୍ର ଅଧିକ ବଦନ ତୋର ବୋଲୁ ଯେ ଥାଇ ମୁହିଁ ।
ଚନ୍ଦର କଥା ମନରେ ବ୍ୟଥା ରଜନୀ ଦୁଖ ଦେଇ
ଚନ୍ଦନ ପଙ୍କ ଲାଗନ୍ତେ ପ୍ରିୟେ ଚମ୍ପକ ଉଠେ ହୁଅ
ଚୁହିଁ ଚୁହିଁଣ ଏଡ଼େ ନିର୍ଦ୍ଦୟା ହୋଇଲୁ ପ୍ରାଣପ୍ରିୟା । ୬ ।

ଛାଡିଣ ପ୍ରିୟେ ଯାଉଁ ଦିନୁ ତୋ କଲଇଁ ପରବାସ
ଛଳନେ ଦିନ ନେଉ ଯେ ଥାଇ ବଳାଇ ତୋତେ ଆଶ ।
ଛାଡ଼ି କରନ୍ତ ଏଡ଼େ ଯେତେନିହ ଛାଡିବୁ ବୋଲି ଏତେ
ଛଳେ କାମ ମୋତେ ମାରଇ ମାରଇ ନାହିଁ ତୋତେ ।୭।

ଯେ ଦିନୁ ପ୍ରିୟେ ଉପେକ୍ଷି ତୋତେ ଗମନ କଲି ଏକା
ଯେତେଣେ ଚାହିଁଲେ ତେତେଣେ ମଦନ ଦିଅଇ ମୋତେ ଦେଖା
ଜଗଦୟାକ ଦଶନ୍ତ ମୋତେ ସବୁଦେ ଯୁବାନାରୀ
ଜୀବନ କିପା ରହିଣ ଅଛି ତୋ ଗୁଣ ଅନୁସରି । ୮ ।

ଝରୁଛି କଣ୍ଠ ସ୍ୱରୁଛି ମୋର ବିରହ ଜର ଘାଏ
ଝରୁଛି କଣ୍ଠ କପୋଳୁଁ ଝାଳ ନ ଦେଖି ସଖି ! ତୋଏ
ଝାଡ଼ି କଟାଣ ରଖ ଗୋ ପ୍ରିୟେ । ସୁରତ ଦାନ ଦେଇ
ଝିଟିଣ୍ଟେ ଅଉ ଗଲେ ରେ ପ୍ରିୟେ ମୋତେ ପାଇବୁ କାହିଁ ।୯।

Digitized by srujanika@gmail.com

ଞଦ୍ଦୟା କର କହୁଛନ୍ତି ପ୍ରିୟେ ଶୁଣ ତୁ ମୋର ବାଣୀ
ଞସ୍ତପ୍ତ କର ରମଣୀ ଭୁଲେ ନାହିଁ ଟ ହେଠ ପୁଣି
ଞଷ୍ଟ ର ଚତ୍ର ଧରଣ ପ୍ରିୟେ ଶୋଇଛ ପେଟିଥିଇ
ଞର୍ଷିକ ଚତ୍ର ନ ରହେ କାହିଁ ତୋତେ ଦେଖିବା ପାଇଁ ॥

ଟେକଣ ମନ ଅଛଇ ମୁହିଁ ତୋତେ ଦେଖିବା ପାଇଁ
ଟାଣକ ପଣ କରନ୍ତୁ ପ୍ରିୟେ ଏଡ଼ନ୍ତୁ ଜପ ପାଇଁ
ଟଙ୍କାର କରଥିଲୁ କାମକୁ ତୋହର ମୁଖ ଦେଖି
ଟାଣେ ବାନ୍ଧୁଛି ମଦନ ରାୟେ ପାରୁ କ ବାରେ ରଖି । ୧୧ ।

ଠା ଠିକ କର କହୁଛନ୍ତି ପ୍ରିୟେ ମନେ ନ ଧର ରୋଷ
ଠିକ ସ୍ୱରୂପ କହୁଛନ୍ତି ପ୍ରିୟେ ମନେ ନାହିଁ ମୋ ଦୋଷ
ଠଗ୍ ଠଗ ନୃତ୍ୟ ଗୋ ସଖି ସଖୀଙ୍କ ମୁଖ ଚାହିଁ
ଠିକ ସଜନୀ ବୋଲିବେ ନିଜ ବଲ୍ଲଭ ତେଜ ନାହିଁ । ୧୨ ।

ଡମ୍ବରୁ ମଣ୍ଡା ଧରଣ ପ୍ରିୟେ ହୋଇଲୁ ହର ପ୍ରାୟେ
ଡରେ ପଳାଇ କୁସୁମ ଧନୁ ଧର ମଦନ ରାୟେ ।
ଡୋଳାର ପଙ୍କ ଲାଗୁ ଗୋ ପ୍ରିୟେ କହ ମୋ ମୁଖ ଚାହିଁ
ଡାଳିମ୍ବ ମଞ୍ଜି ଦଶନ ଯେନ ହୃଦୟ କାଟ ସହି । ୧୩ ।

ଢକା ବଜାଇ କହୁଛନ୍ତି ପ୍ରିୟେ ତୁ ବଡ଼ ଅନୁରାଗୀ
ଢୋଲ ଝମକ ଦଅଇ କାମ ତୁ ବଡ଼ ଅନୁରାଗୀ ।
ଢଳ ଢଳ ନୟନ ଖର ଅରୁଣ ଚକ୍ଷୁ ଡୋଳା
ଢାଳେ ହେଁ ସଖି ! ମରିବି ଆଜ ନ କର ଅଣହେଳା ।୧୪।

ଅଣଖ ଅଡ଼େ ହୋଇଣ ପ୍ରିୟେ ଏବେ କହୁଛନ୍ତି ଯୋଡ଼ି
ଅଣ ଅପ୍ରାୟେ ବାନ୍ଧୁଛି କାମ ଧନୁରେ ଶର ଯୋଡ଼ି

Digitized by srujanika@gmail.com

ଅଣଅପ୍ରାଧୀ ଅଟଇ ପ୍ରିୟେ ଦୋଷ ମୋ କର କ୍ଷମା
ଅଣ ଉତ୍ତର ବଚନେ ନ ଦେଉ ତରୁଣୀ ରାଜଯେମା ।୧୫।

ତରୁଣୀ କୁଳ ରତନ ପ୍ରିୟେ ଅଟୁ ତୁ ଗୁଣନିଧି
ତରବ ବୋଲି କାମ ସାଗରୁ ତରୁଣ ତୋର ବୁଦ୍ଧି ।
ତୋହର ଭୂଜ ହୋଇବା ଦେଖି ଫୁଟୁଛି ମୋର ହିଆ
ତ୍ରାସ ଧଟଇ ମଦନ ରିପୁ ହୋଇଛି ଦ୍ୱାରେ ଠିଆ । ୧୬ ।

ଥଳ ନ ପାଇ ମଦନ ଜଳେ ଯାଉଛି ମୁହିଁ ଭସି,
ଥଇର ପଣ କର ଗୋ ସଖି ଭୁଜ ମୋ ଧର ଆସି
ଥିର ଗରବ ତୋ ଉଚ ହେଲା କରଣ କର ପାର
ଥିବ ଯାବତ ଶରୀରେ ଜୀବ ଖଣ୍ଡଣ ଥିବ ତୋର । ୧୭ ।

ଦରଦ୍ରନିଧି ପାଇବା ପ୍ରାୟେ ହୋଇଛି ମନ ମୋର
ଦେଖିଲି ଯେତେବେଳେ ଗୋ ସଖି ! ଚନ୍ଦ୍ରବଦନ ତୋର ।
ଦର୍ଶନ କଲି ବେଳେ ଗୋ ସଖି ମନ ମୋ କାହିଁ ଭ୍ରାନ୍ତ
ଦୁଖ ପାଇଲି ଚାତକ ପକ୍ଷୀ ମନେ ନୋହିଲି ଶାନ୍ତ

ଧୂଳି ଧୂସର ହୋଇଣ ପ୍ରିୟେ ଅବନୀ ଅଙ୍କୁ ଶୋଇ
ଧୀରାମଣି ରେ ! ଫାଟଇ ହିଆ ତୋ ନାରଖାର ଚାହିଁ
ଧରଣୀ ଭିତ୍ତି ତରୁଣୀ ଯେତେ ନୋହନ୍ତି ତୋତେ ସର
ଧରଣ ଦାନ୍ତେ ତରଣ ପ୍ରାୟେ ବିନତି ଯେବେଁ ମୋର ।୧୮।

ନୁଆ ବୟସି ! କୁଟିଳ କେଶି ! ପଞ୍ଚପ୍ରାଣ ତୁ ମୋର
ନଚିଁ ଉର୍ମାଙ୍ଗି ! ନୋହିଲେ ସାହା ଯିବ ଗରବ ସର
ନଇନ ହାତେ ମଠବ ଧନ ଦେଖି ମରଣ ମୋର
ନବଳାଭାଙ୍ଗି ! ଜୀଇବୁ ଯେବେ ହୃଦ ପଥର କର ।

Digitized by srujanika@gmail.com

ପୁଚ୍ଛ ତୁ ସଖି ! ଧରାରେ ଯେତେ ତରୁଣୀ ଛନ୍ତି ରହି
ପ୍ରାଣବଲ୍ଲଭ ଉପରେ ଏତେ ନ ଥାନ୍ତି ରୋଷ ବହି
ପ୍ରତିଜ୍ଞା କରିଥିଲି କାମକୁ ତୋହର ମୁଖ ଦେଖି
ପାଇବ ବାରେ ଚନ୍ଦ୍ରମା ମୁଖ ଜୀବନ ହୋଇ ସୁଖୀ ।୨୧।

ଫେଡ଼ଣ କଥା ନ କହୁ ତୁ କେ ମନେ କରିଛୁ ଅଣି
ଫେଡ଼ଣ ହୃଦ ଭିତରେ କାମ ପ୍ରାଣ ନେଲାଣି ହାଣି
ଫୁଟୁଣା ଥିଲା ସବୁ ସରିଲା ତୋହର ମାନ ହେତୁ
ଫାନ୍ଦେ ପକାଇ ଅବସ୍ଥା ମୋରେ ଦେଖଇ ମୀନକେତୁ । ୨୨ ।

ବରଷା ଋତୁ ଅସନ୍ତେ ସଖି ! ପରବାସରୁ ଆସି
ବଲ୍ଲଭ ଆସି ଗୃହେ କହନ୍ତେ ନ ଥାନ୍ତି ଏତେ ରୁଷି
ବୋଲୁ ଯେ ଥାଉ ମୋ ମୁଖ ଗୃହେଁ ତୋ ଛନ୍ଦେ ଆନ ନାହିଁ
ବୁଝିଲି ଏବେ ଯେତକ ପ୍ରିୟେ କାହାର ନୋହେ କେହି ॥

ଭୃତ୍ୟର ଭୃତ୍ୟ କରଣ ପ୍ରିୟେ ଦେଖିଣ ଥାଉ ତୁହି
ଭରସା କରିଥିଲି କାମକୁ ଡରିବ ଆଉ ନାହିଁ
ଭରମଅଙ୍ଗି ! ଅବନୀଶୋଭି ଭାଙ୍ଗିଲୁ ଭୃତ୍ୟ ଆଶ
ଭରସା ଗଲା ମୀନକେତନ ଦେଲା ରେ କେତେ ତ୍ରାସ ।

ମଦନ ଦେବ ଶରରେ ଧନ ମନ ମନ୍ଥଇ ମୋର
ମାଇଲେ 'ମୋତେ ମାନିନୀଈଶ ! କି ପଡ଼ିରୋଷ ତୋର
ମନୋଜ ଗୁଣ କି ଅଚମ୍ଭିତ ଦେଖିଲି ଏବେ ମୁହିଁ
ମୋହର ମନ ଜାଡ଼ ହୋଇଛି ମୋତେ ମାରିବା ପାଇଁ ॥

ଯୁବାବୟସ ବାଳୁଁ ଗୋ ପ୍ରିୟେ ! ଦାସ କରିଛୁ ତୋର
ଜନ୍ମ ନନ୍ଦକୁଞ୍ଜର ବରଣା ସଙ୍କେତଙ୍କୀ ଗୋର !

Digitized by srujanika@gmail.com

ଜାଣେ ନ ଜାଣି ବିଦେଶେ ସଖି ! ରହିଲି ଦିନାକେତେ
ଜୀବ ଯାବତ ଶରୀରେ ଥିବ ଛାଡ଼ିବି ନାହିଁ ତୋତେ ।୨୬।

ରମଣୀକୁଳ ରତନ ପ୍ରିୟେ ! ଅଟୁ ତୁ ଗୁଣଗ୍ରାହୀ
ରାତି ଦିବସ ଗୁଣି ଅଛିଲି ତୋତେ ଦେଖିବା ପାଇଁ
ରୋଷ କରଣ କି ମନ ଏତେ ହେଉଛୁ କାହିଁପାଇଁ
ରହିଣ କଁପା ଶରୀର ଅଛି ବକ୍ର ଆକାର ହୋଇ । ୨୭ ।

ଲୁଚାଇ ମୁଖ ଶୋଇଣ ଅଛୁ କଥା ନ କହୁ ମୋତେ
ଲୋଡ଼ୁ ଯେ ଥାଉ ନ ଥିଲା ବେଳେ ମିଛକୁ ମିଛ ଯେତେ
ଲେଖ କରି ତା ବନ୍ଧୁଛି କାମ ଆକୁଳ ହୋଇ ଦେଖି
ଲାବଣ୍ୟମୁଖୁ ରଖ ରେ ସଖି ! ଅମୃତ ରସ ଦେଇ । ୨୮ ।

ବୟସ ନାରୀ ଏଡ଼େ ଚତୁରୀ ବୁଝିଲି ନାହିଁ ମୋର
ବଞ୍ଚିତ ଅପି ଗୃହେ କନ୍ଦର୍ପେ ବହୁତ ରୋଷ କରି
ବୁଡ଼ିଲି ଆଜ କାମସାଗରେ ଉଦ୍ଧରି ଧର ସହି !
ବଡ଼ ନିଷ୍ଠୁର ହୋଇଣ କାମ ଧନୁରେ ଗୁଣ ଦେଇ

ଶିରୀଷ ଫୁଲ ଶରୀର ତୋର ଅଟୁ ତୁ ସୁକୁମାରୀ
ଶରୀର ଏଡ଼େ ନିଷ୍ଠୁର କରି ଧରିବ ନାହିଁ ନାରୀ
ଶିରେ କୁସୁମ ଖୋଷିଣ ପ୍ରିୟେ ବୋଲୁ ଯେ ଥାଉ ମୋତେ
ଶିବ ପାଷାଣୁ ଅଧିକ କରି ଧଇଲୁ ଆଜି ଚିତ୍ତେ । ୩୦ ।

ଶୋଇଲାଠାରୁ ଉଠି ଗୋ ପ୍ରିୟେ ଦିଅ ତୁ ମୋତେ ଗାଳି
ଶିରରେ ଦେଇ ଯାଅ ଗୋ ପ୍ରିୟେ ଅମୃତ ରସ ଢାଳି ।
ଷବୁ ତରୁଣୀ ମିଳିଣ ପଛେ କରନ୍ତୁ ଉପହାସ
ସତେହେଁ ତୁଚ୍ଛ ଜନଙ୍କୁ ପ୍ରିୟେ ଲାଗୁ ସକଳ ଦୋଷ ॥

Digitized by srujanika@gmail.com

ଶୟନେ ଶଙ୍କି ଧରଣୀ ନୃପ ମସ୍ତ୍ରାଣ ଅଛୁ ବେଢ଼ି
ଶଳ-ବେଦେହୀ-ଚୋର ! ମୁଁ ଆଜ୍ଞା କାହିଁ ନ ପାଏ ଛାଡ଼ି
ସାହସ କରି ରହିଛୁ କଟକେ ମନରେ ଶୋଷ ବହି
ବନ୍ଧୁ ବାଣ ମଦନଶ୍ରୟେ ବାରେ ତୁ କର ଶାହି । ୩୨ ।
ହୃଦୟେ ଧାର କରିଣ ପ୍ରିୟେ ଢାଳିଣ ଲୁହେ ଭରି
ହରବଳ୍ଲଭ ସନ୍ତାପ କଲା ହେଲେହେଁ କର ପାରି ।
ହୋଇଲିଁ ତୋର ଭୃତ୍ୟର ଭୃତ୍ୟ ଦୋଷ ମୋ କର କ୍ଷମା
ହେଲେ ଉତ୍ତର କି କେତେ ଦେଉ ତରୁଣୀ ରାଜଜେମା । ୩୩ ।
କ୍ଷିତିନୃପତି ହୋଇ ତୋ ଦାସ ଅଟଇ ପ୍ରିୟେ ମୁହିଁ
କ୍ଷଣକେ ସୁଖ ଦେବା କଷ୍ଟ ଉତ୍କୁର କସ ପାଇଁ ।
କ୍ଷୁଦ୍ର-ମୋହନ ! ପାଷାଣେ ଗଢ଼ି ବାନ୍ଧ ଶିଖିଲୁ କାହୁଁ
କ୍ଷତେ କହେ ନୃସିଂହ ରାୟେ ବାଉନ ଜୀବ ଯାଉ । ୩୪ ।

କଟକ ପ୍ରାଚୀ ମୁଦ୍ରଣାଳୟରେ ଶ୍ରୀ ବକ୍ଷୁଦଚରଣ ପଟ୍ଟନାୟକ ବି. ଏ. ଙ୍କ ଦ୍ୱାରା ମୁଦ୍ରିତ

Digitized by srujanika@gmail.com

ଶୁଦ୍ଧିପତ୍ର

ଅଶୁଦ୍ଧ	ଶୁଦ୍ଧ	ପୃଷ୍ଠା	ପଂକ୍ତି—
ବଚଚନା	ବଚଚନା	୯	୨୦
କସ୍ମ	କୁସୁମ	୧୩	୨
ଝଁସକ	ଝଁଟକ	୨୯	୯
ଅପି	ଆପି	୩୭	୫
ମୋଦୋ	ମୋଦୋ	୨୭	୮
ଖଟ୍ଟାଙ୍ଗ	ଖଟ୍ବାଙ୍ଗ	୩୦	୭
ବୃକ୍ଷଲାଭ (?)	ବୃକ୍ଷଲା କଣ୍ଠରେ	୪୪	୯
ସଙ୍ଗୀତ ପଠନ	ସଙ୍ଗୀତ ପଠନୀ	୬୦	୨୧
ଭ୍ରଥା	ଭ୍ରଥା	୬୬	୫
ହେମ ସେତବନ୍ଧ	ହେମ ସେତୁବନ୍ଧ	୭୧	୬
ଲୋଗେଲଗାଇଲକେଲ	ଲଗେ ଲଗାଇଲ କଲ	୭'	୫
ଭଜ	ଓଜ	୭୬	୧୧
ସନ୍ଦେଶ	ସନ୍ଦେଶ୍ର	୭୭	୧୩
ଅଘ	ଧଘ	୮୦	୨୨
ନକର	ନ କର	୮୧	୧୯
କପଲେ	କପାଳେ	୮୬	୪
ଯାନ୍	ଜାନ୍	୮୭	୬
ମୁଖ	ସୁଖ	୮୬	୧୭
ଚନ୍ଦ୍ର	ଚନ୍ଦ୍ରଂ	୧୦୮	୭
ଫୋଡ଼	ଫେଡ଼	୧୦୯	୨୧

Digitized by srujanika@gmail.com

ଚଉତିଶା ଚନ୍ଦ୍ରିକା

ମନ୍ଦାକିନୀ ଚଉତିଶା

୧ । କୃପାଲୋଲଲୋଚନା—ଦୟାରେ ଚଞ୍ଚଳ ବା ସତୃଷ୍ଣ ଚକ୍ଷୁ ଯାହାର । କଳକଣ୍ଠ—ପିକ । କନକପ୍ରଭମ ବରନା—ସୁନା-ଗୋରୀ । କନକକମଳ—ସୁନାପଦ୍ମ । କରୀକ୍ରୀଡ଼ାଗମନୀ—ଗଜଲୀଳାଗମନୀ । ୨ । ଉପଗତ—ଦଶା ବା ଭାବ । ଖଣ୍ଡେନ୍ଦୁଶେଖର—ମହାଦେବ । ଜୀବିତ—ପ୍ରାଣ । ତରଳ—ଚଞ୍ଚଳ । ଅପାଙ୍ଗ—ଆଖିର କୋଣ । ୩ । ଗାଢ଼—ଗମ୍ଭୀର । ଗୂଢ଼—ଯାହା ସହଜେ ଜଣା ହୁଏ ନାହିଁ, ପ୍ରଚ୍ଛନ୍ନ,—ବାହାରେ କଠିନ ଭିତରେ ସରସ । କୁମୁଦନାଳକା—କଇଁନାଡ଼ା । ଗନ୍ଧର୍ବସତ୍ତ୍ୱା—ଗାନକୁଶଳା. ଅତଏବ କଳାବତୀ । ୪ । ଘଟ୍ଟଣ—ସୁନ୍ଦର । କୃତାନ୍ତ—ଯମ । ପ୍ରତିକାର—ମହୌଷଧ । ଶ୍ରବଣପଥେ—କାନରେ । ୫ । ନଳିନ—ପଦ୍ମ । ଇନ୍ଦୀବର—ନୀଳକଇଁ । ନୀଳକଣ୍ଠ—ମୟୂର । ମଦଗ—ମତ୍ତଖଞ୍ଜନ ପକ୍ଷୀ । ଚଞ୍ଚଳାଯୃତ—ଚଞ୍ଚଳ ଧାର୍ଯ୍ୟ । ମନ୍ଥରେ—ଅଳସରେ, ଧୀରେ । ୬ । ଅନିଳ—ପବନ; ବ୍ୟଜନ—ପଙ୍ଖା, ଅନାୟାସରେ—ସହଜରେ । ୭ । ନିହାଣୀ—ଚଭୁଷ୍ଟ; ଶ୍ଳେଷ—ଦୁଇ ବା ବେଶି ଅର୍ଥଥିବା ଉକ୍ତି । ବିଳାସ—ଲୀଳା । ଛୀନୋଦରୀ—କ୍ଷୀଣୋଦରୀ—କୃଶୋଦରୀ । ଛଡ଼ି···ନାହିଁ—ହତୋତ୍ସାହ ହେବନାହିଁ । ୮ । ରଜ—ଧୂଳି । ସ୍ନେହକଳାପ—ସ୍ନେହସବୁ । ୯ । ଝୁଳିଦଶନୀ—ସୁନ୍ଦର ଦନ୍ତୀ । ଅନକ୍ଷରେ—ଅବ୍ୟକ୍ତ ବା ଅସ୍ଫୁଟ କଥାରେ । ଝୁଳ—

Digitized by srujanika@gmail.com

ବଚନରେ—ବସ୍ତ୍ରର ତେଜରଭାବ, ଅଳକରେ ଅଳଂକାର ଓ ବଳ ବା ଛାଣ ସେ କଥାରେ ଥିବ । ଝଟକଦାସୀ—ଚଟଚଟଦାସୀ । ଝସ—ମାଛ । ୧୦ । ନୃପବଲ୍ଲଭା—ରଜାଘର ସ୍ତ୍ରୀ । ନଳନ ନାଳୀ—ପଦ୍ମନାଡ଼ । ନସର୍ଗ – ସ୍ୱଭାବତଃ । ସୁରତ-ପ୍ରଗୃର-ପାଧାକୁ—ଯାହାଠାରେ ରତିରସ ସମ୍ଭବ । ୧୧ । ଟଙ୍କଧର – ଶିବ, ତାଙ୍କ ବଇର ଶତ୍ରୁ କାମଦେବ । ୧୨ । ଅଜର—ଅଗଣା; ଠିକ – ସୁନ୍ଦର ଓ ଭଲ । ଠଣ—ସୁନ୍ଦର । ଠାଠିକ କଚ—ଉପଯୁକ୍ତ ଭାବରେ ବା ସୁନ୍ଦର ଭାବରେ । ୧୪ । ସୁଠାମ – ସୁଗଠନା, ସୁନ୍ଦରୀ । ପ୍ରେମକଳା—ପ୍ରୀତିବତୀ । ପ୍ରଣୟୋଅରଦ୍ରା—ପ୍ରୀତିପୂର୍ଣ୍ଣହୃଦୟା । ୧୫ । ଅଣ୍ୱମଧ୍ୟମା—କ୍ଷୀଣକଟି । ଅଣି—ଟେକ । ଅଣିପାରବାକୁତ—ସମକକ୍ଷ ହେବାକୁ । ଅନଙ୍ଗ…ବଢ଼ାଇରେ—ମଦନ ସମୁଦ୍ରରେ ଜୁଆର ଭଟ୍ଟା ପକାଇ ଦେଇପାରେ; କାମଭାବକୁ ବଢ଼ାଇପାରେ ଓ ଭୁଟାଇଦେଇ ପାରେ । ଅମ୍ବୁଜ—ପଦ୍ମ । ୧୬ । ତନୁ—ଅଳ୍ପ ଓ ଦେହ । ମଣ୍ଡନ କରବ—ମଣ୍ଡିବ । ତନୁଦାନେ—ଅଳ୍ପ ଦାନରେ । ହେମଗିର ଦାନେ – ସୁନାର ପର୍ବତ । ଉତ୍ତୁଙ୍ଗସ୍ତନ କନକ ଗିର – ତୋର ଉଚ୍ଚସ୍ତନ ହେଲା ସୁନାର ପର୍ବତ । ତନୁଦାନ—ଅଳ୍ପଦାନ (ଶ୍ଳେଷାର୍ଥରେ ଶରୀର ଦାନ) ର ପ୍ରତି ପୁନର୍ବାର ସ୍ତନରୂପ ସୁନାଗିର ଦାନକୁ କିଏ ନାହିଁ କରିବ, ସେତ ଭାଗ୍ୟର କଥା । ୧୭ । ଶୃଙ୍ଗାର ଶାଣରେ—କାମ ଚସର ଶାଣରେ । କାମ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ ଆଲିଙ୍ଗନ, ଚୁମ୍ବନ, ଅଧରପାନ, ନଖକ୍ଷତ, ଦଶନକ୍ଷତ ପ୍ରଭୃତି କାମର ଉଦ୍ଦୀପକ । ତତ୍‌ପରେ ସୁରତ ବର୍ଦ୍ଧ, ରତିରହସ୍ୟ ବା ବାତ୍ସାୟନ ଦ୍ରଷ୍ଟବ୍ୟ । ନଖଦଶନ ପଦ – ନଖ ଓ ଦନ୍ତର କ୍ଷତ । ୧୮ । ଅଧିକ୍ଷେପ—ପ୍ରେରଣ । ୧୯ । ସାରଙ୍ଗ ପତକା—ମଦନ ପତକା । ଝଗଡ଼ପଡ଼—ଶ୍ରମକର । ଗୂଢ଼ ବଚନା – ଯାହାର କାର୍ଯ୍ୟର ଗତି ଜଣାଯାଏ ନାହିଁ ।

Digitized by srujanika@gmail.com

୨୦ । ନେତ୍ର ପ୍ରାନ୍ତର—ଚକ୍ଷୁଲୀଳା । ୨୧ । ପ୍ରଣତ—ବଶୀଭୂତ । ୨୨ । କୋରକ—କଢ଼ି । ପକ୍ଷ୍ମଳ—ଅକ୍ଷିପତା । ଝୁଣ୍ଟ—ଯତସ୍ତାବ । ଫୁରୁଣା—ଆନନ୍ଦ । ଘାଇ—ଉନ୍ନତ, ସୁଖ । ୨୩ । ବନରୁହ—ପଦ୍ମ (ବନ—ଜଳ) । ବସ୍ତଙ୍ଗେ—ମୁଣ୍ଡରେ । ବନ୍ଧନ—ସୁଗଠଣ, ଭଉଳ । ୨୪ । ପାଟୀର ଦ୍ରବ—ଚନ୍ଦନ ଜଳ । ଆଶ୍ଳେଷ—ଆଲିଙ୍ଗନ । ଭୂରିତଳ—ବିପୁଳ । ୨୫ । କନ୍ଦର୍ପଶରେକ୍ଷଣା—ଯାହାର ଚକ୍ଷୁ ଦେଉଛି କାମର ଶର । ୨୬ । ପଦପାଟୀଧାରୀ—ସୁନ୍ଦର କଥାର କ୍ରମ । କୁସୁମ ମଣ୍ଡନ ଶିରର—ଏ ସବୁ ମୁଣ୍ଡରେ ଫୁଲ ଦେଉଥିଲା ପର । ୨୮ । ଶୋଣି—ପେଟ । ଉଜଳ—ପ୍ରକାଶ । ୨୯ । ଦେବପଥସଂଶ୍ରୟ—ଆକାଶଶ୍ରିତ । ଶ୍ଳେଷ—ଦ୍ୱି ଅର୍ଥଥିବା କଥା । ବିଷବଳିତ···ବିରଚନା (ବିଷବଳିତ—ବିଷଯୁକ୍ତ) ମଳୟ ପର୍ବତରୁ ଅର୍ଥାତ୍ ଚନ୍ଦନବନରୁ ସାପଙ୍କ ନିଶ୍ୱାସରେ ବିଷଯୁକ୍ତ ଦକ୍ଷିଣାପବନ ତ ପୁଣି ବସନ୍ତରେ କୋଇଲିର କୁହୁକୁହୁ ସ୍ୱରର କାରଣ ହୁଏ । (ଗୀତଗୋବିନ୍ଦ ଦେଖ) ୩୦ । ସୁଷମା—ସୁନ୍ଦରୀ । ଅମୃତ ଓ ବିଷ ଏ ଦୁହେଁ ରମଣୀ ନେତ୍ରରେ ଥାଆନ୍ତି । ୩୧ । ଶ୍ୟାମା—ଯୌବନମଧ୍ୟସ୍ଥା (ଶ୍ୟାମା ଯୌବନ ମଧ୍ୟସ୍ଥା) । ଯେ ଯୁବତୀ ପୁତ୍ର ଜାତ କରିନାହିଁ ବା "ଶୀତେ ସୁଖୋଷ୍ଣସର୍ବାଙ୍ଗୀ ଗ୍ରୀଷ୍ମେ ଯା ସୁଖଶୀତଳା । ତପ୍ତକାଞ୍ଚନବର୍ଣ୍ଣାଭା ସା ସ୍ତ୍ରୀ ଶ୍ୟାମେତି କଥ୍ୟତେ ।" ୩୨ । ସରସିଜମୁଖୀ—ପଦ୍ମମୁଖୀ । ୩୩ । ବଇରାଗ—ବିରକ୍ତି । ଉଚକ—ସ୍ତନ । ଡିଣ୍ଡୀର—ସମୁଦ୍ରଫେଣ । ୩୪ । ରାଗ ଜଳଧିରେ—କାମ ସମୁଦ୍ରରେ । କ୍ଷପାକର—ଚନ୍ଦ୍ର । କ୍ଷୀରସିନ୍ଧୁଜାପତି—ଲକ୍ଷ୍ମୀପତି, ଜଗନ୍ନାଥ ।

Digitized by srujanika@gmail.com

ବର୍ଷାଭାବନା ଚଉତିଶା

୧ । କାଳିକା—ମେଘ । ଭୂଶଳ—ଅଧିକ । ୨ । ଖମଣ୍ଡଳ—ଅକାଶସ୍ଥଳ । ଶିଖଣ୍ଡ—ଶିଖର । ଖଣକାନ୍ତ—ବିଜୁଳି । ୩ । ଗନ୍ଧର୍ବ-ସତ୍ତ୍ୱା — ନୃତ୍ୟବିଦ୍ୟାକୁଶଳା, କଳାବତୀ । ଗଇରିକଗୋସ୍ତ — ଗେରୁର ରଙ୍ଗପରି ବର୍ଣ୍ଣ ଯାହାର । ଗଙ୍ଗାଧରରିପୁ—କାମଦେବ । ୪ । ଘନଘଟା—ମେଘସମୂହ । ସୁଧାଂଶୁମୁଖୀ—ଚନ୍ଦ୍ରମୁଖୀ । ୫ । ନୀଳକଣ୍ଠ—ମହାଦେବ । ନୀଳେନ୍ଦୀବର—ନୀଳକଇଁ । କୁଳପାଳିକା—କୁଳସ୍ତ୍ରୀ; "କୁଳସ୍ତ୍ରୀ କୁଳପାଳିକା"—ଅମର । ୮ । ଜ୍ଞାଣୂମଣି—ଜ୍ଞାନମୟୀ । ଜଳଜାକ୍ଷୀ—ପଦ୍ମନୟନା । ଚଉଅଣ—ଉପରକୁ ଟେକା ବା ଟେକା ହୋଇଥିବା । ୯ । ମହାଘନ—ଅତିସ୍ଥୂଳ । ଝଟକହାସୀ—ଚହଟହାସୀ । ଝଷକେତନ—(ଝଷ—ମତ୍ସ୍ୟ) ମଦନ ।. ସୁଶ୍ରୋଣି—ସୁନିତମ୍ବା । ୧୦ ନୀପ—କଦମ୍ବ । ୧୧ । ଝଳବାକୁ—ଝଡ଼ବାକୁ । ୧୨ । ଠଠଣା—ଠିକ କରି । ଠାଣିଜଘନୀ—ସୁନ୍ଦର ଜଘନା । ୧୩ । ବରାରୋହା—ପରମସୁନ୍ଦରୀ ସ୍ତ୍ରୀ । ଡମ୍ବରୁକର—ମହାଦେବ । ମନୋଜତାପ—କାମଅଗ୍ନି । ୧୪ । ଅନଙ୍ଗ-ଅହିବିଷହର—କାମରୂପ ସାପର ବିଷକୁ ହରଣ କରେ ଯେ । ୧୫ । ଅଣୁମଧ୍ୟା—କୃଶୋଦରୀ । ରୁହାଅ—ରଖାଅ । ୧୬ । ତାରତରଙ୍ଗ ତୋୟଜ—ଅତିଉଜ୍ଜ୍ୱଳ ନୀଳ ପଦ୍ମ । ୧୮ । ଜାତି କଳ ନଖେ—ଜାଇଫୁଲର କଢ଼ିପରି ନଖରେ । ୧୯ । ଧବଳକିରଣ ବଦନେ—ଚନ୍ଦ୍ରବଦନରେ । ୨୦ । ହେମଗଉରୀ-ସୁନାଗୋରୀ । ୨୧ । ପୁଣ୍ଡରୀକପତ୍ରାୟତ ଲୋଚନା—ପଦ୍ମପତ୍ରପରି ବିଶାଳ ଆଖି ଯାହାର । ୨୨ । ଫୁଲ୍ଲାରବିନ୍ଦ—ଫୁଟିଲାପଦ୍ମ । ୨୫ । ମଦର-ନେତ୍ରୀକି—ଖଞ୍ଜନନୟନାକୁ । ୨୬ । ଜଳଜାକ୍ଷୀ—ପଦ୍ମନୟନା । ୨୮ ।

Digitized by srujanika@gmail.com

ଲାବଣ୍ୟଲପନା—ସୁନ୍ଦରମୁଖୀ । ୨୯ । ଲେଗୃଏ—ଗୁଡ଼ାଏ । ୩୦ । ସୁପାଣ୍ଡ—ଶେୟ । ୩୧ । ଶତବାର ସଲବଣ ଦାହ ଦେଇ ଗନ୍ଧକ—ଷଏ-ବାର ଲୁଣରେ ପୋଡ଼ାହୋଇ ସଫା ହୋଇଥିବା ସୁନାପଣ ଗୋଷ୍ଠି । ଉଦନ୍ତ—ଖବର, ବାର୍ତ୍ତା । ସୁମନଶର—କନ୍ଦର୍ପ । ୩୨ । ଦିଶୁସାରଙ୍ଗ ଅସ୍ପୃଷ୍ଟଲୋଚନା—ଛୁଆହରିଣପରି ଦୀର୍ଘ ନୟନ ଯାହାର । ୩୩ । କରୋଦରେ—ହାତଉଦରେ ।

କେଳିକଳ୍ପଦ୍ରୁମ ଚଉତିଶା

୧ । କଞ୍ଜଲୋଚନ—ପଦ୍ମଆଖି, କୃଷ୍ଣ । କ୍ରୋଧଭର—ଦୁଃଖ-ପୂର୍ଣ୍ଣ । କଳାକରମୁଖୀ—ଚନ୍ଦ୍ରମୁଖୀ ରାଧା । ୨ । ଖଟ୍ବାଙ୍ଗଧର-ଅରି—ଶିବଶତ୍ରୁ ମଦନ । ଖଚନ୍ଦ୍ରାନନା—ଚନ୍ଦ୍ରମୁଖୀ । ମୀନକେତୁ—କନ୍ଦର୍ପ । ୪ । ଘଟ୍ଟଣମୁଖୀ—ସୁନ୍ଦରମୁଖୀ । ଜଘନ—ଜଙ୍ଘ । ଘଟ୍ଟଣା—ଉପମା । ଘୁଭ୍ରକେଶୀ—ଚକ୍କଣକେଶୀ । ଘନସାର—ଚନ୍ଦନ । ୫ । ଅପ୍ୟାନ—ଆପ୍ୟାୟନ, ତୃପ୍ତି, ବିଳାସ । ନତନୁ—ମଦନ । ୬ । ପକ୍ଷ୍ମଳାକ୍ଷୀ—ସୁନ୍ଦର ଅକ୍ଷିପତା ଥିବା ଆଖି ଯାହାର । ୭ । ଛିଦ୍ର—ଛିଦ୍ର । ଛରସିନ୍ଧୁସୁତା—ଲକ୍ଷ୍ମୀ । କ୍ଷେଭ—କ୍ଷୋଭ, ଦୁଃଖ । ଛନ୍ଦାଳୀମଣି—ରସିକା । ୮ । ଯୋଗୀନ୍ଦ୍ରମୋହନୀ—ଶିବମୋହନୀ । କୁସୁମଚାପ—ମଦନ । ଝରମାଣ—ବୃଷ୍ଟି । ୯ । ଞଁକଅନନା—ଞଁଟକମୁଖୀ । ପୀନ—ବିପୁଳ । ଞୀନ—କ୍ଷୀଣ । ଞାଡ଼ରାଜ—ସିଂହ । ୧୧ । ଟମାଲ—ଥଟା । ୧୩ । ଡଙ୍ଗର—ଦୁଷ୍ଟ, ଧୂର୍ତ୍ତ । ୧୪ । ତମାଳ—ହସକଉତୁକରେ । ମୀନକେତୁ—କନ୍ଦର୍ପ । ୧୫ । ଏଣାଙ୍କମୁଖୀ—ଚନ୍ଦ୍ରମୁଖୀ । ୧୮ । ଦିନନାଥ ବନ୍ଧୁମୁଖୀ—ସୂର୍ଯ୍ୟର ବନ୍ଧୁ ପଦ୍ମ—ତାପରି ମୁଖ ଯାହାର—

ପଦ୍ମମୁଖୀ । ୧୯ । କୁସୁମ କାର୍ମୁକ—ଫୁଲଧନୁ । ୨୦ । ନାକ—ସ୍ୱର୍ଗ; ନାଗନାରୀ — ପାତାଳର ନାଗସ୍ତ୍ରୀ । ଜୀବଧାମ — ଜୀବନର ଆଶ୍ରୟସ୍ଥାନ । ୨୧ । ପଲ୍ଲବପ୍ରୀତି — ଶୃଙ୍ଗାରରେ ପ୍ରୀତି । (ପଲ୍ଲବ — ଶୃଙ୍ଗାର) । ପିଶୁନ — କ୍ରୂର । ୨୨ । ଫାଉ — ବଡ଼ । ଫୁରୁଣା — ଆନନ୍ଦ । ୨୪ । ଭାବନୀ — ସୁନ୍ଦରୀ । ଉରଜ — ସ୍ତନ । ତ୍ରପ — ଲାଜ । ୨୬ । ଜଳଜାକ୍ଷି — ପଦ୍ମାକ୍ଷି । ୨୭ । ରସକଳା — ରସବତୀ । ୨୮ । ନହୁଲୀ — ନୂଆ । ୩୦ । ଶମ୍ବର ଶର — କନ୍ଦର୍ପଶର । ୩୨ । ଶମ୍ବରଘାତ — ପ୍ରଦ୍ୟୁମ୍ନ ବା କାମଦେବ, ତାଙ୍କ ପିତା ଶ୍ରୀକୃଷ୍ଣ । ଶଶିପ୍ରେକ — ଚନ୍ଦ୍ର । ସାରଙ୍ଗଧରକୁ — କୃଷ୍ଣଙ୍କୁ । ୩୩ । ହିମାଂଶୁମୁଖୀ — ଚନ୍ଦ୍ରମୁଖୀ ୩୪ । କ୍ଷୀରସିନ୍ଧୁଜେମାପତିଚରଣ — ଲକ୍ଷ୍ମୀପତି — ଜଗନ୍ନାଥଙ୍କ-ପାଦ ।

ପ୍ରେମଚିନ୍ତାମଣି ଚଉତିଶା

୭ । ଅବଚ୍ଛନ — ଅବଚ୍ଛିନ୍ନ ଶବ୍ଦଜ, ସର୍ବଦା । ୧୦ । ନବ-ର୍ତ୍ତାଉ — ମନାଙ୍କରୁ । ୧୨ । ଠୂଳ ପୁରୁଷ — ସାକାରବ୍ରହ୍ମ । ୧୭ । ଥୋଇଥା ଗଣ୍ଠି ବସନେ — କାନରେ ଗଣ୍ଠି ପକାଇଥା ୧୯ । ତ୍ରୁଟି — ସ୍ୱଳ୍ପକାଳ; କ୍ଷଣର ଏକ ଚତୁର୍ଥାଂଶ ସମୟ ବା ନିମେଷର ସମୟ । ୨୩ । ବୂଢ଼ଲା କଣ୍ଟକ ମାରଣା ତା ଅକ୍ଷି — ଅଳ୍ପରେ ବୂଢ଼ଲା ଅକ୍ଷି ହେଲା ଷଣ୍ଢ । ୨୪ ମର୍କତ ବଲ୍ଲରୀ — ମରକତ ମଣିର ଲତା । ୨୯ । ବିବେକ ଚଢ଼ାଇ — ବିବେକ ହେଲା ପକ୍ଷୀ । ବିବେକ ଚଢ଼ାଇ ବେକ ମୋଡ଼ାଇଲାତ — ଅଭିମନ୍ୟୁ । ୩୩ । ସ୍ଥାନ — ଆଶ୍ରୟ । ୩୪ । ରସିକରି ରସ — ରସିକାଶ୍ରୟ ଶ୍ରୀକୃଷ୍ଣଙ୍କ ରସ ।

Digitized by srujanika@gmail.com

ଦୂତୀଚଉତିଶା

୧ । କଳ୍ପତରୁ ନବଅଙ୍କୁର–ବାଞ୍ଛାବଟର ନୂଆଗଜା–ଅଭୀଷ୍ଟଫଳ ଦାତା । ୨। ଖୀନନାଳ – କ୍ଷୀଣନାଳ – ସହସ୍ରଦଳ ପଦ୍ମର ଯେ ସୂକ୍ଷ୍ମନାଡ଼ି ତା ଉପରେ କୃଷ୍ଣଚନ୍ଦ୍ର ଅଛନ୍ତି । ୩ । ଗୋଷ୍ଠଦ୍ୱାଟ – ମେରୁ ଶିଖରରେ ଅବସ୍ଥିତ – ଯୋଗର ବିଷୟ—ଶରୀରର ତମ୍ଭଉପରେ ଯେ ତ୍ରିକୂଟ, । ତା ଉପରକୁ ଗୋଷ୍ଠଦ୍ୱାଟ । ପରଚେଗୀତା ୧୮ଶ ଅଧ୍ୟାୟ ଦେଖ । ୫ । ଓଲଟ କଦମ୍ବ – ଶରୀର ମୂଳ ହେଉଛି ମୁଣ୍ଡ,ଶାଖା ହେଉଛି ହସ୍ତ ପାଦ । ଏହା ଗୀତାରେମଧ୍ୟ ଅଛି–"ଊର୍ଦ୍ଧ୍ୱମୂଳଂ ଅଧୋ ଶାଖମ୍"-ଇତ୍ୟାଦି, ମନୁଷ୍ୟର ଶରୀର ହେଉଛି ଓଲଟ କଦମ୍ବ, ତାର ମୂଳରେ–ଶିରର ଊର୍ଦ୍ଧ୍ୱଭାଗରେ । ୭ । ଛଡ଼ଚକ୍ର—ମୂଳ ବା ଆଧାରଚକ୍ର, ଲିଙ୍ଗ-ଚକ୍ର, ନାଭିଚକ୍ର, ହୃଦଚକ୍ର, କଣ୍ଠଚକ୍ର, ଓ ଲଲାଟଚକ୍ରରେ ଯଥାକ୍ରମେ ଗଣେଶ, କାମଦେବ, ବ୍ରହ୍ମା, ନାରାୟଣ, ଶିବ; ତା ଉପରେ କୃଷ୍ଣ । ଅବାଡ଼ ପ୍ରତିମା – ଜ୍ୟୋତିର ଲହରୀ ମଧ୍ୟସ୍ଥ ଦେବତା । ୯ । ଝୁର-ଷିଝେ—କଣ୍ଠ ଉପରେ ତାଳୁରେ । ୧୧ । ତ୍ରିବେଣୀ—ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାଙ୍କ (ଗଙ୍ଗା ଯମୁନା ଓ ସରସ୍ୱତୀର) ମିଳନ ସ୍ଥାନ । ୧୨ । ଠୂଲଶୂନ୍ୟପରେ – ଅର୍ଦ୍ଧମାତ୍ରା ଉପରେ, ଭ୍ରୂଲତାର ମଧ୍ୟସ୍ଥାନର ଉପର ଭାଗରେ । ୧୪ । ଠିଅ – ସ୍ଥିତ, ରହିଅଛି । ୧୫ । ଅଣସର ଘରେ – ସୁଷୁମ୍ନା ଘରରେ । ୨୧ । ପର ପୀରତିରେ ପରମମିଳା—ପରକୀୟା ରସରେ କୃଷ୍ଣଙ୍କ ସହିତ ଜୀବକୁ ଭେଟାଅ ଅନ୍ୟପାଠ—(ପରମସଙ୍ଗତେ ଜୀବକୁମିଳା) ପରରଜ ବିଶ୍ୱର—ପରରଜ, ସପ, ବଦ—ଏହା ଗାୟତ୍ରୀର ମୂଳ ଶବ୍ଦ—ଏହାର ଅର୍ଥ ରଜ-ଗୁଣର ଉପର । ୨୨ । ଫୁଲ ମକରନ୍ଦ–ସହସ୍ରଦଳପଦ୍ମରେ । ଭ୍ରମର—ଶୁଦ୍ଧଜୀବ । ୨୩ । ବାରଅଙ୍ଗୁଳ ନିଶ୍ୱାସ, ବାରଅଙ୍ଗୁଳ ପ୍ରଶ୍ୱାସ । ଗୁର-

Digitized by srujanika@gmail.com

ଊର୍ମି, ଧୂମ୍ରି, ଜ୍ୟୋତି, ଜ୍ୱାଳା,—୪କଳା ମିଶାଇଲେ ବ୍ରହ୍ମଜ୍ଞାନ ହୁଏ । "ବାରକୁ ବାର ଚନ୍ଦ୍ରବଂଶ । ବାର ପରମହଂସ ମିଶ । ବାର ମିଶାଇ ବାରମେଳ । ଶିବ ଏ ରସେ ମତ୍ୟଭୋଳ । ନାରଦମୁନେ ବ୍ରହ୍ମଜ୍ଞାନୀ । ଅଛନ୍ତି ଏ ଭାବକୁ ଘେନ ।,, 'ବ୍ରହ୍ମଶଙ୍କୁଳ,, ୧୧ଶ ପଟଳ ଦେଖ) ।

ଅନ୍ୟପାଠ—ବାର ବାଉ ଝଡ କହୁଛ ସହ ।

୨୭ । ରସ—ତଳ—କୀର୍ତ୍ତନରେ ରସ ପ୍ରାପ୍ତ ହୁଏ—ଏଠାରେ ଲୀଳାଙ୍ଗର କଥା । ୨୮ । ଯୋଗ, ଭୋଗ, ଲୟ ଓ ଲୀଳା ଅଙ୍ଗରେ କ୍ରମିକ କୃଷ୍ଣରସ ନିଷ୍ପନ୍ନ ହୁଏ । ଯୋଗର ଲୟପରେ କୃଷ୍ଣ ଲୀଳାରେ ଲୋପ ମଟନ୍ତ—ଗୁରୁଭକ୍ତିଗୀତା ଦେଖ ।

ଶବଦ ଶୁଭଇ ଶିଶୁବେଦରେ—ସୁଷୁମ୍ନାମୂଳ ରେ; କାଂସ୍ୟ, ଝାଞ୍ଜାଲ ପ୍ରଭୃତି ଶବ୍ଦପରେ ବଂଶୀସ୍ୱନ ଶୁଭେ—ବ୍ରହ୍ମପ୍ରଣବ ସଲଗ୍ନାଦୋ ନ୍ୟୋତିର୍ମୟାତ୍ମକଃ । ମନସ୍ତତ୍ର ଲୟଂ ଯାତି ତଦ୍ବିଷ୍ଣୋଃ ପରମଂ ପଦମ୍ ।

ଅଭିନ୍ନା ଚଉତିଶା

୧ । କଳାକର—ଚନ୍ଦ୍ର । କେହୁ—କପର । ୨ । ମୀବି—ଖୋସଣି । ଅଙ୍କ—ବାନ୍ଧ । ୩ । ଗୁଣଗଉରୀ—ଶୋଭାବତୀ । ୪ । ଡାଗଡ଼ା—କଣ୍ଠର ଅଳଙ୍କାର; ହେମ ଶିକୁଳ—ସୁନାସୂତା । ଘଟଣ—ସୁନ୍ଦର । ହେମଉରଜେ—ସୁନାବର୍ଣ୍ଣର ସ୍ତନରେ । ୫ । ବଳଅଇ—ଅଗମଡ଼ା ହୋଇ । ନନ୍ଦନ—କନ୍ଦର୍ପ । ୬ । ଶୂଣ୍ଣେ—ଶୀଘ୍ର । ୯ । ଝଳ—ଝଟକ । ଝଳଛି—ଜଡ଼ିଯାଇଛି । ୧୦ । ନିଧୁବନ—ରତି । ୧୧ । ଟଙ୍କଧରରିପୁ—ବିଙ୍କର ଶତ୍ରୁ କନ୍ଦର୍ପ । ୧୨ । ଠାଠିକ ଅତିସୁନ୍ଦର ୧୩ । ବାତେ—ପବନରେ । ୧୪ । ଛଳହଳ—ତରଳ, ଚଞ୍ଚଳ ।

Digitized by srujanika@gmail.com

୧୮ । ଦେବପାଣି—ସ୍ନାନ । ଦେହଳ—ଘରର ପିଣ୍ଡାରେ । ୨୧ । ପରଶୁପାଣି—ମହାଦେବ । ୨୨ । ଫୁଟୁଛୁ—ଦଶୁଦେଉଛୁ । ୨୩ । ପ୍ରବାସ—ନିର୍ବାସନ, ଏଠାରେ ପ୍ରବାସରେ । ମାଜଲ୍ୟ ମଦନ ମୁକୁର—ତଳକର ଘଷାଦେବାରୁ ଝଟକୁଥିବା ଦର୍ପଣ—ତା ମଦନର ଦେଖିଲେ ତୋ ମୁଖ ପରି । ପୂର୍ବେ ଧାତୁ ଦ୍ରବ୍ୟରେ ଦର୍ପଣ ହେଉଥିଲା; 'ଉଗ୍ରଚ' ଦେଖ । ୨୬ । ଜ୍ଞାନେମଣି—ଜ୍ଞାନମୟୀ । କମ୍ବୁନଦଗୋଷ୍ଠୀ—ସୁନାଗୋଷ୍ଠୀ । ୨୭ । ରମ୍ଭା, ମେନୋରମା, ତିଲୋତ୍ତମା—ଅପ୍ସରାମାନେ । ରତି—କନ୍ଦର୍ପର ସ୍ତ୍ରୀ । ଶଚୀ—ଇନ୍ଦ୍ରଙ୍କ ସ୍ତ୍ରୀ । ୨୮ । ଲକ୍ଷାରସରେ—ଅଳତାରେ । ୩୦ । ସରୋଜାକ୍ଷି—ପଦ୍ମାକ୍ଷି । ଉପରଣ—ଓଢଣି । ୩୩ । ସୁରତ ସଦନରେ—କେଳିଗୃହରେ । ୩୪ । କ୍ଷପାକରମୁଖୀ—ଚନ୍ଦ୍ରମୁହିଁ । ପଟାନ୍ତର—ତୁଳନା ।

ବା ଚଉତିଶା

(ଲୋକନାଥ)

୧ । ସ୍ୱର—ଡାକ । ୨ । ଖଳ—ଫସଲ । ଯାଚୁଥିବେ—ବସାଉଥିବେ, ଘଷୁଥିବେ । ୩ । ଗାରଡ଼ି—ମାୟାବିଦ୍ୟା, କେଳାଭଣ୍ଡ । ସ୍ୱରସ୍ତ—(ସ୍ୱଦସ୍ତ) ସ୍ୱାମୀ । ୪ । ନେତ—ନାତ, ଶ୍ରେଷ୍ଠ । ୫ । ଭୂଥା—ସ୍ୱାମୀ । ୬ । ଚଉତରାପେ—ଚଉତରାରେ ବସିଲେ ବ୍ରାହ୍ମଣମାନେ । ମଦ୍ୟପ—ମନୁଷ୍ୟ । ୭ । ଛତ୍ରି—ଛତ୍ରିୟ । ୮ । ଭାଟ—ମଦରାନ୍ଧବା ଚୁଲ୍ଲି । ୧୦ । ନସତ—ମିଛୁଆ । ୧୪ । ନମହତା—ଅମହତ । ୧୭ । ବ୍ୟାଘ୍ରୀ—ବିବାହିତା । ଥେଣ୍ଟ—ଗେହ୍ଲର । ୧୮ । ପେଇଲ୍ଲ—ଶୂକର, ଗୋଲ୍ଲାମ । ଦାଉଣ୍ଡି—ବେଙ୍ଗଳା ବଳଦ । ୧୯ । ଚକଣି—ଚକଚକିଆ ।

Digitized by srujanika@gmail.com

୨୦ । ନିସତ—ଅସତ୍ୟରେ ବା ଅଳସପଣରେ । ଖନ୍ଦ—କୃଷି । ହନ୍ତସନ୍ତ—ହଇରାଣ । ୨୧ । ଲୋକ—ଶୂକର । ୨୨ । ସାହୁ—ମହାଜନଙ୍କୁ । ୨୩ । ପାଇଛ—(ବାଦସା ଶବ୍ଦରୁ ଅପଭ୍ରଂଶ) ବଡ଼ରାଜା । ୩୨ । ଅପଟ—ବେହୋସ । ୩୩ । ହିମ—ହିମାଳୟ ।

ବା ଚଉତିଶା

(କପିଳ)

୨ । ରଗେ ଲଗାଇଲ କଳ—(ପାଠଶୁଦ୍ଧ) — ରେଗେ ଲଗାଇଲ କେଳ — (ପାଠ ଅଶୁଦ୍ଧ) ଖୁମାଣପଣେ — କ୍ରୋଧରେ, ବଳାତ୍କାରରେ ବ୍ରାହ୍ମଣ ପୁଅ ଦେହରେ ଧୂଳି ପକାଇଲ — କୃଷ୍ଣ ତାର ପିତା ଅନ୍ଧ ଆଗରେ କହିଲ ଯେ ତା ପୁଅ ତୁମ ଅଙ୍ଗରେ ଧୂଳି ପକାଇ ଅଛି; ତାକୁ ଦେଖିବାକୁ କହିବାରୁ ତା ଆଖି ଫିଟିଗଲା । (ଅଚ୍ୟୁତଙ୍କ ହରିବଂଶ ଦେଖ) । ୫ । ଗଉଛୁ — ଗଛୁଛୁ, ମଣ୍ଡୁଛୁ, ଶୋଭାପାଉଛୁ । ୭ । ପଡ଼ିତାନତ — ପଡ଼ିଲାପରି । ଲକ୍ଷ୍ମଣରୂପେ ସୂର୍ପଣଖା ନାସା ଛେଦିଲ । ୮ । ଜନୁପତି — ଯମ । ଶଙ୍କର — ଶୂକର । ପାଷାଣ — ଅହଲ୍ୟା । ଅସୁରୀ — ତାଡ଼କା । ୯ । ଝମ୍ପଣ୍ଟକେ — ଅଳ୍ପକରେ । ଅସୁର — ଶିଶୁପାଳ । ରାଜାରଝିଅ — ରୁକ୍ମିଣୀ । ୧୦ । ଅନୁପାମ — ଅତୁଳ । ଦ୍ରୂପଣ୍ଡିକ — ଦ୍ରୌପଦୀକ । ବଜ୍ରସେଣ୍ଡା — ବଜ୍ରକବଚ — ରକ୍ଷକ । ନନ୍ଦଙ୍କୁ ବରୁଣରାଜା ନେଇଥିଲେ ତାଙ୍କୁ ଉଦ୍ଧାରକଲ ଓ ଗୋପୀମାନଙ୍କୁ ଅଗ୍ନିମୁଖରୁ ରକ୍ଷାକଲ । ୧୩ । ଡମ୍ବରୁଧର—ଶିବ । ୧୫ । ଅଣଅଭୃଢ଼—ଅଣାକାର । ମଣି—ସ୍ୟମନ୍ତକମଣି ।

Digitized by srujanika@gmail.com

୧୭ । ଚଲେକର—ଚକ୍ରଯୁକ୍ତର—ମନ ଲଗାଅ । ୧୮ । ବ୍ରାହ୍ମଣମିତ—ସୁଦାମା ବିପ୍ର ଭୂମୃର ମିତ । ୧୯ । ଧରଣୀଧର—କୃଷ୍ଣ । ଦୈତ୍ୟ—ଜରାସନ୍ଧ । ୨୦ । ଗୋପରେ ଅଗ୍ନି ଭକ୍ଷଣ ଭାଗବତରେ ଦ୍ରଷ୍ଟବ୍ୟ । ୨୧ । ସମ୍ବଲ—ଧନ । ଶଙ୍କର ଓ ଯମ ନାମ ଭଜ, ଅଛନ୍ତି ବା ନାମ ଚଲେ ଯମ ଯେ ସେ ମଙ୍ଗଳକାରୀ ହୁଅନ୍ତି । ୨୨ । ଫାଇ—ବଡ଼ । ଫୁରୁଣା—ପ୍ରଦ୍ୟୁମ୍ନ । ଫାଇ—ବନ୍ଧୁ । ୨୪ । ଭୁଜ (ଭୂଜ ଭୂଲ) ଠେକ । ଭୋଲାନାଥ—ଶିବ । ୨୫ । କଂସର କୁବଳୟା ହସ୍ତୀଦନ୍ତ ଉପାଡ଼ିଲ । ୨୭ । ଗୁରୁପୁତ୍ର—ସାନ୍ଦିପନ ଋଷିଙ୍କ ପୁତ୍ର । ଘଟ—ଯୋଗ୍ୟ । ୨୭ । ଋଷି—ମାର୍କଣ୍ଡେୟ । ୨୯ । ବ୍ରାହ୍ମଣକନ୍ୟାମାନେ ବୃନ୍ଦାବନରେ କୃଷ୍ଣଙ୍କ ଦର୍ଶନ କରିବାକୁ ଯାଇଥିଲେ ତାଙ୍କୁ ପ୍ରବୋଧଦେଇ ଗୃହକୁ ଫେରାଇ ଦେଇଥିଲେ । ବଜ୍ରଧର—ଇନ୍ଦ୍ର । ଇନ୍ଦ୍ରଧ୍ୱଜ ପୂଜା ବନ୍ଦକରାଇ ଗୋବର୍ଦ୍ଧନଗିରି ଟେକି ଇନ୍ଦ୍ରକୁ ଅପମାନଦେଲ । ଦଶଶିର—ରାବଣ । ୩୨ । ଭୃତ୍ୟପାଦ—ଭୃଗୁଙ୍କ ପାଦପ୍ରହାର । ୩୪ । କାଞ୍ଚିପାଡାବେଳେ ମାଣିକ ଗଉଡ଼ୁଣିଠାରୁ ଦୁଧଖାଇ ତାଙ୍କୁ ମାଣିକ୍ୟ ମୁଦି ଦେଇ ଯାଇଥିଲ ।

କଳସା ଚଉତିଶା

୧ । ହେମନ୍ତ ଦୁଲଣୀ— ହିମାଚଳ କନ୍ୟା ପାର୍ବତୀ—ପିତାମଣି—ଭଲ ବାପା (ବିରକ୍ତି ବା ପରିହାସ ସୂଚକ ଉକ୍ତି) ୨ । ସାହାସେଣ ଶ୍ୱାସବେଗରେ । ୩ । ମୁଦ୍ରା—କାଠ ବା କଇଁଛ ଖୋଲର ମୋଡ଼ିଅ ଯାହାକୁ ବାବାଜିମାନେ କାନରେ ପିନ୍ଧନ୍ତି । ବେଭଲ—ବିହ୍ୱଳ । ୪ । ଘଟ ଘଟ—ଥରକୁଥର । ଲୋଷ୍ଟ୍ରଏକ—

Digitized by srujanika@gmail.com

ଫୁଲାଏ । ୫ । ଖଣି ଖଣା— ଖଣିଗାତ । ୬ । ଚକୋର—ଚକ୍ରୀ, କପଟିଆ । ୭ । ଛିନ୍ନ—କ୍ଷୀଣ । ଗନ୍ଥା—ଚିର୍ ଲୁଗାରେ ସିଲାଇ ହୋଇ ଉପର ହୋଇଥିବା ଟେକାଇ । ଘୋର—ଘୋର ଗର୍ଜନ । ୮ । ଜଙ୍ଗମକୁ-ବାବାଜୀଠାକୁ ।୯। ଝମ୍ପକୁଣ ଧର—ଧରି କରି ଦବ ବା ନଇଁ ଯାଉଛି ୧୦ । ନସନ୍ଧେଣ—ଦୁର୍ବଳ ଭାବରେ । ରୁଚ—ଭଲଲାଗେ । ୧୧ । ଠକ ଠକ—ଶୁଖିଲା ଲୋଡଗ୍ ହୋଇ । ଠାକରା—ହୀନ ଦରିଦ୍ର । ନମାଁଶି—ନିରାଶ୍ରୟ । ଅପାବନ—ଅପବିତ୍ର । କୁସ୍ଥିତ ।୧୩। ଡଙ୍ଗର—ଧୂର୍ତ୍ତ କପଟୀ ବା ସେବକଭାଙ୍ଗୁଅ—ମୁଦାଳିଆ ପାତଳା ।୧୪। ଝୋଉଁ—ହୀନ, ନୀଚ ଟୋକରା—ଅତିଦୁର୍ବଳଆ ବୁଢ଼ା । ଉମାଳ—ହସକଥା । ନଚର ସ୍ଥାନରେ ନକର ପରି । ୧୫ । ଅଣମନୁଷ୍ୟ—ଅମନୁଷ୍ୟ । ଅଣଖ—ଲଜ୍ଜା ବା ନିନ୍ଦା । ଅଣଉଦ୍ଧାଡ଼ରେ—ଅଳ୍ପଉଦ୍ଧାଡଥିବ ଅଥଚ ଦେଖା ଯାଉଥିବାସ୍ଥାନରେ । ୧୬ । ଚଡ଼ଚେ—ଅତିଶୀଘ୍ର । ୧୮ । ତୃଣ ଧୂଣ, ଘାସ । ୧୯ । ମୁଦୁସ୍ଥଲୀ—ଦାସୀ । ୨୨ । ଫରମାଣ—ହୁକୁମ ଆଜ୍ଞା ଫରସେ—ସେବକ ପଣରେ, ଭଲକରି । ୨୭ । ଓଢ଼ିଅଣି—କଟି ମେଖଳା । ରାଜୀବ—ପଦ୍ମ । ୨୯ । ଠମ୍ଭା—ଆସନ ବିଶେଷ । ୩୪ । କାଦ—ବିବାହର ପଞ୍ଚମଦିବସର କୃତ୍ୟ ବିଶେଷ ।

ରସକୁଲ୍ୟା ଚଉତିଶା

୧ । ରାଧା—ରାଧା । କୁବଳୟ ଫଳ—ମୋକ୍ଷ । ୨ । ଶକ୍ର—କୋଦଣ୍ଡ—ଇନ୍ଦ୍ରଧନୁ । ୪ । ବାଟେ—ବଜାଏ । ଘାଉ—ଘାତ । ଘାଉଆ—ଘାତପ୍ରାପ୍ତ । ୫ । ସଦନଦୁଖ—ଘରଦୁଃଖ । ୬ । ଚଞ୍ଚଳା—ଲକ୍ଷ୍ମୀ । ଚତୁରାନନ—ବ୍ରହ୍ମା । ଚନ୍ଦ୍ରଶେଖର—ମହାଦେବ ।

Digitized by srujanika@gmail.com

୭। ଜମ୍ବୁନଦ – ସୁନା । ଯାମିନୀ–ରଜନୀ ।୯। ଝିମଣ୍ଡକେ – ତ୍ବରିତରେ । ଝାଡ଼କା – ଶୀଘ୍ର । ଝସକେତନ – କନ୍ଦର୍ପ । ଝଗଡ଼ – ଦୋଷଦେଇ କହୁଛି । ଝୀନପତନୀ – ସରୁଲୁଗା । ୧୦ । ନତନୁ – କାମଦେବ । ୧୧ । ରଣଝଣ – ଅସ୍ତବ୍ୟସ୍ତ । ୧୨ । ତ୍ରିଖଭାନ୍ – ବୃଷଭାନ୍ । ୧୩। ଡ଼ଂସିଲା–ଦଂଶିଲା । "ଭୁଲୋହଲୁ ନାଶ" ପାଠ ଚଳ "ନୋହଲୁ" ଛାଡ଼ ଅଛି । ୧୫ । ଏଣୀନୟନୀ–ମୃଗନୟନାରାଧା । ଅଣମନୁଷ୍ୟ – ନପୁଂସକ । ୧୭ । ଛମିର – ବାଡି । ୧୮ । ଜମ୍ବୁନଦ – ସୁନା । ୧୯ । ଧରଣୀଧର – କୃଷ୍ଣ । ଧ୍ରୁବ – ଠିକ । ୨୦ । ନ ଆଇବେ – ଆସିବେ ନାହିଁ । ୨୧ । ବଘଂସ – ବକସିଢ । ୨୨। ଫାର – ଭଲ,ଚନ୍ଦ୍ଠ ୨୫ । ହେମ ଲତିକା – ସୁନାଲତା ରାଧା । ୨୬ । ସିହାଣ – ଚତୁରୀ । ଉନ୍ମାଦେ – ଉନ୍ମତ୍ତଭାବରେ । ୨୭ । ଉରଜ – ସ୍ତନ । ମତା – ମତ୍ତା ୨୮ । ଲଖ – ନଖ । ୩୦ । ଜବଣୀ – କୁଡ଼ା – ମୃଗମଦ – କସ୍ତୁରୀ । ୩୨ । ହିଙ୍ଗୁଫଳ – ମୁକ୍ତା । ୩୩ । ପରାଧିନୀ – ଅପରାଧିନୀ ।

ଯାନ କନଡ଼ା ଚଉତିଶା

୨ । ସାଧୁଗୋଷ୍ଠିରେ – ସାଧୁସଙ୍ଗରେ ବା ସଭାରେ ।୩। ଗନ୍ଧବ– ଗନ୍ଧଳ ବା ଧନ୍ଦଳ । ଘାଠ – ନିକୃଷ୍ଟ, ଊଣା । ୪ । ଘାଏ – ଘାତରେ ପ୍ରହାର କରେ । ୬। ଶୋଭ – କ୍ଷୋଭ, ଦୁଃଖ ।୮। ଯତନେ – ଉତ୍କୃଷ୍ଟ ବଷଯୂରେ ।୯। ଝଗଡ଼େ – ଧନ୍ଦଳଣ, ବିବାଦରେ । ଝେଝଇ–ଅସ୍ତବ୍ୟସ୍ତ ଝଙ୍କାର – ଓଁକାର ଝିଙ୍କି । ୧୦ । ନଠ ଘଠ – ବୃଥାବ୍ୟସନରେ ଖେଳ କଉତୁରେ । ୧୧ । ଟକର – କ୍ଷୁଦ ବା ଉଚ୍ଚଜାଗା । ଟୋପରେ – ଖାଲରେ । ଟେକ – ଉଚ୍ଚସ୍ବରରେ । ୧୨ । ଠାଠିକ – ଉପଯୁକ୍ତ,

Digitized by srujanika@gmail.com

ପ୍ରକୃତ ଠିକ୍ । ଠଣ—ଉତ୍ତମ । ୧୫ । ଅଣିମାଦ—ଅଣିମା—ଲାଘିମା, ପ୍ରାକାମ୍ୟ ଇତ୍ୟାଦ ସହ ଐଶ୍ୱର୍ଯ୍ୟ । ଅଗୋଷ୍ଠି—ଅସାଧ୍ୟ । ୧୭ । ଧୃଷ୍ଟ—ଧୂର୍ତ୍ତ, ଦୁଷ୍ଟ । ଅଜା ରଖୁଥିଲ—ଛେଳରଖୁଥିଲ । ୨୮ । ଲେଛ୍ଳଲ—ଛଡ଼ିଲ । ୩୨ । ଷଡ଼୍ ମୂକୁଳ—ସାତପାଖୁଡ଼ା । ୩୪ । ତ୍ରିଗୁଣ—ସତ୍ତ୍ୱ, ରଜ ଓ ତମ, ପ୍ରକୃତିମାୟା ।

କଳିଗମନ ଚଉତିଶା

୧ । ହେଠ—ଅଧ,ତଳୁଅ । ଢକେ—ଢପାଇଁ । କବରୀ—ଜୁଡ଼ା । ୩ । ଜଅଡ଼ଅଛୁ—ତଳେ ପକାଇ ଅଛୁ । ୩ । ଗହ୍ୱର କର—ଗହ୍ୱଳ ବା ଧନ୍ଦ । ୪ । ଘାଉ—ଅଘାତ ପ୍ରାପ୍ତ ।୫। ଢକେ କନମେତ୍ର । । ୧୧ । ଝଙ୍କାର—ଅବହେଳା । ୧୫ । ଅଣଶ—ଜାନ୍ଧବ ବା ଲଙ୍ଘେତ ହୋଇ ? ୧୬। ଫୁଟୁଛି—ଦଗ୍ଧହେଉଛି । ଜାସ—ସଜ ଛନ୍ଦ; ବା ମୋତେ ଜାସ—ଭୟ ଲଗାଇ । ୧୭ । ଥବର—ସ୍ଥିର । ୨୦ । ଭମାଙ୍ଗୀ—ଦୂର୍ଣାଙ୍ଗୀ । ନନ୍ଦନ—କନ୍ଦର୍ପ । ୨୨ । ଫୁରୁଣା ମନର ପ୍ରଫୁଲ୍ଲତା । ମୀନକେତୁ—କନ୍ଦର୍ପ । ୨୫ । ମନୋଜ—କନ୍ଦର୍ପ । ୨୬ ଜମ୍ବୁନଦ—ସୁନା

Digitized by srujanika@gmail.com

ପ୍ରାଚୀ ସମିତି ପ୍ରକାଶିତ

ଚଉତିଶା-ମଧୁଚକ୍ର

ଦିନକୁ ଦିନ ବଢ଼ିଲା

ପାଠକର !   ପାଠକର ! !

ତିନିଖଣ୍ଡ ପ୍ରକାଶିତ ହୋଇଥିଲା, ଚତୁର୍ଥଖଣ୍ଡ ବାହାରିଲା ।

ଉତ୍କଳର ପୁରାତନ ସାହିତ୍ୟ-ସମୁଦ୍ର ମନ୍ଥନରୁ କେତେ ଯେ ଚଉତିଶା-ରତ୍ନ ମିଳୁଛି ତାହାର ଇୟତ୍ତା ନାହିଁ—ତେଣୁ କହି ହେଉନାହିଁ ଚଉତିଶା ମଧୁଚକ୍ର କେତେ ଖଣ୍ଡରେ ପୂର୍ଣ୍ଣ ହେବ ।

ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଆଠଅଣା

ପ୍ରଥମ ଖଣ୍ଡ

ବାନ୍ଧବୀ ଚଉତିଶାରୁ—

କ୍ଷଣେ ଯେ ପାଶରୁ ମୋତେ ନ କରୁ ଅନ୍ତର
ଖଳ ଦଇବ ବଶରୁ ହେଲୁ ଏତେ ଦୂର
ଆହା ବାନ୍ଧବ ରେ !
ଗଳାରେ ବାହୁ-ବନ୍ଧନ ବେଢ଼ାଇ ମୋହର
ଗଲାଇ ଯେ ବୋଲୁଥାଉ ନୋହିବା ଅନ୍ତର
ଆହା ବାନ୍ଧବ ରେ !

ଦ୍ୱିତୀୟ ଖଣ୍ଡ

ଘନଶ୍ୟାମ ଚଉତିଶାରୁ—

ଖଳ ରାହୁ ବଦନ   ଅମୃତ ହେଲା ପ୍ରାପ୍ତ
କାମମୁଖେ ଅମ୍ଭଙ୍କୁ ଦେଇ

Digitized by srujanika@gmail.com

ଖଣ୍ଡେ ସମସ୍ତ ସୁଖ   ମଣ୍ଡନ କର ଦୁଖ

ସଜ ହୋଇଛ ଯିବାପାଇଁ ହେ

ଘନଶ୍ୟାମ !

ଖାଇ ମରନ୍ତୁ ଅବା ବିଷ

ଖଣ୍ଡିତ ଅଛ ତାହା ଦୋଷ

ଖିଆଇ ସୁଧାକର   ଅମୂଲ୍ୟ ମନୋହର

ରଙ୍ଗିମା ଅଧରୁ ପୀୟୂଷ ହେ । ୬ ।

ତୃତୀୟ ଖଣ୍ଡ

ନବଘନ ଚଉତିଶାରୁ—

ଖାଇବା ଖେଳିବା ସୁଖ
ଛଣକେ ଦେଖିଲେ ପଙ୍କଜମୁଖ—ନବଘନ !
ଦେଇଗଲେ ନାନା ଦୁଃଖ—ନବଘନ ! । ୧ ।

ଯଶୋଦା ନନ୍ଦନ କାହ୍ନୁ
ଜୀବ ଥିବାଯାକେ ନ ଯିବେ ମନୁ—ନବଘନ !
ଜୀବ ଗଲେ ଯିବେ ମନୁଁ—ନବଘନ ! । ୮ ।

ଚତୁର୍ଥ ଖଣ୍ଡ

ପ୍ରେମଚିନ୍ତାମଣି, ମହାଙ୍କଙ୍କ ଚଉତିଶା ପଢ଼ନ୍ତୁ ।—

ନାଁ ସବୁଯାକ ପଢ଼ନ୍ତୁ ।

ପ୍ରାପ୍ତିସ୍ଥାନ :—

ପ୍ରାଚୀ ବୁକ୍‌ଷ୍ଟଲ, ଗଣେଶଘାଟ—କଟକ ।

Digitized by srujanika@gmail.com

Printed by S. C. Patnaik, B.A.
at the
PRACHI PRESS,
CUTTACK.
1931

Digitized by srujanika@gmail.com